
# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-238 ♦MONDAY ♦23 FEBRUARY 2026 ♦PAGE-12 ♦₹ 7.00


JEYPORE

♦ବର୍ଷ-୪୩ ♦ସଂଖ୍ୟା-୨୩୮ ♦ସୋମବାର ♦୨୩ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

## କତାର ଓପନ୍ ଜିତିଲେ ଅଲ୍‌କାରାଜ

▶ପୃଷ୍ଠା ୧୧ ଦେଖନ୍ତୁ...

# କ୍ରସର ସଂସ୍ଥାର ମନମାନି, ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସୀ

## ଭାରୀଯାନ ପାଇଁ ଆର୍‌ଡି ରାସ୍ତା ପାଲଟୁଛି ମରଣଯନ୍ତା

ମାଲକାନଗିରି, ୨୨।୨ (ସମିସ)



ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାର ଏମ୍‌ଭି-୩୫ ଛକ ଠାରୁ କଡେଗୁଡା ଗ୍ରାମ ଦେଇ ପୁରୁଣା ଚିତାପାରୀ ଗ୍ରାମ ଛକକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନାର ରାସ୍ତା ପାଲଟିଛି ମରଣଯନ୍ତା। କ୍ରସରର ଭାରିଯାନ ଦିନରାତି ମାଲ ମେଟାଲ ନେଇ ଯା ଆସ କରିବା ଫଳରେ ରାସ୍ତାରୁ ପିଚୁ ସମ୍ପୂର୍ଣ୍ଣ ଉଠି ଦବି ଯାଇଥିବା ଦେଖିବାକୁ ମିଳୁଛି। ଏନେଇ ବିଗତ ଦିନରେ ଗ୍ରାମବାସୀ କ୍ରସର ସଂସ୍ଥା କୁ ଜଣାଇ ବିରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେବେ ବାଲିମେଳା ସହରରୁ କୋରୁକୋଣ୍ଡା ଏହି ରାସ୍ତା ଦେଇ ମାତ୍ର ୧୦ କିଲୋମିଟର ବାଟ ହେଉଥିବା ବେଳେ ପାଖ ପଡୁଥିବା ହେତୁ ଦୈନିକ ଜିଲ୍ଲା ସରକାରୀ ବେସରକାରୀ କାର୍ଯ୍ୟାଳୟ ରେ କାର୍ଯ୍ୟ କରୁଥିବା ଲୋକେ ସମେତ ବହୁ ଲୋକ, ବ୍ୟବସାୟୀ ଏବଂ ଆମ୍ବୁଲାନ୍ସ ଏହି ବାଟ ଦେଇ ଯାଆସ କରନ୍ତି। ବାଲିମେଳା ସହରରୁ ବାଲିମେଳା ଛକ ଦେଇ ଏମଭି-୩୭ ହୋଇ ମାଲକାନଗିରି ଯିବା ପରିବର୍ତ୍ତେ ପ୍ରାୟ ୧୧ କିଲୋମିଟର ଦୂରତା କମୁଥିବା ହେତୁ ବାଲିମେଳା ତଥା ଏହାର ଆଖପାଖ ଅଞ୍ଚଳର ଲୋକେ ଏହି କଡେଗୁଡା ରାସ୍ତା ଦେଇ ଏମଭି-୩୫ ଛକ ମୁଖ୍ୟ ରାସ୍ତା କୁ ବାହାରି ଅଳ୍ପ ସମୟ ମଧ୍ୟରେ ମାଲକାନଗିରି ସଦରରେ ପହଞ୍ଚିଥାନ୍ତି। ତେବେ ଏହି ନିକଟତମ ରାସ୍ତାର କଡେଗୁଡା ନିକଟରେ ଏକ କ୍ରସର ରହିଛି। ଯେଉଁ କ୍ରସରକୁ ଦିନ ରାତି ଟିପର ହାଇୱା ଭଳି ବଡ଼ ବଡ଼ ଭାରି ଯାନ ଯାତାୟାତ କରୁଥିବା ହେତୁ ୩ କିମି ରାସ୍ତା ନିମନ୍ତେ ଠିକାଦାର ସୀମାଞ୍ଚଳ ବେଉରିଆ ୧ କୋଟି ୩୦ ଲକ୍ଷ ବ୍ୟୟରେ ନିର୍ମାଣ କରିଥିବା ନୂତନ ପ୍ରଧାନମନ୍ତ୍ରୀ ସଡକ ଯୋଜନାର ରାସ୍ତା ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇପଡ଼ିଛି। ଏମଭି-୩୫ ଛକ ଠାରୁ କଡେଗୁଡା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ତ ନ କହିବା ଭଲ। କାରଣ ରାସ୍ତା ଦବି ଯେଉଁ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ସେହି ଖାଲରେ କ୍ରସର ପକ୍ଷରୁ କିଛି କ୍ରସର ଡ଼ଷ୍ଟ ପଡ଼ିଛି। ଯାହାଫଳରେ ଯଦି ଗୋଟିଏ ବଡ଼ ଯାନବାହନ ଏହି ରାସ୍ତା ଦେଇ ଗତି କଲେ ଖରାଦିନେ ମଧ୍ୟ ଏହି ଧୂଳି ଧୂସର ଉଡି କୁହୁଡ଼ିର ଭ୍ରମ ସୃଷ୍ଟି ହେଉଛି। ଯାହାଦ୍ୱାରା କିଛି ସମୟ ପାଇଁ ରାସ୍ତା ଭଲ କରି ଦୃଶ୍ୟମାନ ହେଉନାହିଁ। ଏହି ଧୂଳି ଧୂସର ହେତୁ ବାଇକ ଚାଳକମାନେ ସମ୍ପୂର୍ଣ୍ଣ ଧୂଳି ରେ ଗାଧୋଇ ହୋଇ ଯାଉଥିବା ସହ ନାନା ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି। ବହୁ ସମୟରେ ତ ଏହି ଧୂଳିର କୁହୁଡିରେ ରାସ୍ତା ସମ୍ପୂର୍ଣ୍ଣ ଦୃଶ୍ୟମାନ ନ ହେବା ଫଳରେ କିଛି ବାଇକ ଚାଳକ ପଡ଼ି ଆହତ ହୋଇଥିବା ମଧ୍ୟ ଅଭିଯୋଗ କରିଛନ୍ତି। ତେବେ ଏହି ରାସ୍ତା ଦେଇ ଅତ୍ୟଧିକ ଭାରିଯାନ ଚଳାଚଳର ନିୟମ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଥିବା ବେଳେ ଏହି ନିୟମ ଖିଲାପ କରି କ୍ରସର ମାଲିକ କିନ୍ତୁ ଅହର୍ନିଶି ଏହି ବାଟ ଦେଇ ଭାରି ଯାନ ଚଳାଚଳ କରାଉଥିବା ହେତୁ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କ୍ରସର ସଂସ୍ଥା ପକ୍ଷରୁ ଉକ୍ତ ଅଞ୍ଚଳର ରାସ୍ତାରେ ଦିନରାତି ପାଣି ସିଞ୍ଚନ କରିବାର ନିୟମ ରହିଥିବା ବେଳେ ସଂସ୍ଥା ପକ୍ଷରୁ ଆଜି ଯାଏଁ କେବେ ମଧ୍ୟ ପାଣି ସିଞ୍ଚନ ହେଉନାହିଁ, କି ଏଯାଏଁ ଅଞ୍ଚଳରେ ଗୋଟିଏ ବୃକ୍ଷ ମଧ୍ୟ ରୋପଣ କରାଯାଇନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ଏହି କ୍ରସର ଧୂଳି ନାକ ମଧ୍ୟକୁ ଯିବା ଦ୍ୱାରା ଶରୀରରେ କ୍ଷୟକ୍ଷତି ହେବା ସହ ନାନାଦି ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳିଛି। ଦୈନିକ ଏହି ରାସ୍ତା ଦେଇ ଯାତାୟତ କରୁଥିବା ବାଇକ୍ ଚାଳକଙ୍କ ଏଥିପାଇଁ ସ୍ୱାସ୍ଥ୍ୟବସ୍ଥା ଖରାପ ହୁଏ ତ କ୍ରସର ସଂସ୍ଥା ତା ପାଇଁ ଦାୟୀ ରହିବ ବୋଲି ଗ୍ରାମବାସୀ କହିଛନ୍ତି। ଏନେଇ ଆମେ ଆରଆର କ୍ରସର ସଂସ୍ଥା ମାଲିକ ଙ୍କୁ ଯୋଗାଯୋଗ କରିବାରୁ ସେ ବେପରୁଆ ଭାବେ ବର୍ତ୍ତମାନ ସେ ଭାରତ ବାହାରେ ଅଛନ୍ତି କହି ଫୋନଟିକୁ କାଟି ଦେଇଥିଲେ। ଏନେଇ ଆମେ ଆରଡି ବିଭାଗୀୟ ଯନ୍ତ୍ରୀ ଦୀନବନ୍ଧୁ ସାମନ୍ତଙ୍କୁ ପଚାରିବାରୁ ସେ ଏହି ରାସ୍ତାରେ ଭାରି ଯାନ ଯିବା ନିଷେଧ ବୋଲି କହିଥିଲେ। ତେବେ କ୍ରସରର ଭାରି ଯାନ ହେତୁ ରାସ୍ତାର ଏପରି ଅବସ୍ଥା ହୋଇଥିବା କହିବା ସହ ଏଯାଏଁ ୫ ବର୍ଷୀୟ ମରାମତି ବାବଦକୁ ଠିକାଦାର ଟଙ୍କାଟିଏ ମଧ୍ୟ ଉଠାଇ ନଥିବା ସେ କହିଥିଲେ। ତେବେ ତୁରନ୍ତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପୁନଃ ଆରମ୍ଭ କରି ପ୍ରଶାସନ ପକ୍ଷରୁ କ୍ରସର ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୧୭ ଆଇଇଡି ବୋମାକୁ ଜବତ କଲେ ଯବାନ



ମାଲକାନଗିରି, ୨୨।୨(ସମିସ): ବଡ଼ ମାଓ ଷଡ଼୍‌ଯନ୍ତ୍ରକୁ ପଣ୍ଡ କରିଲେ ଯବାନ, ୧୭ଟି ଆଇଇଡି ବୋମା ହେଲା ଉଦ୍ଧାର। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ମାଓବାଦୀଙ୍କ ବିରୁଦ୍ଧରେ ଚାଲିଥିବା ନକ୍ସଲ ବିରୋଧୀ ଅଭିଯାନରେ ସୁରକ୍ଷା ବାହିନୀକୁ ଏକ ବଡ଼ ସଫଳତା ମିଳିଛି। କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳର ୨୧୪ତମ ବାଟାଲିୟନର ଯବାନ ଫାର୍ସଗଡ଼ ଥାନା ଅଞ୍ଚଳର ନୀଲାମଡାଗୁ ଗ୍ରାମରେ ମାଓ ଦମନ ଅଭିଯାନ ଚଳାଇଥିଲେ। ଏହି ଅପରେସନ ସମୟରେ ଯବାନଙ୍କ ବୋମା ନିଷ୍କ୍ରିୟ କରୀ ଦଳ ମାଓବାଦୀମାନଙ୍କ ଦ୍ୱାରା ଲଗାଯାଇଥିବା ୧୬ଟି ବୋତଲ ଆଇଇଡି ଏବଂ ଏକ ୫ କିଲୋଗ୍ରାମ ପ୍ରେସର କୁକର ଆଇଇଡି ବୋମାକୁ ଉଦ୍ଧାର କରି ନିଷ୍କ୍ରିୟ କରିଥିଲେ। ଏହା ସହ ତଲାସୀ ସମୟରେ ମାଓବାଦୀମାନେ ମାଟି ତଳେ ଲୁଚାଇଥିବା ପ୍ଲାଷ୍ଟିକ୍ ଡ୍ରମ୍ ମଲ୍ଟିମିଟର, ଲୁହା ସୋଲଡରିଂ ରଡ୍, ତାର, ବ୍ୟାଟେରୀ, ଡିସି ମୋଟର, ମାଓ ୟୁନିଫର୍ମ, ଔଷଧ, ମାଓ ସାହିତ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରି ଅଞ୍ଚଳରେ ତଲାସୀ ଅଭିଯାନକୁ ଜୋରଦାର କରିଛନ୍ତି।

## ଜାତୀୟ ସେବା ଯୋଜନାର ପରିବେଶ ପାଠଶାଳା

ଜୟପୁର, ୨୨।୨(ସମିସ): ଜୟପୁର ସରକାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଜାତୀୟ ସେବା ଯୋଜନା ପକ୍ଷରୁ ପରିବେଶ ପାଠଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସୁନା ଯୋଗଦେଇ ଉଦ୍‌ଘାଟନ କରିବା ସହ ପରିବେଶ ସୁରକ୍ଷା, ଜଳବାୟୁ ପରିବର୍ତ୍ତନର କାରଣ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଘଟୁଥିବା ବିଭିନ୍ନ ପରିବେଶ ସମ୍ବନ୍ଧିୟ ସମସ୍ୟା, ପ୍ରାକୃତିକ ସମ୍ପଦର ସୁପରିଚାଳନା, ଧାରଣୀୟ ବିକାଶ, ତଥା ମନୁଷ୍ୟକୃତ କାର୍ଯ୍ୟକଳାପର କିପରି ସନ୍ତୁଳିତ ବ୍ୟବହାର ହୋଇପାରିବ ଉପରେ ଆଲୋକପାତ କରିଥିଲେ। ଯୁକ୍ତ ୩ ଜାତୀୟ ସେବା ଯୋଜନା ଅଧିକାରୀ ଅଧାପିକା ସୁନିତା କୁମାରୀ ପ୍ରଧାନ ନିଜ ବକ୍ତବ୍ୟରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରଂରେ ଲିଖିତ ପରିବେଶର ମହନୀୟତା, ପ୍ରକୃତି ତଥା ମାତୃଭୂମିର ମହତ୍ତ୍ୱର ଭାବାର୍ଥକୁ ବୁଝାଇବା ସହ ପରିବେଶ ସୁରକ୍ଷା ଦିଗରେ ଥିବା ଦାୟିତ୍ୱ ଏବଂ କର୍ତ୍ତବ୍ୟ ସଂକ୍ରାନ୍ତରେ ଛାତ୍ରୀ ମାନଙ୍କୁ ଅବଗତ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ଅଧାପିକା ସୀମା ମହାପାତ୍ର, ଆଜିର ପର୍ଯ୍ୟାବରଣ ପାଠାଶାଳା ଆଲୋଚନା ଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ବୈଶିଷ୍ଟକୁ ବର୍ଣ୍ଣନା କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ପାଠଶାଳାରେ ମହାବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକା ବୃନ୍ଦଙ୍କ ସହ ଯୁକ୍ତ୨ ପ୍ରଥମ ବର୍ଷର ଏନଏସଏସ ସ୍ୱେଚ୍ଛାସେବୀ ମାନେ ଯୋଗଦେଇଥିଲା।

● ମେଡିକାଲରେ ଶିଶୁପୁତ୍ର ଜନ୍ମ ଦେଲା ପ୍ରେମିକା

## ଯୁବତୀଙ୍କୁ ସ୍ତ୍ରୀ ଭାବେ ଗ୍ରହଣ କଲା ପ୍ରେମିକ

ପଦ୍ମପୁର, ୨୨।୨(ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଥାନା ଅନ୍ତର୍ଗତ ଏସ୍.ବିକ୍ରମ୍ ପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସେହି ଗ୍ରାମର ଏକ ଯୁବତୀ ଗୁଣପୁର ପାଖ ଜଲତାର ଗ୍ରାମ ଜଣ ଯୁବକକୁ ଭଲପାଇ ଲୁଚାଛପାରେ ଶାରୀରିକ ସମ୍ପର୍କ ରଖଥିଲେ। ତେବେ ଗତ ୧୯ ତାରିଖ ଦିନ ଯୁବତୀଙ୍କ ଅସହ୍ୟ ଗର୍ଭ ଯନ୍ତ୍ରଣା ହେବାରୁ ଯୁବତୀଙ୍କ ମା' ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ କଥା ଲୁଚାଇବା ପାଇଁ ଡ୍ୟୁଟିରେ ଥିବା ଡାକ୍ତର ଚିନ୍ମୟ ସାମଲଙ୍କୁ ଅନ୍ୟ କାରଣରୁ ପେଟ ବ୍ୟଥା ହେଉଥିବା ନେଇ କହିବା ପରେ ଡାକ୍ତର ସନ୍ଦେହରେ ଯୁବତୀ ଜଣଙ୍କୁ ମେଡିକାଲେ ଏଡମିସନ୍ କରିବାର କିଛି ସମୟ ପରେ ଯୁବତୀ ଜଣକ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଲେ। ତେବେ ଅବିବାହିତ ଯୁବତୀ ଜଣକ ଡାକ୍ତର ଙ୍କୁ ସବୁକଥା କହିବା ପରେ ଡାକ୍ତର ସାମଲ୍ ପଦ୍ମପୁର ଥାନା କୁ ଲିଖିତ ଭାବେ ଜଣାଇଥିଲେ। ପରେ ପଦ୍ମପୁର ଥାନା ଆଇଆଇସି ଧରଣୀଧର ପ୍ରଧାନ, ମେଡିକାଲ ଅଫିସର ଋତୁପର୍ଣ୍ଣା ପଟ୍ଟନାୟକ, ପଦ୍ମପୁର ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଭାରତୀ ବ୍ରାହ୍ମା, ପ୍ରମୁଖ ମେଡିକାଲ ରେ ପହଞ୍ଚି ମାଁ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ତେବେ ପଦ୍ମପୁର ଥାନା ଆଇଆଇସି ଧରଣୀଧର ପ୍ରଧାନ ଓ ଏକ ଟିମ୍ ଯୁବତୀଙ୍କ ଗ୍ରାମକୁ ଯାଇ ଘଟଣାର ତଦନ୍ତ ଆରମ୍ଭ କରିଥିବା କହିଥିବା ବେଳେ ଗତକାଲି ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଅଧିକାରୀ ଗୁରୁ ପ୍ରସାଦ ନାୟକ, ଟିକି ବେନିଆ ପହଞ୍ଚିବା ପରେ ଯୁବତୀଙ୍କ ଗ୍ରାମ ୱାର୍ଡ ମେମ୍ବର ମଲ୍ଲୀ ଶବର, ବିଜୟ ଶବର, ଜୟନ୍ତ ଶବର, ରଞ୍ଜିତ ଶବର, ଯମୁନା ଶବର, ରୁକୁଣା ଶବର ପ୍ରମୁଖଙ୍କ ଗ୍ରାମ ବାସୀଙ୍କ ଉପସ୍ଥିତରେ ସମ୍ପୃକ୍ତ ଯୁବକ ଓ ମା ଓ ଶିଶୁ ପୁତ୍ର କୁ ନେବା ସହ ଯୁବତୀ ଜଣଙ୍କୁ ନିଜ ସ୍ତ୍ରୀର ଅଧିକାର ଦେବେ ବୋଲି ଏକ ଲିଖିତ ରାଜିନାମା ପତ୍ର ଶିଶୁ ସୁରକ୍ଷା ଅଧିକାରୀ ଦ୍ୱୟଙ୍କୁ ପ୍ରଦାନ କରିଥିବା ସେମାନେ କହିଛନ୍ତି। ତେବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ତ୍ତମାନ ସୁଦ୍ଧା ମା ଓ ଶିଶୁ ମେଡିକାଲରୁ ଡିସ୍‌ଚାର୍ଜ ହୋଇନଥିବା ବେଳେ ପୁଲିସ ଘଟଣାର ତଦନ୍ତ କରୁଥିବା କହିଛନ୍ତି।

## ଦିବ୍ୟାଙ୍ଗ ପ୍ରମାଣପତ୍ର ଥାଇବି ମିଳୁନି ଭତ୍ତା



ମାଥିଲି, ୨୨।୨(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଆମ୍ବଗୁଡ଼ା ପଞ୍ଚାୟତର ସିଙ୍ଗାଲବେଚ୍ଛା ଗ୍ରାମର ପିତମ କୁଆସିଙ୍କ ପୁଅ ଜଳନ୍ଧର କୁଆସୀ(୧୩) ଜଣେ ଦିବ୍ୟାଙ୍ଗ ଅଟନ୍ତି। ସେ ୨୦୨୫ ମସିହାରୁ ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ପାଇ ମଧ୍ୟ ସରକାରୀ ନିୟମ ଅନୁଯାୟୀ ଉଚିତ ପରିମାଣର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟରେ ୮୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଅକ୍ଷମତା ଥିବା ବ୍ୟକ୍ତିମାନେ ୩, ୫୦୦ର ବର୍ଦ୍ଧିତ ମାସିକ ପେନସନ ପାଇଁ ଯୋଗ୍ୟ ବୋଲି ସରକାର ନିୟମ କରିଛନ୍ତି। କିନ୍ତୁ ଏହି ବର୍ଦ୍ଧିତ ଭତ୍ତା ଜଳନ୍ଧରଙ୍କୁ କାହିଁକି ମିଳୁନି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଛି। ସୂଚନା ଥାଉକି ୨୦୨୨ ସେପ୍ଟେମ୍ବର ୧୪ ତାରିଖରେ ଜଳନ୍ଧରଙ୍କର ୪୦ ପ୍ରତିଶତ ଶାରୀରିକ ଅକ୍ଷମତା ଥିବା ଦର୍ଶାଇଥିବା ବେଳେ ତାଙ୍କ ଦ୍ୱିତୀୟ ଅକ୍ଷମତା ପରିଚୟ ପତ୍ର ଦୁଇ ମାସ ଅନ୍ତରେ ତଥା ୧୯ ତାରିଖରେ ୬୦ ପ୍ରତିଶତ ଶାରୀରିକ ଅକ୍ଷମତା ଥିବା ଦର୍ଶାଯାଇଛି ଏବଂ ଗତ ୨୦୨୫ ମସିହା ନଭେମ୍ବର ମାସ ୨୪ ତାରିଖରେ ୮୦ ପ୍ରତିଶତ ଶାରୀରିକ ଅକ୍ଷମତା ରହିଥିବା ପରିଚୟ ପତ୍ର ପ୍ରଦାନ କରାଯାଇଛି। ଯଦି ଜଳନ୍ଧର ୮୦ ପ୍ରତିଶତ ଶାରୀରିକ ଅକ୍ଷମତା। ତେବେ କେଉଁ କାରଣରୁ ତାଙ୍କୁ ସରକାରୀ ନିୟମ ଅନୁସାରେ ଭତ୍ତା ପ୍ରଦାନ କରାଯାଉନାହିଁ। ଅବହେଳିତ ଗରିବ ଭିନ୍ନକ୍ଷମଙ୍କ ଜିବନ ଜୀବିକା ନିର୍ବାହରେ କିଛି ମାତ୍ରାରେ ସହାୟକ ନିମନ୍ତେ ସରକାର ଭତ୍ତା ବ୍ୟବସ୍ଥା କରିଥିବା ବେଳେ ଏହା କିନ୍ତୁ ଜଳାନ୍ଧରଙ୍କ କ୍ଷେତ୍ରରେ କାର୍ଯ୍ୟକ୍ଷମ ହେଉନି। ଏନେଇ ସ୍ଥାନୀୟ ଗୋଷ୍ଠୀ ସମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲଙ୍କୁ ପଚାରିବାରୁ ତାଙ୍କର ସମସ୍ତ ପ୍ରକାର କାର୍ଯ୍ୟ ସରିଛି, ଖୁବ୍ କମ ଦିନ ମଧ୍ୟରେ ତାଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ସେ ଆମକୁ କହିଛନ୍ତି।

## ୧୦୨୫ କିଲୋ ଗ୍ରାମ ଗଞ୍ଜେଇ ଜବତ

● ଜଣେ ଅଭିଯୁକ୍ତ କୋର୍ଟ ଚାଲାଣ



କାଲିମେଳା/ଏମ୍ଭି ୭୯, ୨୨।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଏମ୍‌ଭି-୭୯ ଥାନା ଅନ୍ତର୍ଗତ ଏମଭି-୯୬ ଗ୍ରାମ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଥିବା ସୂଚନା ମିଳିଛି। ଶନିବାର ଦିନ ସନ୍ଧ୍ୟା ସମୟରେ ଏକ କଣ୍ଟେନରରେ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ସୂଚନା ପାଇ ଏମଭି -୭୯ ପୁଲିସ ଓ କାଲିମେଳା ପୁଲିସ ମିଳିତ ଚଢ଼ଉ କରି କଣ୍ଟେନରକୁ ଜବତ କରିବାରେ ସଫଳ ହୋଇଥିଲେ। କଣ୍ଟେନର ଭିତରୁ ୪୧ଟି ପ୍ଲାଷ୍ଟିକ୍ ବସ୍ତାରେ ଥିବା ୧୦୨୫ କିଲୋଗ୍ରାମ ଚୋରା ଗଞ୍ଜେଇ ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ମାଲକାନଗିରି ଜିଲ୍ଲାରୁ ମୋଟୁ ଦେଇ ତେଲେଙ୍ଗାନା ରାଜ୍ୟକୁ ଗଞ୍ଜେଇ ଚୋରା ଚାଲାଣ କରାଯାଉଥିବା ଜଣାପଡ଼ିଛି। ଏହି ସମ୍ପର୍କରେ ଏମଭି-୭୯ ପିଏସ୍ କେସ୍ ନଂ-୨୯/୨୬ ରେ ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଏମଭି-୭୯ ଥାନା ଅଧିକାରୀ ପୁର୍ଣ୍ଣିମା ଟେଟେ ସୂଚନା ଦେଇଛନ୍ତି।

## ୨୪୨ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା

ପୋଡ଼ାଗଡ଼, ୨୨।୨(ସମିସ): ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଅନ୍ତର୍ଗତ ସ୍କୁଲ ଚକ୍ଷୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଦଶମନ୍ତପୁର ବ୍ଲକରେ ମୋଟ ୨୪୨ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା ହୋଇଯାଇଛି। ଦଶମନ୍ତପୁର ଏକ୍ସବୋର୍ଡ଼ ପ୍ରାଥମିକ ବିଦ୍ୟାଳୟ ଓ ପୋଡ଼ାଗଡ଼ ସେବାଶ୍ରମ ସ୍କୁଲରେ ଦୁଇଟି ପୃଥକ ଶିବିର ଅନୁଷ୍ଠିତ ହୋଇଥିଲା। ଦୃଷ୍ଟିଦୋଷ ଥିବା ମୋଟ ୩୮ ଜଣ ପିଲାଙ୍କର ଚଷମା ପରୀକ୍ଷା ହୋଇଥିଲା। ଅନ୍ୟ ଜଣେ ଛାତ୍ରକୁ ଅଧିକ ଚିକିତ୍ସା ପାଇଁ ରେଫର କରାଯାଇଥିଲା। ସାମାନ୍ୟ ରୋଗଥିବା ପିଲାଙ୍କୁ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ପୂର୍ବରୁ ତାଲିମ ପ୍ରାପ୍ତ ଶିକ୍ଷକଶିକ୍ଷୟିତ୍ରୀ ନିଜନିଜ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ପରୀକ୍ଷା କରି ଦୃଷ୍ଟି ଦୋଷ ବା ଅନ୍ୟ ରୋଗଥିବା ପିଲାଙ୍କୁ ଶିବିରକୁ ଆଣିଥିଲେ। କାର୍ଯ୍ୟକ୍ରମକୁ ଦଶମନ୍ତପୁର ବ୍ଲକ ଶିକ୍ଷା ଅଧିକାରୀଙ୍କ



କାର୍ଯ୍ୟାଳୟ ଆୟୋଜନ କରିଥିଲା ଓ ବିଇଓ ଅଭିଷେକ ଭୁଏଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ଚକ୍ଷୁ ଚିକିତ୍ସା ଅଧିକାରୀ ପ୍ରଶାନ୍ତ କୁମାର ବେବର୍ତ୍ତା, ନାରାୟଣ ମାଝି ଓ ବିଜୟ କୁମାର ଆଚାର୍ଯ୍ୟ ପିଲାଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏବିଇଓ ତଥା ବିଆରସିସି ମନ୍ମଥ ମାଣ୍ଡାଙ୍ଗିଙ୍କ ନେତୃତ୍ୱରେ ବିଆରପି ସଦାଶିବ ପ୍ରଧାନ, ସିଆରସିସି ମଧୁସୂଦନ ପାତ୍ର, ଏମ ସୁରେଶ କୁମାର ଶିବିର ଓ ମାନସ ରଞ୍ଜନ ନାୟକ ଆୟୋଜନରେ ପ୍ରମୁଖ ଭୂମିକା ନେଇଥିଲେ। ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ଦୀପକ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ଫାର୍ମାସୀ ଅଧିକାରୀ ଲଳିତ ମୋହନ ବିଷୋୟୀ ଓ ପିଏଚଇଓ ଜୟରାମ ବିଷୋୟୀ ଆବଶ୍ୟକ ସହଯୋଗ କରିଥିଲେ। ପୋଡ଼ାଗଡ଼ ସେବାଶ୍ରମ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କନ୍ଧପାନ ଓ ଦଶମନ୍ତପୁର ଏକ୍ସବୋର୍ଡ଼ ସ୍କୁଲ ପ୍ରଧାନ ଶିକ୍ଷକ ଭୁବନ ମୋହନ ଦଳେଇ ଉପସ୍ଥିତ ରହି ପରିଚାଳନା କରିଥିଲେ। ଶିକ୍ଷକ ନିହାର ରଞ୍ଜନ ମଲ୍ଲିକ ଓ କ୍ଷୀରୋଦ କୁମାର ମହାରଣାଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ଠାକୁର ଅନୁକୁଳଚନ୍ଦ୍ରଙ୍କ ଜନ୍ମ ବାର୍ଷିକ ଉତ୍ସବ

ଜୟପୁର ୨୨।୨ (ସମିସ) : ଜୟପୁର ଡଙ୍ଗାଗୁଡାସ୍ଥିତ ସତ୍‌ସଙ୍ଗ ବିହାର ଠାରେ ଠାକୁର ଶ୍ରୀ ଅନୁକୁଳ ଚନ୍ଦ୍ରଙ୍କ ୧୩୮ ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରୁ କୀର୍ତ୍ତନ, ସମବେତ ପ୍ରାର୍ଥନା, ପ୍ରଣାମ ଓ ଗ୍ରନ୍ଥ ପାଠ, ସଙ୍ଗୀତାଞ୍ଜଳୀ ଅନୁଷ୍ଠିତ ହୋଇଥିଲା ଏବଂ ପୂର୍ବାହ୍ନ ୧୧ଘଟିକା ସମୟରେ ସତସଙ୍ଗ ଓ ଭଜନ କୀର୍ତ୍ତନ ଏବଂ ମଧ୍ୟାହ୍ନରେ



ପ୍ରସାଦ ସେବନ ଏବଂ ଅପରାହ୍ନରେ ୩ଟା ସମୟରେ ମାତୃ ସମ୍ମିଳନୀ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶିଶିର କୁମାର ପରିଜା ପୌରୋହିତ୍ୟ କରିଥିବା ବେଳେ ନିରଞ୍ଜନ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ବାର୍ଷିକ ବିବରଣୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଭକ୍ତ ଓ ଶ୍ରଦ୍ଧାଳୁ ପ୍ରାୟ ଦେଢ ହଜାର ଉପସ୍ଥିତ ଥିଲେ। ସତସଙ୍ଗ ବିହାର ପକ୍ଷରୁ ଉତ୍ସବ କମିଟି ସଭାପତି ବିନୋଦ ମହାପାତ୍ର ଏବଂ ନରେଶ ମହାକୁଳ କାର୍ଯ୍ୟକ୍ରମରେ ଯୋଗଦେଇ ଠାକୁରଙ୍କର ସତସଙ୍ଗରେ ଉପସ୍ଥିତଥିବା ଶ୍ରଦ୍ଧାଳୁ ମାନଙ୍କୁ ଠାକୁରଙ୍କର ନିତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ଉତ୍ସାହିତ କରିବାସହ ନିଜକୁ ପ୍ରତିଷ୍ଠିତ କରିବାକୁ ଚେଷ୍ଟା ନ କରି ଠାକୁରଙ୍କୁ ପ୍ରତିଷ୍ଠା କରିବାକୁ କହିଥିଲେ। ନିର୍ମାଣଧିନ ମନ୍ଦିର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ଶିଶିର ପରିଜା, କପିଳ ମହାକୁଳ, ନିରଞ୍ଜନ ଆଚାର୍ଯ୍ୟ, ଉପେନ୍ଦ୍ର ନାଥ ମିଶ୍ର, ଜଗନ୍ନାଥ ଖଟୁଆ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ବିଶ୍ୱଜିତ ମିଶ୍ର, ପ୍ରଭାତ ଦତ୍ତ, ସୁକାନ୍ତ ନାୟକ, ଭଗବାନ ମହାରଣା, ସିମାଦ୍ରି ପଣ୍ଡା, ମନୋରଞ୍ଜନ ପଣ୍ଡା, ଭାବଗ୍ରାହୀ ବଳ, ମଦନ ମୋହନ ନାୟକ, ଖଗେନ୍ଦ୍ର ବାରିକ, ବିଶ୍ୱଜିତ ଦତ୍ତ, ନୃସିଂହ ସାହୁ, ଧରଣୀ ଧର ସାହୁ, ପରମେଶ୍ୱର ପାତ୍ର, ଜ୍ୟୋତି କଂସ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀଅରବିନ୍ଦ ପାଠାଗାରରେ ସ୍ୱତନ୍ତ୍ର ପାଠଚକ୍ର



ସେମିଳିଗୁଡ଼ା, ୨୨।୨(ସମିସ): ସେମିଳିଗୁଡା ଶ୍ରୀ ଅରବିନ୍ଦ ପାଠାଗାରରେ ଦିବ୍ୟ ଜନନୀ ଶ୍ରୀମାଙ୍କ ୧୪୮ ତମ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁର୍ଗା ସ୍ତୋତ୍ର, ଧ୍ୟାନ ପ୍ରାର୍ଥନା, ଚିରନ୍ତନି, ସାବିତ୍ରୀ ପୁସ୍ତକ ପଠନ ଏବଂ ମା'ବହିର ଆଲୋଚନା କରାଯାଇଥିଲା। ପାଠାଗାରର ସଂଯୋଜିକା ଡ. ଝାନ୍‌ସୀ ସିଂହ ଏହାକୁ ପରିଚାଳନା କରିଥିଲେ। ଅଲ୍ମା ଇଡିଂ, ନଳିନୀ ଦେବୀ, ସୌଭାଗିନୀ ପରିଝା, ସୁନୀତା ମାଡ଼ିଂ, ମାମୁନି ପାଢ଼ୀ, ସୁଚିତ୍ରା ନାୟକ ଓ କଳ୍ପନା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସେବା ଶିବିର




ସେମିଳିଗୁଡ଼ା, ୨୨।୨ (ସମିସ): କୋରାପୁଟ ଜିଲ୍ଲାର, ସେମିଳିଗୁଡା ଲାୟନ୍ସ କ୍ଲବ ତରଫରୁ ସେମିଳିଗୁଡା ବ୍ଲକ ଅନ୍ତର୍ଗତ ପାକଝୋଲା ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ଭିଡିଜିୀ ଲାୟନ୍ସ ଅଶ୍ୱିନୀ ଦାସ, ପିଡିଜି ଲାୟନ୍ସ ଦିଲିପ କୁମାର ଦାସ ଯୋଗଦେଇ ଥିଲେ। ଗ୍ରାମବାସୀଙ୍କୁ ନୂତନ କମ୍ବଳ, ଖାଦ୍ୟ ପଦାର୍ଥ ପୋଷାକ ପତ୍ର ବଣ୍ଟନ କରାଯାଇଥିଲା। ବୃଦ୍ଧ ବୃଦ୍ଧାଙ୍କ ଚକ୍ଷୁ ପରୀକ୍ଷାକରି ଚଷମା ବଣ୍ଟନ କରାଯାଇଥିଲା। ଡାକ୍ତର ପ୍ରତ୍ୟୁଷା ବେହେରା ଓ ଡାକ୍ତର ଶ୍ୟାମସୁନ୍ଦର ପାଣିଗ୍ରାହୀ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ଔଷଧ ପ୍ରଦାନ କରିଥିଲେ। ମାଟ୍ରିକ ପରୀକ୍ଷା ଦେଉ ଥିବା ଝିଅମାନଙ୍କୁ ଉତ୍ସାହିତ କରିବା ପାଇଁ ସେମାନଙ୍କୁ ନୂତନ ପୋଷାକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଭାପତି ଅନନ୍ତ କୁମାର ସେନାପତି, ସମ୍ପାଦକ ସନତ ସାହୁ, ବରିଷ୍ଠ ସଦସ୍ୟ ଆନନ୍ଦ କୁମାର ପାଟୱାନିଆ, ପ୍ରେମାନନ୍ଦ ପୃଷ୍ଟି, ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ସୁକାନ୍ତ କୁମାର ସାମଲ, ବାସୁଦେବ ପାତ୍ର, ଜ୍ୟୋତି ରଞ୍ଜନ ମହାନ୍ତି, ପ୍ୟାଟ୍ରିକ ଡୁଙ୍ଗଡୁଙ୍ଗ ବବିତା ପାଣିଗ୍ରାହୀ, ବନଜା ପୃଷ୍ଟି, ଶ୍ରୀମତୀ ପାଟୱାନିଆ, ସ୍ନିଗ୍ଧାରାଣୀ ମିଶ୍ର, ଶ୍ରୀମତୀ ପାତ୍ର ପ୍ରମୁଖ ଯୋଗଦେଇ ଥିଲେ।

## ବେଆଇନ ଇଟା ଭାଟି ପାଇଁ ପରିବେଶ ପ୍ରଦୂଷଣ

# ମାଲେମାଲ ହେଉଛନ୍ତି ଇଟା ବେପାରୀ

ଏମିଭ୭୯, ୨୨।୨(ସମିସ)



ମାଟି ଇଟା ପ୍ରସ୍ତୁତ ଉପରେ କଟକଣ ରହିଛି। ଏହା ସତ୍ତ୍ୱେ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଟିଗଲ, ଫୁଲଚାନକୋଣ୍ଡା, ମହାରାଜପାଲ୍ଲୀ, ଭୁବନପାଲ୍ଲୀ, ପୁସୁଗୁଡା ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବେଆଇନ ଭାବେ ଛତୁ ଫୁଟିବା ଭଳି ଇଟା ଭାଟି ବଢ଼ିଚାଲିଛି। ପ୍ରଦୂଷଣ ରୋକିବା ପାଇଁ ସରକାର ବନବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଇଟା ବେପାରୀ ମାନେ ଏହି ଆଦେଶକୁ ଅବମାନନା କରୁଥିବା ଦେଖିବାକୁ ମିଳୁଛି। ମାଲକାନଗିରି ଜିଲ୍ଲାରେ ଗରମ ଆଗକୁ ରହିଥିବା ବେଳେ ବର୍ତ୍ତମାନ ଇଟା ଭାଟି ତାପମାତ୍ରା ଓ ପ୍ରଦୂଷଣ ବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଧୂଆଁ ଯୋଗୁଁ ପ୍ରଦୂଷଣ ବଢୁଥିବା ବେଳେ ଏହି ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ସରକାର କୋଠର ହେଉଥିବା ବେଳେ ଏହି ଇଟା ବେପାରୀ ମାନଙ୍କ ଉପରେ ସରକାର କିମ୍ବା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ପରିବେଶ ସୁରକ୍ଷା ପାଇଁ ନିର୍ମାଣ କାର୍ଯ୍ୟରେ ମାଟି ତିଆରି ଇଟା ବ୍ୟବହାର ଉପରେ ୨୦୧୯ ରୁ ସରକାରୀ ସ୍ତରରେ ପ୍ରତିବନ୍ଧକ ଲାଗୁ ହୋଇଥିଲେ ହେଁ ବ୍ୟବସାୟୀ ଏହାକୁ ଅଣଦେଖା କରିଚାଲିଛନ୍ତି। ଅପରପକ୍ଷରେ ଦିନକୁ ଦିନ ଖରାର ପ୍ରକୋପ ଆଗକୁ ବୃଦ୍ଧି ପାଇବାର ରହିଥିବା ବେଳେ ଇଟା ଭାଟି ଧୂଆ ଲୋକଙ୍କୁ ଅଣନିଶ୍ୱାସୀ କରୁଛି। ଏଥିସହ ଲୋକେ ଶ୍ୱାସଜନିତ ରୋଗର ଶିକାର ହେବାର ମଧ୍ୟ ସମ୍ଭାବନା ରହିଛି। ଏହି ଧୂଆଁ ପରିବେଶ ପ୍ରଦୂଷଣ ମୁଖ୍ୟ କାରଣ। ବେଆଇନ ଇଟା ବ୍ୟବସାୟୀ ମାନେ କୌଣସି ସରକାରୀ କାଗଜପତ୍ର କିମ୍ବା ଅନୁମତି ପତ୍ର ନ କରି ମନଇଚ୍ଛା ଇଟା ଭାଟି କରି ଲକ୍ଷ ଲକ୍ଷ ଟଙ୍କା ପାଉଥିବା ବେଳେ ରାଜସ୍ୱ ହରାଉଛି ସରକାର। ଭାଟି ଯୋଗୁଁ ମୃତ୍ତିକା କ୍ଷୟ ମଧ୍ୟ ହେଉଛି। ସରକାରୀ ଅନୁମତି ନ ନେଇ ମନଇଚ୍ଛା ମାଟି ଖୋଳା ଯାଉଥିବାରୁ ମୃତ୍ତିକା ଉପରେ ବେଶ୍ ପ୍ରଭାବ ପଡୁଛି। ବିଶେଷକରି ନଦୀ, ନାଳ ଓ ଜଳ ଉତ୍ସ ନିକଟରେ ମାଟି ଖୋଳି ଇଟା ଗଢା ଯାଉଥିବାରୁ ବର୍ଷା ଦିନରେ ଲୋକେ ହନ୍ତସନ୍ତ ହେଉଛନ୍ତି। ନଦୀ, ନାଳ ପାଣି ସିଧାସଳଖ ଲୋକଙ୍କ କ୍ଷେତ ଓ ଜମି ମଧ୍ୟକୁ ମାଡ଼ି ଯାଉଛି। ଇଟା ଭାଟି ପାଇଁ ଜଙ୍ଗଲ, ରାଜସ୍ୱ, ପରିବେଶ ଆଇନର ଖୋଲା ଉଲଂଘନ ହେଉଥିବା ବେଳେ ସବୁ ଜାଣି ସରକାରୀ ଅଧିକାରୀମାନେ ନିରବ ରହୁଛନ୍ତି। କେତେକ ସ୍ଥାନରେ ନାମକୁ ମାତ୍ର ଚଢ଼ଉ କରାଯାଉଛି। ପରେ ସମ୍ପୃକ୍ତ ଭାଟି ମାଲିକ କାହାକୁ ଖାତିର ନ କରି ଭାଟି ଚଳାଉଛନ୍ତି। ଏପରିକି ଲାଲ ଇଟା ପରିବହନ ବେଆଇନ ଭାବେ କରାଯାଉଛି। ତେବେ ଦେଖିବା ପାଇଁ ବାକି ରହିଲା, କେବେ ଏହି ଇଟା ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି।

**ବେଆଇନ ଇଟାଭାଟି ଉପରେ ହେଉନି କାର୍ଯ୍ୟାନୁଷ୍ଠାନ**



ବୁମ୍ରାଙ୍କୁ ସର୍ବାଧିକ ବିଶ୍ୱକପ୍ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-238 ♦MONDAY ♦23 FEBRUARY 2026 ♦PAGE-12 ♦₹ 7.00

♦ବର୍ଷ-୪୩ ♦ସଂଖ୍ୟା-୨୩୮ ♦ସୋମବାର ♦୨୩ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଆଫଗାନିସ୍ତାନ ସୀମାରେ ପାକିସ୍ତାନର ଏୟାର ଷ୍ଟ୍ରାଇକ୍

# ଗୋଟିଏ ପରିବାରର ୧୬ ମୃତ



■ ଇସଲାମାବାଦ/କାବୁଲ, ୨୨।୨ (ଏଜେନ୍ସି): ପୁଣିଥରେ ପାକିସ୍ତାନ ବାୟୁସେନା ପକ୍ଷରୁ ଆଫଗାନିସ୍ତାନ ସୀମାରେ ଥିବା ଆବାସିକ ଅଞ୍ଚଳକୁ ଲକ୍ଷ୍ୟ କରି ଏୟାର ଷ୍ଟ୍ରାଇକ କରାଯାଇଛି। ରବିବାର ଭୋର ସମୟରେ ହୋଇଥିବା ଏହି ଆକ୍ରମଣରେ ଅନେକ ସାଧାରଣ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଆହତ ହୋଇଛନ୍ତି। ଆମେରିକାର ମାନବାଧିକାର ସଂଗଠନ ଅନୁସାରେ, ଏହି ଆକ୍ରମଣରେ ଗୋଟିଏ ପରିବାରର ୧୬ ଜଣଙ୍କର ମୃତ୍ୟୁ ଘଟିଛି। ୨୩ଜଣ ଧ୍ୱଂସାବଶେଷ ତଳେ ଫସି ରହିଥିବା ବେଳେ ୪ ଜଣଙ୍କୁ ଉଦ୍ଧାର

**ଧ୍ୱଂସାବଶେଷ ତଳେ ଦବି ରହିଛନ୍ତି ୨୩**

କରାଯାଇଛି। ପାକିସ୍ତାନ ଏହାକୁ ପ୍ରତିଶୋଧମୂଳକ 'ଜବାବୀ କାର୍ଯ୍ୟାନୁଷ୍ଠାନ' ବୋଲି ଦାବି କରିଛି। ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାରଙ୍କ ଅନୁସାରେ, ତେହେରିକ-ଇ- ତାଲିବାନ ପାକିସ୍ତାନ (ଟିଟିପି) ଓ ଇସ୍‌ଲାମିକ ଷ୍ଟେଟ୍ ଖୋରାସାନ ପ୍ରୋଭିନ୍ସ (ଆଇଏସ୍‌କେପି) ସହ ଜଡ଼ିତ ୭ଟି ଆତଙ୍କବାଦୀ କ୍ୟାମ୍ପକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି।

ତେବେ ଆଫଗାନିସ୍ତାନ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ଆଫଗାନିସ୍ତାନ ସରକାରୀ ମୁଖପାତ୍ର ଜବିଉଲ୍ଲା ମୁଜାହିଦ କହିଛନ୍ତି ଯେ, ପାକିସ୍ତାନୀ ସେନା ନାଙ୍ଗରହାର ଓ ପ୍ରାକ୍ତିକା ରାଜ୍ୟରେ ସାଧାରଣ ନାଗରିକଙ୍କ ▶ପୃଷ୍ଠା-୯

**ସାମରିକ ଢାଞ୍ଚାରେ ହେବ ପରିବର୍ତ୍ତନ**

## ଜଏଣ୍ଟ ଥିଏଟର କମାଣ୍ଡ ଅଧୀନରେ ରହିବ ୩ ସେନା ବାହିନୀ

■ ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି): ଦେଶର ସାମରିକ ଢାଞ୍ଚାରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ପରିବର୍ତ୍ତନ ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ସ୍ଥଳ, ବାୟୁ ଓ ନୌସେନା ଏବେ ଏକ ଜଏଣ୍ଟ ଥିଏଟର କମାଣ୍ଡ ଅଧୀନରେ କାର୍ଯ୍ୟ କରିବେ। ଦୀର୍ଘ ୫ ବର୍ଷ ଧରି ଏହି ବ୍ୟବସ୍ଥା ଉପରେ ଚାଲିଥିବା ଆଲୋଚନା ପରେ, ଆସନ୍ତା ୩ ମାସ ମଧ୍ୟରେ ଏହି ନୂତନ ସଂରଚନା ଆନୁଷ୍ଠାନିକ ଭାବେ କାର୍ଯ୍ୟକରୀ ହେବ। ଏହାଦ୍ୱାରା ଭାରତୀୟ ସାମରିକ ଶକ୍ତି ଏକୀକୃତ ଓ ଦ୍ରୁତ ହେବ। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ୬୦ରୁ ୭୦ ପ୍ରତିଶତ ଶୀଘ୍ର ହେବା ସହ ୧୫-୨୦ ପ୍ରତିଶତ ସମ୍ବଳ ସଞ୍ଚୟ ହେବ। ଏହା ପାକିସ୍ତାନ ଓ ଚୀନ୍ ସୀମାରେ ଭାରତର ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବ। ସୂଚନାଯୋଗ୍ୟ ଯେ, ଆମେରିକା (୧୧ କମାଣ୍ଡ) ଓ ଚୀନ୍ (୫ କମାଣ୍ଡ) ଭଳି ଦେଶରେ ପୂର୍ବରୁ ଏହି ବ୍ୟବସ୍ଥା ରହିଛି। ବିଗତ ୧୦ ବର୍ଷର ଅଭିଜ୍ଞତାରୁ ଏହି ରଣନୀତି ପ୍ରସ୍ତୁତ କରାଯାଇଛି। ଏହାକୁ ସ୍ୱାଧୀନତା ପରେ ସବୁଠାରୁ ବଡ଼ ସଂସ୍କାର ବୋଲି କୁହାଯାଉଛି।

**୩ ମାସ ମଧ୍ୟରେ ଲାଗୁ ହେବ ନୂଆ ବ୍ୟବସ୍ଥା**

## ପୁଲିସ ଗାଡ଼ି ଉପରେ ଚଢ଼ିଗଲା ଟ୍ରେଲର୍

# ରାଜପଥରେ ଚାଲିଗଲା ୫ ଜୀବନ

■ ଝାରସୁଗୁଡ଼ା, ୨୨।୨ (ସମିସ): ରକ୍ତମୁଖା ୪୯ ନମ୍ବର ଜାତୀୟ ରାଜପଥ। ଗୋଟିଏ କି ଦୁଇଟି ନୁହେଁ, ଏକା ସାଙ୍ଗେ ପାଞ୍ଚ ପାଞ୍ଚଟି ମୁଣ୍ଡ ନେଇଛି। ରବିବାର ଭୋର୍ ପ୍ରାୟ ୩ଟାରେ ଝାରସୁଗୁଡ଼ା ସଦର ଥାନା ସମ୍ମୁଖ ଦେଇ ଯାଇଥିବା ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୫ଜଣ ପୁଲିସ କର୍ମଚାରୀଙ୍କ ଜୀବନ ନେଇଛି। ମୃତ ପୁଲିସ କର୍ମଚାରୀମାନେ ହେଲେ, ଲିଙ୍ଗରାଜ ଧୁରୁଆ (୫୦), ଭକ୍ତବନ୍ଧୁ ମିର୍ଧା (୪୦), ନିରଞ୍ଜନ କୁଜୁର (୫୫), କାଶୀରାମ ଭୋଇ (୪୦), ଦେବଦତ୍ତ ସା (୪୦)। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଆହତମାନେ ହେଲେ, ଦୁବରାଜ ମିରିଗି (୩୫), ରାଜୀବ ଭରାସାଗର (୩୦) ଏବଂ ଆକାଶ ନାଇକ (୩୦)। ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଏହି ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ହେଉଥିବା ବେଳେ ଆଜିର ଏହି ଲୋମଟାଙ୍କୁରା ଦୁର୍ଘଟଣା ପୂରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ପୁଲିସ ଗାଡ଼ିକୁ ଏକ ଟ୍ରେଲର୍ ଚାପିଦେବାରୁ ଏହି ଅଘଟଣ ଘଟିଛି। ସୂଚନାନୁଯାୟୀ, ରବିବାର ପାହାନ୍ତାରେ ବିବାହ ଭୋଜି ଖାଇ ବ୍ରଜରାଜନଗର ପଟୁ ୮ ଜଣ ପୁଲିସ କର୍ମଚାରୀ ଏକ ବୋଲେରୋ ▶ପୃଷ୍ଠା-୯

**୪୯ ନମ୍ବର ଜାତୀୟ ରାଜପଥ ରକ୍ତରଞ୍ଜିତ**

**୩ ଗୁରୁତର, ବିବାହ ଭୋଜି ଖାଇ ଫେରୁଥିଲେ**



## ଶୋକପ୍ରକାଶ କଲେ ମୋହନ, ନବୀନ

■ ଭୁବନେଶ୍ୱର, ୨୨।୨ (ସମିସ): ଝାରସୁଗୁଡ଼ାରେ ସଡ଼କ ଦୁର୍ଘଟଣାରେ ୫ ଜଣ ପୁଲିସ କର୍ମଚାରୀଙ୍କ ଜୀବନ ଯାଇଥିବା ବେଳେ ଏନେଇ ଶୋକପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଝାରସୁଗୁଡ଼ାରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ୫ ଜଣ କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କ ଅକାଳ ବିୟୋଗ ବିଷୟରେ ଜାଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଅମର ଆତ୍ମାର ସଦଗତି କାମନା କରିବା ସହ ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟମାନଙ୍କର ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କ ନିକଟରେ ▶ପୃଷ୍ଠା-୯

**ରାଜକନିକା ଲଜ୍ଜା**

## ରେଡ୍ ଫ୍ଲାଗ୍ ଘୋଷଣା, ତଦନ୍ତ କରିବ କ୍ରାଇମ୍‌ବ୍ରାଞ୍ଚ



**ସମସ୍ତ ୫ ଅଭିଯୁକ୍ତ କୋର୍ଟ ଚାଲାଣ**

**ସ୍କୁଲରେ ସାଇଣ୍ଟିଫିକ ଟିମ୍‌ର ତନାଘନା**

**ସ୍କୁଲ ସପକ୍ଷରେ ଅଭିଭାବକଙ୍କ ଥାନା ଘେରଉ**

■ ରାଜକନିକା, ୨୨।୨ (ସମିସ): ରାଜକନିକା ଥାନା ଅନ୍ତର୍ଗତ ଓଳାଭରଠାରେ ଥିବା ଏକ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଗିରଫ ୫ ଅଭିଯୁକ୍ତଙ୍କୁ ଆଜି କଡ଼ା ସୁରକ୍ଷା ବଳୟରେ ଡାକ୍ତରୀମାଇନା କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ, ଶିକ୍ଷକ ଚନ୍ଦନ ପୃଷ୍ଟି, ବିଶ୍ୱରଞ୍ଜନ ସାହୁ, ରଶ୍ମିକାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ମିନତି ବାଇ ଓ ପିଅନ ରଶ୍ମିରଞ୍ଜନ ରଣା। ଅପରପକ୍ଷେ ଏହି ମାମଲାକୁ ରେଡ୍ ଫ୍ଲାଗ୍ ଘୋଷଣା କରାଯିବା ସହ କ୍ରାଇମ୍‌ବ୍ରାଞ୍ଚକୁ ତଦନ୍ତ ହସ୍ତାନ୍ତର କରାଯାଇଛି। ଗତ ଦୁଇଦିନ ଧରି ସାରା ରାଜ୍ୟରେ ହଟଚମଟ ସୃଷ୍ଟି କରିଥିବା ଏହି ଘଟଣା ଏବେ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ହେବା ଓ ରେଡଫ୍ଲାଗ ଘୋଷଣା ପରେ ୬୦ ଦିନ ପରେ ଘଟଣାର ଚାର୍ଜସିଟ ଦାଖଲ ହେବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ, ବିଦ୍ୟାଳୟକୁ ବଦନାମ କରାଇବାକୁ ଏଭଳି ଷଡ଼ଯନ୍ତ୍ର ହେଉଥିବା ଅଭିଯୋଗ କରି ଆଜି ସକାଳେ ୨ଶହରୁ ଉର୍ଦ୍ଧ୍ୱ ଅଭିଭାବକ ଥାନା ଘେରଉ କରିଥିଲେ। ଅଭିଯୁକ୍ତମାନେ ନିର୍ଦ୍ଦୋଷ ଏବଂ ସେମାନଙ୍କୁ ଖଲାସ କରିବାକୁ ଦାବି କରିଥିଲେ। ଏସ୍‌ଡିପିଓ ସୁଶାନ୍ତ ପାତ୍ରଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ସେମାନଙ୍କୁ ବୁଝାସୁଝା କରିବା ପରେ ଘେରଉ ହଟିଥିଲା।

## କାର୍-ବାଇକ୍ ମୁହାଁମୁହିଁ; ୨ ମୃତ

■ ତେଲକୋଇ, ୨୨।୨ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ କୁନ୍ତଳା ପୂର୍ତ୍ତ ରାସ୍ତାର ଗୋଳବନ୍ଧ ଗ୍ରାମ ଛକ ନିକଟରେ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ତେଲକୋଇ ଥାନା ସିରିଗିଡ଼ା ଗ୍ରାମର ମହେଶ୍ୱର ନାୟକ (୩୪) ଓ ମହାବିରୋଡ୍ ଥାନା ତୁରୁଡ଼ା ନାଳି ଗ୍ରାମର ଜିତୁ ନାୟକ (୨୪)। ଏହି ଦୁର୍ଘଟଣାରେ କାର୍ ଚାଳକ ଦେବଗଡ଼ କଲା ଗ୍ରାମର ଶୁଭାଶିଷ ଦଳବେହେରା ଆହତ ହୋଇଛନ୍ତି। ତେଲକୋଇ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, କଲା ଗ୍ରାମର ଶୁଭାଶିଷ ଏକ କାର୍ (ଓଡି-୧୪ଇ ୬୮୬୮)ରେ ତେଲକୋଇ ଅଭିମୁଖେ ଆସୁଥିଲେ। ଏହି ସମୟରେ ମହେଶ୍ୱର ଓ ଜିତୁ ଏକ ବାଇକ୍‌ରେ ବିପରୀତ ଦିଗରୁ ଯାଉଥିବା ବେଳେ ଗୋଳବନ୍ଧ ଗ୍ରାମ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ପ୍ରଥମେ ତେଲକୋଇ ଏବଂ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟଙ୍କର ମୃତ୍ୟୁ ଘଟିଥିଲା।

**ବିଜେପି କୋର୍ କମିଟି ବୈଠକରେ ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗ**

## ପ୍ରାର୍ଥୀ ଚୂଡ଼ାନ୍ତ କରିବ ସଂସଦୀୟ ବୋର୍ଡ



**ବୋର୍ଡ, ନିଗମ ନିଯୁକ୍ତି ବିଳମ୍ବକୁ ନେଇ ବୈଠକରେ ଉଦ୍‌ବେଗ !**

■ ଭୁବନେଶ୍ୱର, ୨୨।୨ (ସମିସ): ରବିବାର ଅନୁଷ୍ଠିତ ହୋଇଛି ରାଜ୍ୟ ବିଜେପିର ଗୁରୁତ୍ୱପୂର୍ଣ୍ଣ କୋର କମିଟି ବୈଠକ। ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଏହି ମାରାଥନ ବୈଠକରେ ମୁଖ୍ୟତଃ ବୋର୍ଡ, ନିଗମ ନିଯୁକ୍ତି, ରାଜ୍ୟସଭା ନିର୍ବାଚନ, ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ବିଶଦ ଭାବରେ ଆଲୋଚନା ହୋଇଛି। ରାଜ୍ୟସଭା ନିର୍ବାଚନ ସଂକ୍ରାନ୍ତ ସମ୍ଭାବ୍ୟ ନାମ ସୂଚୀ ରାଜ୍ୟ ପକ୍ଷରୁ ଦିଲ୍ଲୀ ପଠାଯିବ ଏବଂ ସଂସଦୀୟ ବୋର୍ଡ ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏହା ସହିତ ଉଭୟ ସଂଗଠନ ଏବଂ ସରକାରରେ କେତେଗୁଡ଼ିଏ ପରିବର୍ତ୍ତନ ସହ ନୂଆ ନିଯୁକ୍ତି ଦେଖିବାକୁ ମିଳିବ ବୋଲି ବିଜେପିର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

ରାଜ୍ୟରେ ବିଜେପି ସରକାର ଗଠନ କରିବାକୁ ୨୦ ମାସ ବିତିସାରିଲାଣି। ମାତ୍ର ଏଯାବତ୍ ଅଧାଗଢ଼ା ମନ୍ତ୍ରିମଣ୍ଡଳକୁ ନେଇ ସରକାର ଚାଲୁଛି। ଫଳରେ ସରକାର ଚାଲିବା ବେଳେ ବେଶୀ ▶ପୃଷ୍ଠା-୯

## ସ୍ୱାମୀ କାନ୍ଧରୁ ସ୍ତ୍ରୀକୁ ଭିଡ଼ିନେଲା ଦନ୍ତା

**ହାତୀ ଆକ୍ରମଣରେ ମହିଳାଙ୍କ ସମେତ ୨ ମୃତ**

■ ଦିଗପହଣ୍ଡି, ୨୨।୨ (ସମିସ): ସ୍ୱାମୀ କାନ୍ଧରୁ ସ୍ତ୍ରୀକୁ ଭିଡ଼ି ନେଇ କଚାଡ଼ି ମାରିଲା ଦନ୍ତା। ଦିଗପହଣ୍ଡି ବ୍ଲକ୍ ଫାସିଗୁଡ଼ା ପଞ୍ଚାୟତ ଜଲମେରିପଲ୍ଲୀ ଗ୍ରାମରେ ଆଜି ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଗ୍ରାମର ସୀମାଞ୍ଚଳ ରାଉତଙ୍କ ସ୍ତ୍ରୀ ଉର୍ମିଳା ରାଉତ(୫୧) ଏବଂ ସ୍ୱର୍ଗତ କାଶୀନାଥ ପ୍ରଧାନଙ୍କ ପୁଅ ଗୋପୀନାଥ ପ୍ରଧାନ (୬୭)।

ରବିବାର ଭୋର୍ ପ୍ରାୟ ସାଢ଼େ ୫ଟାରେ ସ୍ୱାମୀଙ୍କ ସହ ମିଶି ଉର୍ମିଳା ଗାଁ ନିକଟ ପରିବା ବାଡ଼ିରେ କାମ କରୁଥିଲେ। ଏହି ସମୟରେ ଗୋଟିଏ ଦନ୍ତା ହାତୀ ସେଠାକୁ ଚାଲି ଆସିଥିଲା। ହାତୀକୁ ଦେଖି ଆଖପାଖରେ ବାଡ଼ିବଗିଚାରେ ଥିବା ଲୋକେ ଚିତ୍କାର କରିବା ସହ ପ୍ରାଣ ବିକଳରେ ଦୌଡ଼ିଥିଲେ। ସ୍ୱାମୀ ସ୍ତ୍ରୀ ଦୌଡ଼ିଥିଲେ। ତେବେ ଉର୍ମିଳା କିଛି ବାଟ ପରେ ଆଉ ଦୌଡ଼ି ନପାରିବାରୁ ସ୍ୱାମୀ ତାଙ୍କୁ କାନ୍ଧରେ ବୋହି ଦୌଡ଼ିଥିଲେ। ଏହି ସମୟରେ ଦନ୍ତାଟି ଶୁଣ୍ଢରେ ଉର୍ମିଳାଙ୍କୁ ତାଙ୍କ କାନ୍ଧରୁ ଟାଣି ନେଇଥିଲା। ଭୟଭୀତ ଅବସ୍ଥାରେ ସ୍ୱାମୀ ଦୌଡ଼ି ଯାଇ ନିକଟରେ ଥିବା ଏକ ଆମ୍ବ ଗଛ ଗଣ୍ଡି ଉହାଡ଼ରେ ଲୁଚି ଯାଇଥିଲେ। ତାଙ୍କ ଆଖି ଆଗରେ ହାତୀଟି ଉର୍ମିଳାଙ୍କୁ ତଳେ କଚାଡ଼ି ଦଳି ଦେଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

**ବ୍ୟବଚ୍ଛେଦ ପୂର୍ବରୁ ମହିଳାଙ୍କ ଚକ୍ଷୁଦାନ କରାଇଲେ ପରିବାର**


ସେହିପରି, ଗ୍ରାମର ଗୋପୀନାଥ ପ୍ରଧାନଙ୍କୁ ହାତୀ ଗୋଡ଼ାଇ ଗୋଡ଼ାଇ ଶୁଣ୍ଢରେ ଦୁଇଥର କିଛି ଦୂରକୁ ଫୋପାଡ଼ି ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା। ତାଙ୍କୁ ପରିବାରଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ଏମ୍‌କେସିଜିକୁ ପଠାଇଥିଲା। ସେଠାରେ ପରିବାରଲୋକେ ▶ପୃଷ୍ଠା-୯

## ବରଗାଡ଼ିରୁ କନିଆକୁ ଟେକିନେଲା ପ୍ରେମିକ !

**ସ୍ୱାମୀଙ୍କୁ ବନ୍ଧୁକ ଦେଖାଇ ସ୍ତ୍ରୀକୁ ଅପହରଣ**

■ ବଲାଙ୍ଗିର/ତରଭା/କନ୍ଧମାଳ, ୨୨।୨ (ସମିସ): ବାହାଘର ସରିଲା। ନବବଧୂକୁ ସାଙ୍ଗରେ ଧରି ବର ଗାଁ ଅଭିମୁଖେ ବାହାରିଲା। ହେଲେ ଶଶୁର ଘରେ ପହଞ୍ଚିବା ଆଗରୁ ବାଟରୁ ଅପହରଣ ହୋଇଗଲେ ନବବଧୂ। ଅଧା ବାଟରେ ବନ୍ଧୁକ ଦେଖାଇ କିଛି ଯୁବକ ନବବଧୂକୁ ଉଠାଇ ନେଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ତରଭା ନିକଟରେ ରବିବାର ଏଭଳି ଏକ ସାଂଘାତିକ ଘଟଣା ଘଟିଛି। ଅପହୃତା ନବବଧୂ ହେଲେ, ବୌଦ୍ଧ ଜିଲ୍ଲା କନ୍ଧମାଳ ଥାନା ବନ୍ଧପାଲିର ସର୍ଜନ ପୁଟେଲଙ୍କ ଦ୍ୱିତୀୟ ଝିଅ ରଶ୍ମି। ଏନେଇ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଛି। ତରଭା ପୁଲିସ କନ୍ଧମାଳ ଯାଇ ତଦନ୍ତ ଚଳାଇଛି। ଏହି ଅପହରଣ ପଛରେ ରଶ୍ମିଙ୍କୁ ଭଲ ପାଉଥିବା ଯୁବକଙ୍କ ହାତ ଥିବା ଆଲୋଚନା ହେଉଛି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।


ସୂଚନାନୁଯାୟୀ, ରଶ୍ମିଙ୍କ ସହ ବଲାଙ୍ଗିର କାମାକ୍ଷାନଗରର ଗର୍ଜନ ପୁଟେଲଙ୍କ ପୁଅ ହରିବନ୍ଧୁ ପୁଟେଲଙ୍କ ବିବାହ ଠିକ୍ ହୋଇଥିଲା। ଶନିବାର ହରିବନ୍ଧୁ ବରଯାତ୍ରୀଙ୍କ ସହ ବନ୍ଧପାଲିକୁ ଆସିଥିଲେ। ବିବାହ ଧୁମ୍‌ଧାମ୍‌ରେ ସମ୍ପନ୍ନ ହୋଇଥିଲା। ବିବାହ ସମ୍ପନ୍ନ ପରେ କାର୍ (ଓଡି-୦୨-ଏଜେ୩୮୫୬)ରେ ବର-କନ୍ୟା ଫେରୁଥିଲେ। ଗାଡ଼ିରେ ବର, କନ୍ୟା, ବରର ବଡ଼ ଭଉଣୀ ଓ କନ୍ୟାର ଆଈ ବସିଥିଲେ। ନବବଧୂକୁ ସ୍ୱାଗତ ପାଇଁ ମଧ୍ୟ ଶଶୁର ଘରଲୋକେ ଚାହିଁ ବସିଥିଲେ। ରବିବାର ବିବାହ ଭୋଜି ପାଇଁ ମଧ୍ୟ ଆୟୋଜନ ସରିଥିଲା। ସକାଳ ୫ଟାରେ ବରକନ୍ୟାଙ୍କୁ ଧରି ଆସୁଥିବା ଗାଡ଼ିଟି ତରଭା ବଡ଼ବନ୍ଧ ମୋଡ଼ ନିକଟରେ ପହଞ୍ଚି ସାରିଥିଲା। ଆଉ ୨୨ କିମି ପରେ ବର-କନ୍ୟା ଘରେ ପହଞ୍ଚିଥାନ୍ତେ। ଏହି ସମୟରେ ଗୋଟିଏ ଧଳା ରଙ୍ଗର କାର୍‌ରେ ଡ୍ରାଇଭର ଓ ଅନ୍ୟ ୩ ଜଣ ଯୁବକ ପହଞ୍ଚିଥିଲେ। ସିନେମା ଶୈଳୀରେ ସେମାନେ ବରକନ୍ୟାଙ୍କୁ ନେଇ ଯାଉଥିବା ଗାଡ଼ି ସମ୍ମୁଖକୁ ଆସି ବନ୍ଧୁକ ଦେଖାଇ ଅଟକାଇଥିଲେ। ସେଥିମଧ୍ୟରୁ ଜଣେ ଯୁବକ ବର ହରିବନ୍ଧୁଙ୍କୁ ଗାଡ଼ିରୁ ଟାଣି ଆଣିଥିଲା। ବନ୍ଧୁକ ମୁନରେ ତାଙ୍କୁ ଧମକଚମକ ଦେଇ ନବବିବାହିତା ରଶ୍ମିଙ୍କୁ ଅପହରଣ କରିନେଇଥିଲା।



ହରିବନ୍ଧୁଙ୍କ ପରିବାର କନ୍ୟାକୁ ପିନ୍ଧାଇଥିବା ଗୋଟିଏ ସୁନାହାର, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ନାକଫୁଲ, ଦୁଇଟି ରୁପା ମୁଦି ସହ ସେମାନଙ୍କ ନିକଟରୁ ୧୫୦୦ ଟଙ୍କା ନେଇଯାଇଥିବା ମଧ୍ୟ ▶ପୃଷ୍ଠା-୯

THE SAKALA

# ସମ୍ପାଦକୀୟ



ମଣିଷ ମନର ସ୍ୱାଭାବିକ ପ୍ରତିକ୍ରିୟା ହେଉଛି ଅଧିକରୁ ଅଧିକ ହାସଲ କରିବାର ଇଚ୍ଛା।

-ପ୍ରଫେସର ୟୁଭାଲ୍ ନୋହ ହରାରି

## ବିକାଶର ଭେଳିକି

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ସରକାର ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ପ୍ରସ୍ତାବ ଆଗତ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ମୋଟ ବ୍ୟୟବରାଦ ପରିମାଣ ପାଖାପାଖି ୭% ବୃଦ୍ଧି ହୋଇଥିଲେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ପରି ଅଗ୍ରାଧିକାର କ୍ଷେତ୍ରରେ ବଜେଟ୍ ବ୍ୟୟବରାଦ ଆଶାନୁରୂପ ହୋଇପାରିନାହିଁ। ଅଧିକନ୍ତୁ ରାଜ୍ୟ ସରକାର ଯେଉଁ ବିକାଶ ସ୍ୱପ୍ନ ଦେଖାଇଛନ୍ତି ତାହା ଋଣ ଓ ଅନୁଦାନ ଉପରେ ନିର୍ଭରଶୀଳ। କେତେକ ଆଖିଝଲସା ଯୋଜନାକୁ ବଜେଟ୍‌ରେ ଦର୍ଶାଇ ମୂଳ ବା ବାସ୍ତବ କ୍ଷେତ୍ରରୁ ସରକାର ଦୂରେଇ ଯିବାର ଚତୁର ଚେଷ୍ଟା କରିଛନ୍ତି। ମୋଟ ଉପରେ ସରକାର ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୬୧ ହଜାର କୋଟି ଟଙ୍କାର ଋଣ କରିବାକୁ ଯାଉଥିବା ବେଳେ ପ୍ରତିଟି ଓଡ଼ିଆଙ୍କ ମୁଣ୍ଡଉପରେ ଋଣ ବୋଝ ୨୭, ୬୨୫ ଟଙ୍କା ପଡ଼ିବ।

ଆଶା କରାଯାଉଥିଲା ଯେ ଡବଲ୍ ଇଞ୍ଜିନ୍ ସରକାରରେ ଓଡ଼ିଶା ଅଧିକ ଲାଭବାନ ହେବ। ଚିର ଅବହେଳିତ ଓଡ଼ିଶା ଏଥର ନ୍ୟାୟ ପାଇବ। କିନ୍ତୁ ଇଞ୍ଜିନ୍‌ର ଓଲଟା ଗତି ଦେଖିବାକୁ ମିଳିଛି। ଷୋଡ଼ଶ କେନ୍ଦ୍ରୀୟ ଅର୍ଥ ଆୟୋଗର ସୁପାରିସ ଆଧାରରେ ଓଡ଼ିଶା ଆଗାମୀ ପାଞ୍ଚବର୍ଷ ପର୍ଯ୍ୟନ୍ତ ପ୍ରାୟ ୭୦ ହଜାର କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ହରାଇବ। ତେଣୁ ଏହାର ପ୍ରଭାବ ରାଜ୍ୟ ବଜେଟ୍ ଉପରେ ପଡ଼ିଛି ଏବଂ ରାଜସ୍ୱ ସଂଗ୍ରହ ପାଇଁ ସରକାର ଅଧିକରୁ ଅଧିକ ଅବକାରୀ କ୍ଷେତ୍ର ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି, ଯାହା ବଜେଟ୍‌ରେ ଦର୍ଶାଯାଇଛି। ଅର୍ଥାତ୍ ମଦମୁକ୍ତ ଓଡ଼ିଶା ଗଠନର ନାରା ଦେଇ କ୍ଷମତାକୁ ଆସିଥିବା ସରକାର ଏବେ ରାଜ୍ୟ ଚଳାଇବା ପାଇଁ ଅଧିକରୁ ଅଧିକ ମଦ ବିକ୍ରି କରିବା ଏକପ୍ରକାର ଥୟ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ରାଜସ୍ୱ ଓ ଅନ୍ୟାନ୍ୟ ଆୟ ବାବଦରେ ଓଡ଼ିଶା ସରକାର ୧ କୋଟି ୪୧ ଲକ୍ଷ ଟଙ୍କା ପାଇବେ ବୋଲି ଲକ୍ଷ୍ୟ ରଖିଥିବା ବେଳେ ସେଥିରୁ ୫୩ ହଜାର କୋଟି ଟଙ୍କା ଖଣିଜ ରାଜସ୍ୱ, ଅବକାରୀରୁ ୧୦, ୯୦୦ କୋଟି ଟଙ୍କା, ଯାନବାହନ ଟିକସରୁ ୩୬୦୦ କୋଟି ଟଙ୍କା, ଷ୍ଟାମ୍ପ ଓ ରେଜିଷ୍ଟ୍ରେସନ ଫି ବାବଦରେ ୩୪୦୦ କୋଟି ଟଙ୍କା, ଅନ୍ୟାନ୍ୟ ଟିକସ ଓ ବିଦ୍ୟୁତରୁ ୫୧୦୦ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି। ଅର୍ଥାତ୍ ଉପଭୋକ୍ତା ଆହୁରି ଅଧିକ ଶୋଷିତ ହେବେ। କିନ୍ତୁ ଦୀର୍ଘମିଆଦୀ ଆୟ ବିଷୟରେ ବଜେଟ୍‌ରେ ସ୍ପଷ୍ଟ ଉଲ୍ଲେଖ ନାହିଁ।

କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ କୃଷକମାନେ ଚିର ଅବହେଳିତ। କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଘୋଷଣା କରି ପରବର୍ତ୍ତୀ ସମୟରେ ସେଥିରୁ ଓହରି ଯାଇଥିବା ରାଜ୍ୟ ସରକାରଙ୍କ କୃଷକଙ୍କ ପ୍ରତି ଦରଦ କେତେ ତାହା ବଜେଟ୍ ପୂର୍ବରୁ ଜଣା ପଡ଼ିଯାଇଥିଲା। ଏଥର ତାହା ବଜେଟ୍‌ରେ ପ୍ରତିଫଳିତ ହୋଇଛି। ପୂର୍ବବର୍ଷ ତୁଳନାରେ ଚଳିତ ବଜେଟ୍‌ରେ କୃଷି କ୍ଷେତ୍ର ପାଇଁ ସାମଗ୍ରିକ ଭାବେ ମାତ୍ର ୬୮ ଲକ୍ଷ ଟଙ୍କା ବଢ଼ିଛି। ଏପଟେ ମଣ୍ଡିରେ ଦିନ ଦିନ ଧରି ଧାନ ପଡ଼ି ରହିଥିବା ବେଳେ ବିଧାନସଭାରେ ବଜେଟ୍ ଆଗତ ହୋଇଛି। ଆଶା କରାଯାଉଥିଲା ଯେ ଧାନ କିଣା ସମସ୍ୟା ସମାଧାନର କିଛିଟା ଆଶା ବଜେଟ୍‌ରେ ପ୍ରତିଫଳିତ ହେବ। କିନ୍ତୁ ଚାଷୀ ସହିତ ଜନସାଧାରଣଙ୍କୁ ନିରାଶ ହେବାକୁ ପଡ଼ିଛି।

ସେହିପରି ଦାଦନ ସମସ୍ୟାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ହାତକୁ କାମ ନିଶ୍ଚିତ କରିବା ସରକାରଙ୍କ କର୍ତ୍ତବ୍ୟ ଥିଲେ ହେଁ ରୋଜଗାର କିମ୍ବା କର୍ମସଂସ୍ଥାନ ସୃଷ୍ଟି କରିବା ଭଳି କୌଣସି ଯୋଜନା ବଜେଟ୍‌ରେ ନାହିଁ। ଅନ୍ୟାନ୍ୟ କ୍ଷେତ୍ରରେ ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଭିତ୍ତି ପଡ଼ିସାରିଥିବା ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରି ସରକାର ବିଶ୍ୱସ୍ତରୀୟ ସଂଗ୍ରାହଳୟର ସ୍ୱପ୍ନ ଦେଖାଇଛନ୍ତି। ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ମେଡିକାଲ୍ କଲେଜ୍‌ମାନଙ୍କରେ ଅଧ୍ୟାପକ ଅଭାବ ଉତ୍କଟ ହୋଇଛି। ଏହି ସମସ୍ୟାର ସମାଧାନ ବଦଳରେ ସରକାର ଆଉ ଚାରିଟି ମେଡିକାଲ୍ କଲେଜ୍, ଚାରିଟି ବର୍ଣ୍ଣ ୟୁନିଟ୍ ଓ ଚାରିଟି ନୂଆ ବିଶ୍ୱବିଦ୍ୟାଳୟ ଖୋଲି କେବଳ ଲୋକଙ୍କୁ ଜଳକା କରିବାକୁ ଚେଷ୍ଟା କରିଛନ୍ତି। ସେହିପରି ସରକାରଙ୍କ ନୂଆ ବିଶ୍ୱବିଦ୍ୟାଳୟ ତାଲିକାରୁ ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଭାବେ ଖ୍ୟାତ ପାରଳାଖେମୁଣ୍ଡିର ଏମ୍‌କେସିଜି କଲେଜ ଏବଂ ଭାରତର ଦ୍ୱିତୀୟ ମହିଳା କଲେଜ୍ ଭାବେ ଖ୍ୟାତ କଟକର ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବାଦ୍ ଦିଆଯାଇଥିବାରୁ ଆଞ୍ଚଳିକ ସ୍ତରରେ ଏବଂ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ତୀବ୍ର ହେଉଛି। ଖାଲିଥିବା ଅଧ୍ୟାପକ ପଦବୀ ପୂରଣ କରିପାରୁ ନଥିବା ସରକାର ନୂଆ ବିଶ୍ୱବିଦ୍ୟାଳୟରେ ମାନବ ସମ୍ବଳ କିଭଳି ସୃଷ୍ଟି କରିବେ ସେହି ପ୍ରଶ୍ନ ମଧ୍ୟ ଉଠିଛି। ଆସନ୍ତା ତିନିବର୍ଷରେ ୧୧ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ବଜେଟ୍‌ରେ ସୁନେଲି ସ୍ୱପ୍ନ ରହିଥିବା ବେଳେ ପୂର୍ବଘୋଷଣା ଅନୁଯାୟୀ ପ୍ରତିବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ପ୍ରତିଶ୍ରୁତିର ଅଗ୍ରଗତି ବିଷୟରେ ନିରବ ରହିଛି। ତେଣୁ ଏଥିରୁ ଲୋକଙ୍କ ବାସ୍ତବ ସମସ୍ୟା ପ୍ରତି ସରକାର କେତେ ସଚେତନ ତାହା ଜଣାପଡୁଛି।

ମଧ୍ୟବିତ୍ତ ବର୍ଗକୁ ସନ୍ତୁଷ୍ଟ କରିବା ପାଇଁ ସରକାର ବୃତ୍ତି ଟିକସ ପ୍ରତ୍ୟାହାର କରିଥିଲେ ମଧ୍ୟ ଗ୍ରାମୀଣ ଓଡ଼ିଶାବାସୀଙ୍କୁ ଖୁସି କରିବା ପାଇଁ ପୂର୍ବବର୍ଷ ତୁଳନାରେ ମାତ୍ର ୨୦୦ କୋଟି ଟଙ୍କା ଅଧିକ ବ୍ୟୟ କରିବାକୁ ଇଚ୍ଛା କରିଛନ୍ତି। ଅଣୁଶିଳ୍ପ, ନାମମାତ୍ର କୃଷକ ଓ ଭାଗଚାଷୀଙ୍କ ପାଇଁ ସେଭଳି କୌଣସି ବାସ୍ତବ ଯୋଜନା ବଜେଟ୍‌ରେ ପ୍ରତିଫଳିତ ହୋଇନାହିଁ। ତେଣୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯଥାର୍ଥରେ କହିଛନ୍ତି ଯେ ଖାଦ୍ୟ ତାଲିକା ବେଶ୍ ଲମ୍ବା ହୋଇଥିଲେ ମଧ୍ୟ ରୋଷଘର ଶୂନ। ଅର୍ଥାତ୍ ବଜେଟ୍ ବାସ୍ତବବାଦୀ ହେବା ବଦଳରେ କେବଳ ଆଖିଦୃଶିଆ ଓ ପ୍ରଚାରଧର୍ମୀ ହେବା ଭଳି ଲାଗୁଛି। ମହଙ୍ଗା ମାଡ଼ରେ ନୟାନ୍ତ ହେବା ବ୍ୟତୀତ ଏହି ବଜେଟ୍‌ରୁ ଓଡ଼ିଶାବାସୀ ବିଶେଷକିଛି ଆଶା କରିବାର ନିରର୍ଥକ। ବିକାଶର ଭାଷା ବାସ୍ତବବାଦୀ ନ ହେଲେ ସ୍ୱପ୍ନ ଯେତେ ରଙ୍ଗୀନ ହେଲେ ମଧ୍ୟ ତାହା ନିରର୍ଥକ ଓ ଭେଳିକି ବୋଲି କୁହାଯାଏ। ଏହି ଆଧାରରେ ୨୦୨୬-୨୭ ସାଧାରଣ ବଜେଟ୍ ଏହି ପଦବାଚ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

## ଭାଗ୍ୟଦୋଷ ଓ ସାମାଜିକ ଅସମାନତା

ଡକ୍ଟର ଅବଶ ପରିଡ଼ା

'ଯାହା ଭାଗ୍ୟରେ ଅଛି ତାହା ହିଁ ଘଟିବ। ମଣିଷ ଯେତେ ପ୍ରୟାସ କଲେ ମଧ୍ୟ ଏହାକୁ ବଦଳାଇ ପାରିବ ନାହିଁ।' ଏହା କେବଳ ଏକ ବାକ୍ୟ ନୁହେଁ, ବରଂ ଏକ ସୁଦୃଢ଼ ବିଶ୍ୱାସ। ଅନେକଙ୍କ ପାଇଁ ଜୀବନ ହେଉଛି ବିଫଳତା, ଅନ୍ୟାୟ, ଯନ୍ତ୍ରଣା କିମ୍ବା ଅନିଶ୍ଚିତତାରେ ପୂର୍ଣ୍ଣ ଏକ ଯାତ୍ରା। ତେଣୁ ଯଦି ଏସବୁ ଦୁର୍ଦ୍ଦଶା ବା ସଙ୍କଟ ସହିତ ଆମେ ଭାଗ୍ୟକୁ ଯୋଡ଼ିବା, ବିଶ୍ୱାସ କରିବା କିମ୍ବା ଦୋଷ ଦେବା ତେବେ ଅନେକାଂଶରେ ଚାପ ଓ ଦୋଷ ହ୍ରାସ ହୋଇଯିବା ଭଳି ଲାଗେ। ସରଳରେ କହିବାକୁ ଗଲେ ଭାଗ୍ୟର ନାଁ ନେଇଗଲେ କାହାକୁ ଦାୟୀ ନକରି ବିଫଳତା, ଦାରିଦ୍ର୍ୟ, ଅସୁସ୍ଥତା କିମ୍ବା କ୍ଷତିକୁ ବିନା ସଂକୋଚରେ ବ୍ୟକ୍ତିବିଶେଷ ଗ୍ରହଣ କରିନିଏ।

ଆମେ ଯେଉଁ ସମାଜରେ ରହୁଛେ, ତାହା ଅସମାନତାରେ ପରିପୂର୍ଣ୍ଣ ଓ ନିୟନ୍ତ୍ରଣହୀନ। ଏଠାରେ ସମ୍ବଳ, ସୁଯୋଗ ଓ ସୁବିଧା ମଧ୍ୟ ସୀମିତ। ତେଣୁ ଜଣେ ସାଧାରଣ ବ୍ୟକ୍ତି ନିମନ୍ତେ ଭାଗ୍ୟକୁ ବିଶ୍ୱାସ କରିବା ହେଉଛି ଏକ ସାମୂହିକ ଭାବନା। ବ୍ୟକ୍ତି ମଧ୍ୟରେ ଏହି 'ଭାଗ୍ୟବାଦ'ର ଧାରଣାକୁ ଅନ୍ତର୍ନିହିତ କରିବା ପାଇଁ ମୁଖ୍ୟତଃ ପରିବାର, ଧର୍ମ ଓ ସଂସ୍କୃତି ହିଁ ଦାୟୀ। ତେବେ ଏ 'ଭାଗ୍ୟବାଦ' କ'ଣ? ଜୀବନର ଫଳାଫଳ ପୂର୍ବନିର୍ଦ୍ଧାରିତ ଏବଂ ମାନବ ନିୟନ୍ତ୍ରଣ ବାହାରେ ବୋଲି ବିଶ୍ୱାସ ହେଉଛି 'ଭାଗ୍ୟବାଦ'। ସମାଜଶାସ୍ତ୍ର ଅନୁସାରେ, ଏହା କେବଳ ଭାଗ୍ୟରେ ବିଶ୍ୱାସ ନୁହେଁ, ବରଂ ଏକ ସାମାଜିକ ଭାବରେ ଆକୃତିପ୍ରାପ୍ତ ମନୋଭାବ, ଯାହା ବିବଶତାରୁ ଉତ୍ପନ୍ନ ହୁଏ। ଯେତେବେଳେ ଅସମାନତାର ବ୍ୟାପକ ଭାବେ ଗ୍ରହଣୀୟତା ହୁଏ ଭାଗ୍ୟବାଦ ଏକ ସମାଧାନର ଉପକରଣ ହୋଇଯାଏ।

ସାଧାରଣ ଭାବେ ଭାଗ୍ୟବାଦ(ଫାଟାଲିଜିମ୍) ତିନି ପ୍ରକାରର। ପ୍ରଥମଟି ହେଉଛି ଧାର୍ମିକ, ଯେଉଁଠି ଭାଗ୍ୟକୁ ଆମେ ଈଶ୍ୱରଙ୍କ ଇଚ୍ଛା ବୋଲି କହିଥାଉ। ଦ୍ୱିତୀୟରେ ଦାର୍ଶନିକ, ଯାହା ନିର୍ଣ୍ଣୟବାଦ(ଡିଟରମିନିଜିମ୍) ଭାବେ ପରିଚିତ। ଏହା ହେଉଛି ଏକ ଦାର୍ଶନିକ ଦୃଷ୍ଟିକୋଣ, ଯାହା ଅନୁଯାୟୀ ସମସ୍ତ ଘଟଣା, ମାନବ କାର୍ଯ୍ୟ, ନିଷ୍ପତ୍ତି ଓ ଜ୍ଞାନ ଇତ୍ୟାଦି ପୂର୍ବ ବିଦ୍ୟମାନ କାରଣ ଦ୍ୱାରା ନିର୍ଣ୍ଣୟ ହୋଇଥାଏ। ଶେଷଟି ହେଉଛି ସାଂସ୍କୃତିକ, ଯାହା କର୍ମ-ଆଧାରିତ ନିୟତି ଉପରେ ବିଶ୍ୱାସ କରେ। ଏହା ଅନୁଯାୟୀ ବର୍ତ୍ତମାନର ପରିସ୍ଥିତି ଯେପରିକି ଧନ, ଦାରିଦ୍ର୍ୟ, ସୁଖ, ଦୁଃଖ, ସଫଳତା କିମ୍ବା ବିଫଳତା ଇତ୍ୟାଦି ହେଉଛି ପୂର୍ବ ଜନ୍ମର କର୍ମର ଫଳାଫଳ।

ଦୀର୍ଘ ତିନିଦଶନ୍ଧି ଧରି ସମାଜଶାସ୍ତ୍ରରେ ଏହି ଭାଗ୍ୟବାଦକୁ ନେଇ ଅନେକ ବିତର୍କ ହେଉଛି। ସମାଜବିଜ୍ଞାନୀଙ୍କ ମତରେ ବିଶ୍ୱାସ ହେଉଛି ଏକ ସାମାଜିକ ଆଚରଣ। ଅନୁଷ୍ଠାନ ଓ ସାମାଜିକ ପରିବର୍ତ୍ତନକୁ ଏହା ପ୍ରଭାବିତ କରିପାରେ। ତେଣୁ ଭାଗ୍ୟବାଦର ଆଲୋଚନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ବିଶ୍ୱାସ କରିବା ଯେ ଫଳାଫଳ ସ୍ଥିର ଓ ଭାଗ୍ୟ ହେଉଛି ନିର୍ଣ୍ଣାୟକ, ତେବେ ସାମାଜିକ ଗତିଶୀଳତା ମନ୍ଥର ହୋଇଯିବା ସହିତ ପରିବର୍ତ୍ତନର ଇଚ୍ଛା ଦୁର୍ବଳ ହୋଇଯିବନି ତ? ଧାର୍ମିକ ବିଶ୍ୱାସ ଓ ଅର୍ଥନୈତିକ ଆଚରଣକୁ ନେଇ ସମାଜଶାସ୍ତ୍ରୀ ମ୍ୟାକ୍ସ ୱେବରଙ୍କ 'ଦି ପ୍ରୋଟେଷ୍ଟାଣ୍ଟ ଏଥିକ୍ ଆଣ୍ଡ ଦି ସ୍ପିରିଟ୍ ଅଫ୍ କ୍ୟାପିଟାଲିଜିମ୍'ରେ ଏହାର ଉତ୍ତରରେ କୁହନ୍ତି ଯେ ଭାଗ୍ୟବାଦୀ ମନୋଭାବ ଓ କର୍ମ ପ୍ରତି ମୂଲ୍ୟବୋଧ ହେଉଛନ୍ତି ବିପରୀତ।

ବିଶିଷ୍ଟ ସମାଜ ବିଜ୍ଞାନୀ ଏମ୍.ଏନ୍. ଶ୍ରୀନିବାସ ଏକ ଅଧ୍ୟୟନରେ କହିଛନ୍ତି ଯେ କର୍ମ, ସେ କାର୍ଯ୍ୟ ହେଉ ବା ଦଣ୍ଡ ଏବଂ ଭାଗ୍ୟ -ଯାହାକୁ ପ୍ରାରବ୍ଧ ବୋଲି ମଧ୍ୟ କୁହାଯାଏ, ସେସବୁ କେବଳ ତାତ୍ତ୍ୱିକ ଧାରଣା ନୁହେଁ, ବରଂ ସାମାଜିକ ପଦାନୁକ୍ରମରେ ନିଜର ସ୍ଥିତିକୁ ଯୁକ୍ତିଯୁକ୍ତ କରିବା ପାଇଁ ଏକ ସକ୍ରିୟ ଉପକରଣ। ଭାଗ୍ୟବାଦ ଭଳି କିଛି ସାମୂହିକ ବିଶ୍ୱାସ ଦ୍ୱାରା ସାମାଜିକ ଜୀବନ ନିୟନ୍ତ୍ରଣ ହୁଏ। ଦାରିଦ୍ର୍ୟ, ଦୁଃଖ କିମ୍ବା ଅସମାନତାକୁ ଭାଗ୍ୟଫଳ ଭାବରେ ଅନେକ ପାରମ୍ପରିକ ସମାଜ ଆଜି ବି ବ୍ୟାଖ୍ୟା କରୁଛନ୍ତି।ଏହି ବିଶ୍ୱାସଗୁଡ଼ିକ ପରୋକ୍ଷରେ ଜାତି, ଲିଙ୍ଗ ଓ ଶ୍ରେଣୀର ପଦାନୁକ୍ରମକୁ ସମର୍ଥନ କରୁଛି। ଡେଭିଡ୍ ରବିନ୍ସଙ୍କ ସମ୍ପାଦିତ ପୁସ୍ତକ 'ରିଥିଙ୍କିଂ ସୋସିଆଲ ଇନିକ୍ୱାଲିଟି'ର ଏକ ଅଧ୍ୟାୟ ହେଉଛି 'ଫିମେଲ୍ ମ୍ୟାନୁଏଲ୍ ୱାର୍କର୍ସ', 'ଫାଟାଲିଜିମ୍ ଆଣ୍ଡ ଦି ରିଇନଫୋର୍ସମେଣ୍ଟ ଅଫ୍ ଇନିକ୍ୱାଲିଟିଜ୍'। କେଟ୍ ପର୍ସେଲଙ୍କ ଦ୍ୱାରା ଲିଖିତ ଏହି ଆଲେଖ୍ୟରେ ଉଲ୍ଲେଖ ଅଛି ଯେ ମହିଳା ଶ୍ରମିକମାନେ ଅସମାନତାକୁ ନିଜ ଜୀବନର ଅଂଶ ଓ ସାମାଜିକ ସ୍ଥିତି ଭାବରେ ଗ୍ରହଣ କରିସାରିଛନ୍ତି। ଏହାକୁ ନିୟତିବାଦ ବା ଭାଗ୍ୟବାଦର ସାମାଜିକ ଦୃଷ୍ଟିକୋଣ ଭାବରେ ବର୍ଣ୍ଣନା କରାଯାଇଛି। ପର୍ସେଲ୍ ଆଲୋକପାତ କରିଛନ୍ତି ଯେ ମହିଳା ଶ୍ରମିକମାନଙ୍କୁ ପ୍ରାୟତଃ କମ୍ କୁଶଳୀ ଓ ପୁନରାବୃତ୍ତିମୂଳକ ବା ଏକାପ୍ରକାରର ଚାକିରିରେ ବିଭକ୍ତ କରାଯାଏ। ବିଡ଼ମ୍ବନା ଯେ ଏହା 'ସ୍ୱାଭାବିକ ଭାବରେ' ଉପଯୁକ୍ତ ବୋଲି ମଧ୍ୟ ବିବେଚନା କରାଯାଏ। ତେଣୁ ସୀମିତ ସୁଯୋଗ ପାଉଥିବା ଏବଂ ଘରୋଇ ବୋଝରେ ପେଷି ହେଉଥିବା ମହିଳା ଶ୍ରମିକଟିଏ ପାଇଁ ଭାଗ୍ୟବାଦ ହେଉଛି ବଞ୍ଚିବାର ଏକ ରଣନୀତି। ଏହି ପରିସ୍ଥିତିରେ ନିଜ ଜୀବନରେ କିଛି ପରିବର୍ତ୍ତନ ହୋଇପାରିବ ନାହିଁ ବୋଲି ମହିଳା ଶ୍ରମିକମାନେ ସହଜରେ ବିଶ୍ୱାସ କରିନିଅନ୍ତି। ସମ୍ଭବତଃ ସେଥିପାଇଁ ନିମ୍ନ ଦରମା ଓ କଠୋର ସର୍ତ୍ତାବଳୀକୁ ମହିଳା ଶ୍ରମିକମାନେ ବିନା ଦ୍ୱିଧାରେ ଗ୍ରହଣ କରିନେଉଛନ୍ତି। ଏହାବ୍ୟତୀତ 'କିଛି କରାଯାଇପାରିବ ନାହିଁ' ଭାବନାର ଗ୍ରହଣୀୟତା ଯୋଗୁଁ ମଧ୍ୟ ପ୍ରତିରୋଧ କରିବାର କ୍ଷମତା କମିଯାଏ ବୋଲି ପର୍ସେଲ ଯୁକ୍ତି କରିଛନ୍ତି।

ସେହିପରି 'ଦାରିଦ୍ର୍ୟ କେବଳ ଆର୍ଥିକ ନୁହେଁ ବରଂ ସାଂସ୍କୃତିକ' ଭଳି ଏକ ଭିନ୍ନ ଧାରଣା ବିକଶିତ କରିଛନ୍ତି ସମାଜଶାସ୍ତ୍ରୀ ଅସ୍କାର ଲୁଇସ୍। ପିଢ଼ି ପରେ ପିଢ଼ି ଦାରିଦ୍ର୍ୟ କିପରି ଓ କାହିଁକି ରହିଥାଏ ତାହା ଲୁଇସ୍ ଏଥିରେ ବ୍ୟାଖ୍ୟା କରିଛନ୍ତି। କିଛି ମେକ୍ସିକୋ ପରିବାରକୁ ଅଧ୍ୟୟନ କରି ସେ ମତ ଦେଇଛନ୍ତି ଯେ ଦୀର୍ଘକାଳୀନ ଆର୍ଥିକ ଅଭାବ ଦ୍ୱାରା ପରିବାରର ସଦସ୍ୟଙ୍କ ମଧ୍ୟରେ ସମାନ ପ୍ରକାରର ମନୋଭାବ ସୃଷ୍ଟି ହୁଏ। ସେଗୁଡ଼ିକ ହେଉଛି ନିର୍ଯାତନା, ଶକ୍ତିହୀନତାର ଭାବନା ଓ ପ୍ରୟାସ ଜଣଙ୍କ ଜୀବନକୁ ପରିବର୍ତ୍ତନ କରିପାରିବ ନାହିଁ ବୋଲି ଧାରଣା। ସେହି ପରିବାରର ପିଲାମାନେ ଅସ୍ଥିରତା, ଅବହେଳା ଓ ଅସୁରକ୍ଷାରେ ବଡ଼ ହୁଅନ୍ତି ବୋଲି ଅସ୍କାର ଲୁଇସ୍ ଯୁକ୍ତି ବାଢ଼ିଛନ୍ତି। ପରବର୍ତ୍ତୀ ସମୟରେ ପିଲାମାନେ ଏହି ଧାରଣାରେ ବିଶ୍ୱାସ କରିବା ଆରମ୍ଭ କରନ୍ତି ଯେ ସେମାନଙ୍କର ଭବିଷ୍ୟତ ସୀମିତ। ତେଣୁ ଏହା ସ୍ୱାଭାବିକ ଯେ ଆର୍ଥିକ ଅନଗ୍ରସର ପରିବାର ପାଇଁ ଭାଗ୍ୟବାଦ ଉଭୟ ମନସ୍ତାତ୍ତ୍ୱିକ ସୁରକ୍ଷା ଏବଂ ସାମାଜିକ ପ୍ରତିବନ୍ଧକ ଭାବେ କାର୍ଯ୍ୟକରେ।

ଏହା ବ୍ୟତୀତ, ଲୋକପ୍ରିୟ ପୁସ୍ତକ 'ସୁଇସାଇଡ'ରେ ଏମିଲ୍ ଡର୍ଖାଇମ୍ ଭାଗ୍ୟବାଦୀ ଆତ୍ମହତ୍ୟା କଥା ଉଲ୍ଲେଖ କରିଛନ୍ତି। ଏମିଲ୍‌ଙ୍କ ମତରେ ଯେତେବେଳେ ବ୍ୟକ୍ତିବିଶେଷ କଠୋର ଓ ଦମନକାରୀ ନିୟମ ଏବଂ ଅବରୋଧିତ ଭବିଷ୍ୟତ ଦ୍ୱାରା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ଅନୁଭବ କରେ କିମ୍ବା ପରିସ୍ଥିତି ପରିବର୍ତ୍ତନର କୌଣସି ଆଶା ଦେଖେ ନାହିଁ ଏବଂ ନିଜ ଜୀବନକୁ ଅସହ୍ୟ ମନେ କରେ ସେତେବେଳେ ଭାଗ୍ୟବାଦୀ ଆତ୍ମହତ୍ୟା ଘଟେ। ଏହାସହିତ କର୍କଟ ଭଳି ରୋଗରେ ମଧ୍ୟ ଭାଗ୍ୟବାଦ ବିଶ୍ୱାସର ମାତ୍ରା ଯଥେଷ୍ଟ ଅଧିକ। ନିଦାନକୁ ପ୍ରାୟତଃ ନିର୍ଣ୍ଣୟ ସହିତ ତୁଳନା କରାଯାଏ। 'ଯଦି ଏହା ଘଟିବାକୁ ଥାଏ, ତେବେ କିଛି ଏହାକୁ ଅଟକାଇ ପାରିବ ନାହିଁ' 'କର୍ମଫଳ' ଭଳି ସାଧାରଣ ଚିନ୍ତାଧାରା ଦ୍ୱାରା କର୍କଟ ଚିକିତ୍ସା ଓ ଜୀବନଶୈଳୀ ପରିବର୍ତ୍ତନରେ ଉଭୟ ବିଳମ୍ବ ଓ ପ୍ରଭାବିତ ହେଉଛି ବୋଲି ଅନେକ ଗବେଷଣାରେ ଉଦବେଗ ପ୍ରକାଶ ପାଇଛି।

ଆମେ ଜାଣୁ ଯେ ହିନ୍ଦୁଧର୍ମର ମୁକ୍ତି ସିଦ୍ଧାନ୍ତି ମୋକ୍ଷ ଉପରେ କେନ୍ଦ୍ରିତ। ଯାହା ଜନ୍ମ ଓ ପୁନର୍ଜନ୍ମ ଚକ୍ରରୁ ମୁକ୍ତି କଥା କୁହେ। ଏହି ଢାଞ୍ଚା ମଧ୍ୟରେ କର୍ମର ନିୟମ ହେଉଛି ସବୁଠାରୁ ଶକ୍ତିଶାଳୀ। ପୂର୍ବକର୍ମର ଫଳାଫଳ ବର୍ତ୍ତମାନର ଦୁଃଖ କିମ୍ବା ସୁଖକୁ ବ୍ୟାଖ୍ୟା କରେ। ଆପଣ ଭାବୁଥିବେ ଏହା ନିୟତିବାଦକୁ ଉତ୍ସାହିତ କରିପାରେ କି? କିନ୍ତୁ ହିନ୍ଦୁ ଚିନ୍ତାଧାରା ସମ୍ପୂର୍ଣ୍ଣ ନିଷ୍କ୍ରିୟ ନୁହେଁ। ଭଗବଦ୍ ଗୀତା ପରି ଗ୍ରନ୍ଥଗୁଡ଼ିକରେ ଶୃଙ୍ଖଳିତ କାର୍ଯ୍ୟ, କର୍ମ ଯୋଗ ଏବଂ ମୁକ୍ତି ପାଇଁ ଆତ୍ମପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯାଇଛି। ତେଣୁ ପୂର୍ବଜନ୍ମର କର୍ମ ପରିଣାମକୁ ଗ୍ରହଣ କରି କେବଳ ଭାଗ୍ୟ ନିକଟରେ ଆତ୍ମସମର୍ପଣ କରିବା ପରିବର୍ତ୍ତେ ଜଣଙ୍କର ଆଧ୍ୟାତ୍ମିକ ଭବିଷ୍ୟତକୁ ପରିବର୍ତ୍ତନ କରିବା ପାଇଁ ନୈତିକ କାର୍ଯ୍ୟକୁ ଆପଣେଇବାର ଆବଶ୍ୟକତା ଅଛି। କିଛି ବର୍ଷ ତଳେ ହୋଇଥିବା 'ପ୍ୟୁ ରିସର୍ଚ୍ଚ ସେଣ୍ଟର'ର ଏକ ଅଧ୍ୟୟନ ଅନୁସାରେ, ବିଭିନ୍ନ ଧର୍ମର ଅଧିକାଂଶ ଭାରତୀୟମାନେ କର୍ମରେ ବିଶ୍ୱାସ କରନ୍ତି ଏବଂ ଏହା ସହିତ ଜୀବନର ଘଟଣାଗୁଡ଼ିକ ଭାଗ୍ୟ କିମ୍ବା ଅତୀତର କାର୍ଯ୍ୟ ଦ୍ୱାରା ନିୟନ୍ତ୍ରିତ ହୁଏ ବୋଲି ମଧ୍ୟ ଧାରଣା ରଖନ୍ତି। ଆମ ପାଇଁ ଭାଗ୍ୟରେ ଏହି ବିଶ୍ୱାସ ହେଉଛି ନୈତିକ ଦାୟିତ୍ୱର ଏକ ଦୃଢ଼ ଭାବନା।

ଆଧୁନିକ ସମାଜରେ ବେକାରୀ, ଦାରିଦ୍ର୍ୟ, ଜଳବାୟୁ ସଙ୍କଟ ଓ ଡିଜିଟାଲ୍ ନିରୀକ୍ଷଣରେ ଭାଗ୍ୟବାଦ ଦୃଶ୍ୟମାନ। କାର୍ଯ୍ୟ କରିବା ଓ ପରିସ୍ଥିତିକୁ ପରିବର୍ତ୍ତନ କରିବାର କ୍ଷମତାର ମାଧ୍ୟମ ହେଉଛି ଭାଗ୍ୟବାଦର ସମାଧାନ। ସାମାଜିକ ଆନ୍ଦୋଳନ, ମହିଳା ଗୋଷ୍ଠୀ, ଶ୍ରମିକ ସଂଘ ଓ ପରିବେଶଗତ ସକ୍ରିୟତା ହେଉଛି ଏହି ମାଧ୍ୟମମାନଙ୍କର କିଛି ଉଦାହରଣ। ଯେତେବେଳେ ସାମାଜିକ ବ୍ୟବସ୍ଥା ସୁଯୋଗକୁ ସୀମିତ କରେ, ସେତେବେଳେ ଭାଗ୍ୟବାଦ ବୃଦ୍ଧି ପାଏ। କିନ୍ତୁ ଯେତେବେଳେ ସାମୂହିକ ସଚେତନତା ସକ୍ରିୟ ହୁଏ, ସେତେବେଳେ ସାମାଜିକ ମାଧ୍ୟମମାନେ ଅସମାନତାକୁ ପ୍ରତିରୋଧ କରନ୍ତି ଏବଂ ସମାଜକୁ ପୁନଃଆକୃତି ଦିଅନ୍ତି। ତେଣୁ ସାମାଜିକ ପରିବର୍ତ୍ତନ ସେହି ଦିନଠାରୁ ଆରମ୍ଭ ହୋଇପାରିବ, ଯେଉଁଦିନ ଆମେମାନେ ଅନ୍ୟାୟ ଓ ଅସମାନତାକୁ 'ଲିଖିତ ଭାଗ୍ୟ' କହିବା ବନ୍ଦ କରିବା।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ଶତାୟୁ ପାହାଚରେ ଅଲ୍ ଚିକି

ରାଜେଶ୍ ରାୟ

କୁହାଯାଏ 'ଯାହା ଅଛି ଭାରତେ ତାହା ନାହିଁ ଜଗତେ।' ବିବିଧତାଭରା ପରମ୍ପରାକୁ ନେଇ ଭାରତ ଯେତିକି ସମୃଦ୍ଧ ସେତିକି ସ୍ୱତନ୍ତ୍ର। ସେହି ବିବିଧ ପରମ୍ପରା ମଧ୍ୟରେ ସାନ୍ତାଳ ଜନଜାତିଙ୍କ ପରମ୍ପରା ଅନନ୍ୟ। ଭାରତର ସର୍ବପୁରାତନ ଏବଂ ଅଧିକ ସଂଖ୍ୟକ ଆଦିବାସୀ ଜନଜାତିଙ୍କ ତାଲିକାରେ ସାନ୍ତାଳଙ୍କ ନାମ ଅନ୍ତର୍ଭୁକ୍ତ। ଏମାନେ ମୁଖ୍ୟତଃ ଝାଡ଼ଖଣ୍ଡ, ବିହାର, ଓଡ଼ିଶା, ଛତିଶଗଡ଼, ଆସାମ ଓ ପଶ୍ଚିମବଙ୍ଗ ନିବାସୀ। ଏହାଛଡ଼ା ବାଂଲାଦେଶ, ନେପାଳ ଓ ଭୁଟାନରେ ମଧ୍ୟ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ବିଶ୍ୱାସ କରାଯାଏ ସାନ୍ତାଳ ଜନଜାତିଙ୍କ ମୂଳ ସ୍ଥାନ ହେଉଛି ପୂର୍ବ-ଏସିଆର କାମ୍ବୋଡ଼ିଆ, ଯେଉଁଠାରୁ ସେମାନେ ୩୫୦୦ ରୁ ୪୦୦୦ ବର୍ଷ ପୂର୍ବେ ସ୍ଥାନାନ୍ତରିତ ହୋଇ ପ୍ରଥମେ ଆସାମ ଓ ବିହାରକୁ ଆସିଥିଲେ। ବର୍ତ୍ତମାନ ଭାରତରେ ପାଖାପାଖି ୬ ନିୟୁତରୁ ଊର୍ଦ୍ଧ୍ୱ ସାନ୍ତାଳ ଜନଜାତି ଅଛନ୍ତି।

ସାନ୍ତାଳମାନେ ବ୍ୟବହାର କରୁଥିବା ଭାଷାକୁ 'ସାନ୍ତାଳୀ' କୁହାଯାଏ, ଯାହାକି 'ମୁଣ୍ଡାରୀ' ଓ 'ହୋ' ଭାଷା ସହିତ କେତେକାଂଶରେ ମେଳ ଖାଏ। ପୂର୍ବରୁ ସାନ୍ତାଳୀ ଭାଷାର କୌଣସି ଲିପି ନଥିଲା। ଏହା ଦେବନାଗରୀ, ବଙ୍ଗାଳୀ, ଓଡ଼ିଆ ଓ କିଛି ରୋମାନ୍ ଭାଷାରେ ପରିପ୍ରକାଶ କରାଯାଉଥିଲା। ଏହାଦ୍ୱାରା ସାନ୍ତାଳ ସମ୍ପ୍ରଦାୟ ଲୋକଙ୍କ ଭାବନା, ଉଚ୍ଚାରଣ ଓ ଯୋଗାଯୋଗ ବାଧାପ୍ରାପ୍ତ ହେଉଥିଲା। ତେଣୁ ସାନ୍ତାଳ ଜନଜାତିର ସ୍ୱାଭିମାନ, ଗୌରବ ଓ ପରିଚୟକୁ ସମୃଦ୍ଧ କରିବା ପାଇଁ ଏକ ସ୍ୱତନ୍ତ୍ର ଲିପିର ଆବିର୍ଭାବ ହେଲା, ଯାହାର ନାମ ହେଉଛି 'ଅଲ୍ ଚିକି'। ଏହାକୁ 'ଅଲ୍ ସିମେଟ୍' ବା 'ଅଲ୍ ସ୍କ୍ରିପ୍ଟ' ବୋଲି ମଧ୍ୟ କୁହାଯାଏ। 'ଅଲ୍'ର ଅର୍ଥ 'ଲେଖିବା', 'ସିମେଟ୍' ର ଅର୍ଥ 'ଶିଖିବା' ଏବଂ 'ଚିକି'ର ଅର୍ଥ ହେଉଛି 'ସ୍କ୍ରିପ୍ଟ'। ତେଣୁ 'ଅଲ୍ ଚିକି' ହେଉଛି 'ଲେଖିବା ଓ ଶିଖିବାର କଳାକୁ ପ୍ରତିପାଦନ କରୁଥିବା ଏକ ସ୍କ୍ରିପ୍ଟ।'

ଏହି ଲିପିର ଜନକ ହେଉଛନ୍ତି 'ଗୁରୁ ଗୋମକେ' ପଣ୍ଡିତ ଶ୍ରୀରଘୁନାଥ ମୁର୍ମୁ। ସେ ୧୯୦୫ ମସିହାରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଏକ ସାନ୍ତାଳୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସ୍କୁଲରେ ଶିକ୍ଷକତା କରୁଥିବା ସମୟରେ ପଣ୍ଡିତ ଶ୍ରୀମୁର୍ମୁ ସାନ୍ତାଳ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ସମସ୍ୟା ଓ ସାଂସ୍କୃତିକ ଅବକ୍ଷୟକୁ ଦେଖି ଗଭୀର ଭାବେ ପ୍ରଭାବିତ ହୋଇଥିଲେ। ସେ ଅନୁଭବ କରିଥିଲେ ଯେ ସାନ୍ତାଳୀ ଭାଷାର ଧ୍ୱନିଗତ ବୈଶିଷ୍ଟ୍ୟକୁ ସଠିକ୍ ଭାବେ ପରିପ୍ରକାଶ କରିବା ପାଇଁ ଏକ ସ୍ୱତନ୍ତ୍ର ଲିପିର ନିହାତି ଆବଶ୍ୟକତା ରହିଛି। ଏହି ଭାବକୁ ନେଇ ସେ ୧୯୨୫ ମସିହାରେ 'ଅଲ୍ ଚିକି ଲିପି'ର ଉଦ୍ଭାବନ କରିଥିଲେ, ଯାହାକି ୧୯୩୫-୩୬ ମସିହାରେ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପାଇଲା। 'ଅଲ୍ ଚିକି' ଲିପି ବର୍ଣ୍ଣମାଳାରେ ସମୁଦାୟ ୩୦ ଟି ଅକ୍ଷର ଅଛି। ତନ୍ମଧ୍ୟରୁ ୬ଟି ସ୍ୱରବର୍ଣ୍ଣ ଓ ୨୪ଟି ବ୍ୟଞ୍ଜନ ବର୍ଣ୍ଣ। ଏହାବ୍ୟତୀତ ୫ଟି ଭିନ୍ନ ଭିନ୍ନ ସ୍ୱରକୁ ମଧ୍ୟ ବ୍ୟବହାର କରାଯାଏ, ଯାହା ଭାଷାର ଉଚ୍ଚାରଣକୁ ନିୟନ୍ତ୍ରଣ କରେ। 'ଅଲ୍ ଚିକି' ଲିପିର ପ୍ରତ୍ୟେକଟି ଅକ୍ଷର ପ୍ରାକୃତିକ ପରିବେଶ ଏବଂ ସାନ୍ତାଳ ଜନଜାତିଙ୍କ ସାମାଜିକ ଜୀବନଶୈଳୀରୁ ଆସିଛି, ଯାହା ସାନ୍ତାଳୀ ଭାଷାର ଏକ ନିର୍ଦ୍ଦିଷ୍ଟ ଧ୍ୱନିକୁ ପ୍ରତିନିଧିତ୍ୱ କରେ। ଏହା ଧ୍ୱନିମୂଳକ ଲିପି ହୋଇଥିବାରୁ ଶିଖିବା ଓ ବୁଝିବା ଅତି ସହଜ। ଅକ୍ଷରଗୁଡ଼ିକ ସାନ୍ତାଳ ସମ୍ପ୍ରଦାୟର ପାରିବାରିକ ସଂକେତ, କିଛି କ୍ରିୟା, ବସ୍ତୁ, ପାହାଡ଼, ଗଛ, ପକ୍ଷୀ, ମହୁମାଛି, ଦାଆ ଆଦି ବିଭିନ୍ନ ସାମାଜିକ କାରକରୁ ପ୍ରେରିତ। ଉଦାହରଣ ସ୍ୱରୂପ 'ଲା' ଅକ୍ଷରଟି ପୃଥିବୀରୁ ଆସିଥିବା ବେଳେ ବ୍ୟଞ୍ଜନ ବର୍ଣ୍ଣରେ ଥିବା 'ଏକ' ଅକ୍ଷରଟି ବତକର ସ୍ୱରରୁ ଏବଂ 'ଉର୍' ଅକ୍ଷରଟି ମହୁମାଛିର ସ୍ୱରରୁ ଆସିଛି।

ଏହି ଲିପି ପ୍ରାଥମିକ ସ୍ତରରେ ଲୋକାଦୃତ ହୋଇ ନଥିଲେ ହେଁ ସେ ବ୍ୟକ୍ତିଗତ ଭାବେ ଅନେକ କଷ୍ଟ ସହି ସାଧାନା ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ଉକ୍ତ ଲିପିକୁ ଗ୍ରହଣ କରାଯାଇ ବ୍ୟକ୍ତିଗତ ଓ ଶିକ୍ଷାନୁଷ୍ଠାନ ସ୍ତରରେ ତାହାର ପ୍ରଚାର ପ୍ରସାର ହେଲା। ୧୯୩୮ ମସିହାରେ ପଣ୍ଡିତ ଶ୍ରୀମୁର୍ମୁ କାଠର ଗୋଟିଏ ହାତପ୍ରିଣ୍ଟ ପ୍ରେସ କରି 'ଅଲ୍ ଚିକି' ଲିପିକୁ ଛପାଇଥିଲେ, ଯାହାକୁ ସେ ୧୯୩୮ ମସିହାରେ ମୟୂରଭଞ୍ଜ ଜିଲ୍ଲାରେ ଅନୁଷ୍ଠିତ ରାଜ୍ୟ ପ୍ରଦର୍ଶନୀରେ ଲୋକଲୋଚନକୁ ଆଣିଲେ। କୁହାଯାଏ ସେହି ପ୍ରଦର୍ଶନୀରେ ଶ୍ରୀମୁର୍ମୁ ଭକ୍ତକବି ମଧୁସୂଦନ ରାଓଙ୍କ ଏକ କବିତା 'ମାତୃଭୂମି ମାତୃଭାଷା ଉଭୟ ଜନନୀ, ସେବ ତାଙ୍କୁ ଭକ୍ତି ଭରେ ଦିବସ ରଜନୀ' ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଏକ କବିତା 'ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା' କୁ 'ଅଲ୍ ଚିକି' ଲିପିରେ ପ୍ରଦର୍ଶନ କରିଥିଲେ, ଯାହାକୁ ତତ୍କାଳୀନ ମହାରାଜା ପ୍ରତାପଚନ୍ଦ୍ର ଦେବ ଭଞ୍ଜଦେଓ ଦେଖି ପଣ୍ଡିତ ଶ୍ରୀମୁର୍ମୁଙ୍କ ପ୍ରୟାସରେ ପ୍ରୀତ ହୋଇଯାଇଥିଲେ।

ପରବର୍ତ୍ତୀ କାଳରେ କୋଲକାତାର ଜଣେ ଓକିଲଙ୍କ ସହାୟତାରେ 'ଅଲ୍ ଚିକି' ଲିପିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବା ପାଇଁ ଇଂରେଜଙ୍କ ପାଖେ ସୁପାରିସ କରାଗଲା, ଯାହା ପରବର୍ତ୍ତୀ ସମୟରେ ସଫଳ ହେଲା। ୨୦୦୩ ମସିହାରେ ୯୨ ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଅନୁଯାୟୀ ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ତାଲିକାରେ ଅନ୍ତର୍ଭୁକ୍ତ କରାଗଲା ଏବଂ ଭାରତୀୟ ସମ୍ବିଧାନରେ ଥିବା ୨୨ ଗୋଟି ସାମ୍ବିଧାନିକ ଭାଷା ମଧ୍ୟରେ ତାହା ଗୋଟିଏ ସ୍ଥାନ ଅଳଙ୍କୃତ କଲା। ଚାହୁଁ ଚାହୁଁ ଅଲ୍ ଚିକି ଲିପିର ବୟସ ଏବେ ୧୦୦ ବର୍ଷରେ ପାଦ ଥାପିଛି। ଏହି ଅବସରରେ ଭାରତ ସରକାରଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଡାକ ଟିକଟ ଓ ମୁଦ୍ରା ଉନ୍ମୋଚିତ ହୋଇଛି। ଏହାକୁ ନେଇ ଭାରତୀୟ ସମ୍ବିଧାନ ମଧ୍ୟ ଅନୁବାଦ କରାଯାଇଛି ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ଲିପିରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଉଛି।

(ଅଧ୍ୟାପକ, ବିଦ୍ୱାନ୍ ମହାବିଦ୍ୟାଳୟ)
ଜୟପୁର(କୋରାପୁଟ), ମୋ: ୬୩୭୧୫୫୫୯୪୦

## ଆମ ବୃକ୍ଷଲତା ଆମ ଜୀବନ

### ଆଙ୍କୁଲ
(Sage-leaved Alangium Plant-Alangium salvifolium)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଆଙ୍କୁଲ ସାଧାରଣତଃ ଏକ ଜଣାଶୁଣା ଜଙ୍ଗଲି ଔଷଧୀୟ ଗଛ। ଏହା ଭାରତୀୟ ଉପମହାଦେଶ, ପୂର୍ବ ଉଷ୍ଣମଣ୍ଡଳୀୟ ଆଫ୍ରିକାର ମୂଳ ଜାତ ଅଟେ। ଓଡ଼ିଶା ସମେତ ଭାରତର ଅନେକ ରାଜ୍ୟରେ ଏହା ପ୍ରଚୁର ପରିମାଣରେ ମିଳେ। ଏହାଛଡ଼ା ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ପଶ୍ଚିମ ହିମାଳୟ, କୋମୋରୋ ଦ୍ୱୀପପୁଞ୍ଜ, କେନିଆ ଓ ତାଞ୍ଜାନିଆ ଭଳି ଅନେକ ଦେଶରେ ମଧ୍ୟ ଦେଖାଯାଏ। ଭାରତରେ ଏହାକୁ ଏକ ପବିତ୍ର ଗଛ ଭାବରେ ବିବେଚନା କରାଯାଏ।

ଆଙ୍କୁଲ ପ୍ରାୟ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏକ ଛୋଟ, ବୁଦାଳିଆ ଓ ତୀକ୍ଷ୍ଣ କଣ୍ଟାଯୁକ୍ତ ଗଛ। ଏହାର ଛାଲି ପାଉଁଶ ରଙ୍ଗର, ରୁକ୍ଷ ଓ ସାମାନ୍ୟ ଫାଟିଥାଏ। ପତ୍ରଗୁଡ଼ିକ ସରଳ, ଅଣ୍ଡାକାର କିମ୍ବା ଆୟତାକାର, ସମ୍ପୂର୍ଣ୍ଣ ଧାର ସହିତ। ପୁଷ୍ପୋଦଗମ ୪ ରୁ ୮ ଟି ଫୁଲ ଧାରଣ କରିଥାଏ। କେତେକ ସମୟରେ କେବଳ ଏକାକୀ ଗୋଟିଏ ଫୁଲ ଥାଏ। ଫୁଲ ଡେମ୍ଫ ଯୁକ୍ତ, ସୁଗନ୍ଧିତ, କ୍ରିମ୍ ରଙ୍ଗର। ଫୁଲର ପାଖୁଡ଼ାଗୁଡ଼ିକ ସାଧାରଣତଃ ପଛକୁ କୁଞ୍ଚିତ ହୋଇ ରହିଥାଏ। ଫଳଗୁଡ଼ିକ ଅଙ୍ଗୁର ଭଳି ଗୋଲାକାର କିମ୍ବା ଅଣ୍ଡାକାର, ମସୃଣ ଓ ଗାଢ଼ ବାଇଗଣୀ ବା ଈଶତ୍ କଳା ରଙ୍ଗ। ଫୁଲ ଓ ଫଳ ଧରିବା ସମୟ ହେଉଛି ଫେବୃଆରୀ-ଜୁନ୍ ମାସ। ଫୁଲ ଫୁଟିବା ସମୟରେ ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ଝଡ଼ି ଯାଏ ଏବଂ ଫଳ ଆସିଲେ ପୁଣି ପତ୍ର କଅଁଳିବା ଆରମ୍ଭ ହୁଏ। ଫୁଲଗୁଡ଼ିକ ମହୁମାଛି, ବଣି, ଟିକି ଫୁଲ ଛୁଇଁ ପକ୍ଷୀ, ଭାଲିଆ-ଖାଇ ବା ନାହାକ ଶୁଆ, ବଡ଼ପାଦ କାଷ୍ଠ କର୍ମୀ ମହୁମାଛି, ଲୋମଶ କାଷ୍ଠ କର୍ମୀ ମହୁମାଛି, ଇତ୍ୟାଦି ଦ୍ୱାରା ପରାଗ ପ୍ରାପ୍ତ ହୁଏ।

ଆୟୁର୍ବେଦରେ ଆଙ୍କୁଲ ଗଛର ସମସ୍ତ ଅଂଶ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହା ପ୍ରାୟତଃ ଅନ୍ତଃନଳୀ ସମ୍ବନ୍ଧୀୟ ବ୍ୟାଧିର ଚିକିତ୍ସା ପାଇଁ ମହୌଷଧୀ ରୂପେ ବ୍ୟବହୃତ। ଏଥିରେ କାର୍ମିନେଟିଭ୍ ବା ହଜମ ଓ ରେଚକ ଗୁଣ ଅଛି, ଯାହା ଏହାକୁ ଦୈନନ୍ଦିନ ଗ୍ୟାଷ୍ଟ୍ରିକ୍, ପେଟ ଫୁଲିବା ସମସ୍ୟା ଇତ୍ୟାଦିର ଉପଶମ କରିଥାଏ। ଏହାକୁ ମଧ୍ୟ ଠେକୁଆ, ମୂଷା ଓ କୁକୁର କାମୁଡ଼ାର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ଏହାର ମୂଳ ଓ ପତ୍ର ଯନ୍ତ୍ରଣା ନିବାରକ, ଆଣ୍ଟି-ରିଉମାଟିକ୍ ଓ ଶ୍ୱାସକ୍ରିୟା ସମସ୍ୟାର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ମୂଳର ଛାଲିକୁ ଚର୍ମ ରୋଗ, ସାପ କାମୁଡ଼ାର ପ୍ରତିଷେଧକ, ପରଜୀବୀ କୃମି (ପ୍ଲାଟିହେଲମିନ୍ଥେସ୍) ଏବଂ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ପରଜୀବୀ ବିନାଶ କରିବା ପାଇଁ ବ୍ୟବହାର କରାଯାଏ। ଏହାର ତେଲ କୁଣ୍ଡିଆ, ଏକଜିମା, ହର୍ପିସ୍ ଓ ଅନ୍ୟାନ୍ୟ ଚର୍ମ ରୋଗରେ ଲାଭଦାୟକ। ଏହାର ବିହନ କାମୋଦ୍ଦୀପକ ଓ ଶରୀରକୁ ଶକ୍ତି ପ୍ରଦାନ କରେ। ଖେଳାଳିମାନେ ଶକ୍ତି ବୃଦ୍ଧି କରିବା ପାଇଁ ଏହାର ବିହନ ବ୍ୟବହାର କରନ୍ତି। ଏହାର ମୂଳ ଯନ୍ତ୍ରଣା ନିବାରକ, ପ୍ରଦାହ ନିରୋଧୀ, ଆଣ୍ଠୁଗଣ୍ଠି ବାତ ଉପଶମ କାରକ ଓ କର୍କଟ ନିରୋଧୀ। ଏହାର ବିହନ ମଧୁମେହ ନିବାରଣ, ଡାଇୟୁରେଟିକ୍, ଆଣ୍ଟିମାଇକ୍ରୋବାୟକ ଚିକିତ୍ସା ଗୁଣ ବହନ କରେ। ଫଳଗୁଡ଼ିକ ଆଫ୍ରୋଡିସିଆକ୍, କଫ ନିରୋଧୀ, ସର୍ପ କାମୁଡ଼ାର ପ୍ରତିଷେଧକ, ବିଛା ଦଂଶନ ପ୍ରତିଷେଧକ। କାଣ୍ଡ ଡାଇରିଆ ତଥା ଝାଡ଼ା ରୋଗ ପ୍ରତିଷେଧକ। ମୂଳ ଓ କାଣ୍ଡ ଛାଲି ଇନଫ୍ଲୁଏଞ୍ଜା, ଜ୍ୱର, ଜଣ୍ଡିସ୍, ଡାଇରିଆ, ଗଣ୍ଠି ଯନ୍ତ୍ରଣା, ବାତ ଯନ୍ତ୍ରଣା, ପିଠି ଯନ୍ତ୍ରଣା, ଅର୍ଟିକାରିଆ, ସାଧାରଣ ଶରୀର ଯନ୍ତ୍ରଣା, ବାନ୍ତି, କୋଷ୍ଠକାଠିନ୍ୟ, ପାଇଲ୍ସ, କୃମି, ଉଚ୍ଚ ରକ୍ତଚାପ ଏବଂ ପଶୁ କାମୁଡ଼ାର ଚିକିତ୍ସାରେ ଉପଯୋଗୀ। ଆଙ୍କୁଲ ତେଲ ଶକ୍ତି ବର୍ଦ୍ଧକ ଏବଂ ବାର୍ଦ୍ଧକ୍ୟକୁ ବିଳମ୍ବ କରେ (ନାକରେ ପ୍ରୟୋଗ କରାଯାଏ)। ଫଳଗୁଡ଼ିକ ଶାରୀରିକ ଦୁର୍ବଳତା, ରକ୍ତସ୍ରାବ ରୋଗ (ନାକ ରକ୍ତସ୍ରାବ ଓ ପାକସ୍ଥଳୀ ରକ୍ତସ୍ରାବ) ଚିକିତ୍ସା ପାଇଁ ବ୍ୟବହୃତ ହୁଏ।

ଏହାର କାଠ କଠିନ ଏବଂ ବାଦ୍ୟଯନ୍ତ୍ର, ଫର୍ଣ୍ଣିଚର, ପେଷ୍ଟଲ୍ ଓ ରୋଲର୍, ଅଳଙ୍କାର କାମ ପାଇଁ ସୁଲଭ ବୋଲି ବିବେଚନା କରାଯାଏ ଏବଂ ଏହା ଜାଳେଣି କାଠ ଭାବରେ ମଧ୍ୟ ଭଲ ଅଟେ। ଏହାର କାଣ୍ଡକୁ କେନିଆରେ ବର୍ଚ୍ଛା ଭାବରେ ଏବଂ ଭାରତରେ ଏହାର କୋମଳ ଡାଳକୁ ଦାନ୍ତକାଠି ଭାବରେ ବ୍ୟବହାର କରାଯାଏ। ଆଙ୍କୁଲରେ ବିଭିନ୍ନ ସକ୍ରିୟ ଫାଇଟୋକେମିକାଲ୍ ବା ଜୈବିକ ରସାୟନ ଯେପରିକି ଆଲାଙ୍ଗିନ, ଆଙ୍କୋରିନ୍, ଟ୍ୟୁବୁଲୋସିନ୍, ଆଲାଙ୍ଗିସିନ୍, ସାଲସୋଲିନ୍, ଇତ୍ୟାଦି ରହିଛି। ତେଲରେ ପ୍ରାୟ ୯୦ ପ୍ରକାରର ଯୌଗିକ ରସାୟନ ଥାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।






Flat
45% off
on making charges
of gold jewellery.



90 YEARS
TRUST IS TIMELESS

**BHUBANESWAR:** Janpath | Chandrasekharpur | Samantarapur | Soubhagya Nagar | **ANGUL:** Shankar Cinema Hall Road **BERHAMPUR:** Venkatraju Arcade, Sano Bazar **CUTTACK:** 558/834, Cantonment Road **JAJPUR ROAD:** Bank Street Road **JHARSUGUDA:** Sarbahal Road, Marwari Para **PURI:** Opp. Police Line, VIP Road **ROURKELA:** Kesar Bhawan, Main Road **SAMBALPUR** (Opening Shortly)

100% BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com
1800 3131 777
FOLLOW US ON:

SCAN TO KNOW MORE

## ସୁଧୁରୁନି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମସ୍ୟା, ଛାତ୍ରଛାତ୍ରୀ ବିମୁଖ

# ଭାରପ୍ରାପ୍ତ କୁଳପତିଙ୍କ ପ୍ରତି ତେଜୁଛି ଅସନ୍ତୋଷ



କୋରାପୁଟ,୨୨।୨(ସମିସ): ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଉଚ୍ଚ ଶିକ୍ଷାର ବିକାଶ ନିମନ୍ତେ ୨୦୦୯ରେ ତତ୍କାଳୀନ ଉପା ସରକାର କୋରାପୁଟ ଠାରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ଉପାନ୍ତ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଲେ ସେହି ଅଞ୍ଚଳର ଗରିବ ଛାତ୍ର ଛାତ୍ରୀ ଅତି କମ୍ ଖର୍ଚ୍ଚରେ ଉଚ୍ଚ ଶିକ୍ଷା ଗ୍ରହଣ କରି ପାରିବେ ବୋଲି ସରକାରଙ୍କ ଚିନ୍ତାଧାରା ଥିଲା। ଉପା ସରକାରଙ୍କ ନିଷ୍ପତିକୁ ସ୍ୱଗତ କରି ନବୀନ ପଟ୍ଟନାୟକଙ୍କ ନେତୃତାଧୀନ ପୂର୍ବ ସରକାର କେନ୍ଦ୍ର ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରି ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିମନ୍ତେ ସଂପୂର୍ଣ୍ଣ ମାଗଣାରେ ସୁନାବେଡ଼ା ଠାରେ ୪୮୦ ଏକର ସରକାରୀ ଜମି ଯୋଗାଇ ଦେଇଥିଲେ। ବର୍ତ୍ତମାନ ସେହି ସ୍ଥାନରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ କୋଠା ସମେତ ସବୁ ବିଭାଗର ଶ୍ରେଣୀ ଗୃହ, କୁଳପତି, କୁଳ ସଚିବଙ୍କ ବାସଗୃହ, ହଷ୍ଟେଲ ଏବଂ ଅଧିକାରୀ, କର୍ମଚାରୀ ମାନଙ୍କ ବାସଗୃହ ନିର୍ମାଣ କାର୍ଯ୍ୟ ହୋଇଛି। ଏହା ମଧ୍ୟରେ ନୂଆ ନୂଆ ବିଷୟରେ ଶିକ୍ଷାଦାନ ଆରମ୍ଭ ହୋଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାର ୧୫ ବର୍ଷ ପରେ ମଧ ଛାତ୍ର ଛାତ୍ରୀ ମାନଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବା କିମ୍ବା ସ୍ଥାୟୀ କର୍ମଚାରୀ ନିଯୁକ୍ତି ସମ୍ପୂର୍ଣ୍ଣ ହୋଇ ପାରୁନି। ରାଜ୍ୟ ଓ ରାଜ୍ୟ ବାହାରୁ ଶହ ଶହ ପିଲା କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ଆସୁଛନ୍ତି। କିନ୍ତୁ ଏଠାରେ ଆସିବା ପରେ ସେମାନଙ୍କ ସ୍ୱପ୍ନର କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଯେ ସମସ୍ୟାରେ ଭରି ରହିଥିବା ଏକ ଅନୁଷ୍ଠାନ ବୋଲି ଅନୁଭବ କରୁଛନ୍ତି। ଗତ କିଛି ବର୍ଷ ହେଲା କେବଳ ବିଶ୍ୱବିଦ୍ୟାଳୟର ଭିତ୍ତିଭୂମିର ନିର୍ମାଣ ବ୍ୟତୀତ ଆଉ କିଛି ହୋଇନଥିବା ମନେ ହେଉଛି। ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ଛାତ୍ରଛାତ୍ରୀ ଗତ ୭-୮ ବର୍ଷ ମଧ୍ୟରେ ପ୍ରାୟ ୨୦ରୁ ଅଧିକ ଥର ଆନ୍ଦୋଳନ କରିଛନ୍ତି। ସବୁ ସମୟରେ କେବଳ ପ୍ରତିଶ୍ରୁତି ଦେଇ କର୍ତ୍ତୃପକ୍ଷ ଆନ୍ଦୋଳନ ପ୍ରତ୍ୟାହାର କରାଇ ନିଅନ୍ତି। ଏପରିକି ୨୦୧୮ରେ ଛାତ୍ର ଛାତ୍ରୀ ମାନଙ୍କ ନ୍ୟାଯ୍ୟ ଦାବି ପୂରଣ ପାଇଁ ଆୟୋଜିତ ଆନ୍ଦୋଳନକୁ ପ୍ରତିହତ କରିବା ପାଇଁ ତତ୍କାଳୀନ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ସାଇନ୍ ଏ ଡାଏ ଘୋଷଣା କରି ବିଶ୍ୱବିଦ୍ୟାଳୟ ଇତିହାସରେ କଳଙ୍କିତ ଅଧ୍ୟାୟ ରଚିଥିଲେ। ଏହା ସତ୍ତ୍ୱେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ବର୍ତ୍ତମାନ ମଧ ପିଲା ଆସୁଛନ୍ତି। କିନ୍ତୁ ଏ ଯାଏ କୌଣସି ସମସ୍ୟାର ସମାଧାନ ହୋଇ ପାରୁନି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବାରୁ ବିଶ୍ୱବିଦ୍ୟାଳୟର ଅନେକ ସମସ୍ୟା ଦୂର ହେବା ସମସ୍ତେ ଆଶା କରିବା ସ୍ୱଭାବିକ, ଏହା ମଧ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇଥର ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଦୀର୍ଘ ସୂଚିର ପ୍ରତିଶ୍ରୁତି ଦେଇଥିଲେ। ହେଲେ ମନ୍ତ୍ରୀଙ୍କ ୭୦ ପ୍ରତିଶତ ପ୍ରତିଶ୍ରୁତି ପୂରଣ ହୋଇ ନଥିବା ମନେ ହେଉଛି। ଅନ୍ୟ ପକ୍ଷରେ ଛାତ୍ରଛାତ୍ରୀ ସେମାନଙ୍କ ନ୍ୟାଯ୍ୟ ଦାବି ପାଇଁ ଲଢେଇ କରୁଥିବା ବେଳେ କୁଳପତି ଏବଂ ଅଧ୍ୟାପକ ମାନଙ୍କ ଆଚରଣ ଛାତ୍ରଛାତ୍ରୀ ମାନଙ୍କ ପ୍ରତି ଦିନକୁ ଦିନ ଅସହ୍ୟ ହେଉଥିବା ଅଭିଯୋଗ ହେଉଛି।

### ଅଧ୍ୟାପକ ଦମ୍ପତିଙ୍କୁ ବହିଷ୍କାର ଦାବି

ଏହା ଶୁକ୍ରବାର ଦିନର ଆନ୍ଦୋଳନରୁ ସ୍ପଷ୍ଟ ବୁଝା ପଡୁଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତା ମାନଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇ ସ୍ଥାୟୀ କୁଳପତିଙ୍କ ସମେତ ବିଭିନ୍ନ ବିଭାଗର ସ୍ଥାୟୀ ଅଧ୍ୟାପକ ନିଯୁକ୍ତି, କ୍ୟାମ୍ପସ ପରିସରରେ ଫ୍ରି ୱାଇଫାଇ, ଛାତ୍ରାବାସ, ଛାତ୍ରୀ ନିବାସରେ ଅହରହ ଜଳ ଯୋଗାଣ, ଉନ୍ନତ ମାନର ଖାଦ୍ୟ ଦିଆଯିବା, ଛାତ୍ରୀ ନିବାସରେ ଲାଇବ୍ରେରୀ ସ୍ଥାପନା, ବିଶ୍ୱବିଦ୍ୟାଳୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମସ୍ତ ଔଷଧ ଗଚ୍ଛିତ ରଖିବା, କୃଷି ଓ ଫରେଷ୍ଟ୍ରି ବିଭାଗର ପରୀକ୍ଷା କରାଯିବା ଇତ୍ୟାଦି ଦାବି ସହ ଭାରପ୍ରାପ୍ତ କୁଳପତି ଏବଂ କୃଷି ବିଜ୍ଞାନ ବିଭାଗ ମୁଖ୍ୟ ଡ. ମଞ୍ଜୁ ଶ୍ରୀ ସିଂ ଏବଂ ଫରେଷ୍ଟ୍ରି ବିଭାଗ ମୁଖ୍ୟ ଡ. ସଞ୍ଜୟ ପ୍ରଧାନଙ୍କୁ ତୁରନ୍ତ ହଟାଇବା ଦାବିରେ ଆନ୍ଦୋଳନ କରିଥିଲେ। ଦୀର୍ଘ ସମୟର ଆଲୋଚନା ପରେ ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ସେମାନଙ୍କ ଦାବି ପୂରଣ ପାଇଁ ଏକ ସପ୍ତାହ ସମୟ ନେବା ପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା। ତେବେ ସାତ ଦିନ ମଧ୍ୟରେ ସେମାନଙ୍କ ଦାବି ପୂରଣ ନହେଲେ ପୁନର୍ବାର ଆନ୍ଦୋଳନ କରାଯିବ ବୋଲି ସୂଚନା ମିଳିଛି। ସୂଚନା ଥାଉକି ଗତ ୧୦ ମାସ ହେଲାଣି ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି କେହି ନାହାନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓଡ଼ିଶାର । କିନ୍ତୁ ୧୦ ମାସ କାଳ କୁଳପତି ପଦ ପୂରଣ ନହେବା ପରିତାପର ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି କୃଷି ବିଭାଗ ମୁଖ୍ୟ ଡ. ମଞ୍ଜୁ ଶ୍ରୀ ସିଂ ବ୍ୟକ୍ତିଗତ ରୋଶକୁ ନେଇ ଭାରପ୍ରାପ୍ତ କୁଳପତିଙ୍କ ଉପରେ ଚାପ ପକାଇ ଗତବର୍ଷ ଅକ୍ଟୋବର ମାସରେ ଜଣେ ଛାତ୍ରୀଙ୍କ ସହ ୫ ଜଣଙ୍କୁ ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଇଥିଲେ। କୃଷି ଓ ଡାଇରୀ ସାଇନ୍ସ ବିଭାଗର ପରୀକ୍ଷା ଦୁଇ ବର୍ଷ ହେଲା କରା ଯାଉନାହିଁ। ଉଭୟ ବିଭାଗର ମୁଖ୍ୟ ରାଜନୈତିକ କ୍ଷମତା ଦେଖାଇ ପ୍ରତି କଥାରେ ଛାତ୍ରଛାତ୍ରୀ ମାନଙ୍କୁ ଧମକାଇ ନିୟନ୍ତ୍ରଣ କରୁଥିବା ଅଭିଯୋଗ ଉଠାଇଛନ୍ତି। ତେଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉଭୟଙ୍କୁ ତୁରନ୍ତ ହଟାଇବାକୁ ବିଦ୍ୟାର୍ଥୀ ପରିଷଦ ଦାବି କରିଛି। ଯଦି ସରକାର ଏଥିପ୍ରତି ଗୁରୁତ୍ୱ ନଦିଅନ୍ତି ତାହେଲେ ଓଡ଼ିଶାର ଏକମାତ୍ର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆସନ୍ତା ଦିନରେ କଳା ଅଧ୍ୟାୟ ଲିପିବଦ୍ଧ କରିବ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନେତା ଦିବ୍ୟ ଜ୍ୟୋତି ନନ୍ଦ ପ୍ରତିକ୍ରିୟା ଦେଇଛନ୍ତି।

## ପହଁରିବା କୌଶଳ ଉପରେ ତାଲିମ



କୋରାପୁଟ,୨୨।୨(ସମିସ): କୋରାପୁଟ ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଏବଂ ଗ୍ରାମାଞ୍ଚଳର ଯୁବକ ଯୁବତୀ ମାନଙ୍କୁ ଓଏମପି ଠାରେ ଥିବା ପୋଖରୀରେ ପହଁରିବା ଏବଂ ବୁଡ଼ି ଯିବା ପରେ ମୌଳିକ ବଞ୍ଚିବା କୌଶଳ ଉପରେ ତାଲିମ ପ୍ରଦାନ କରାଯାଉଛି। ଓସଡମା ଦ୍ୱାରା ସମର୍ଥିତ ଏବଂ ଓଡ୍ରାଫ, ଓଏସଏପି ତୃତୀୟ ବାଟାଲିୟନ ଓ କୋରାପୁଟ ଜିଲ୍ଲା ପ୍ରଶାସନ ଦ୍ୱାରା ମିଳିତ ଭାବେ ଆୟୋଜନ କରାଯାଉଛି। ୧୦ଟି ବ୍ୟାଚରେ ୩୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଆଜି ସୁଦ୍ଧା ୫ଟି ବ୍ୟାଚର ୧୩୫ ଜଣଙ୍କୁ ତାଲିମ ଦିଆଯାଇଛି। ସହର ଏବଂ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଓ ଯୁବକ ମାନେ ତାଲିମ ଶିବିରରେ ଅଂଶ ଗ୍ରହଣ କରିବାକୁ ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି।

## ବିଶ୍ୱ ମାତୃଭାଷା ଦିବସ ପାଳିତ



ଗୁଣପୁର,୨୨।୨ (ସମିସ): କଳିଙ୍ଗ ସାହିତ୍ୟ ଘର ଗୁଣପୁର ପକ୍ଷରୁ ମାତୃଭାଷା ଦିବସ ପାଳିତ ହୋଇଯାଇଛି। କଳିଙ୍ଗ ସାହିତ୍ୟ ଘରର ଆବାହକ ଶକ୍ତି ଦାଶଙ୍କ ଆହ୍ୱାନକ୍ରମେ ଅୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ତଥା ସାହିତ୍ୟିକ ସୋମନାଥ ଗୌଡ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା ସାହିତ୍ୟିକ ନୀଳାଞ୍ଚଳ ମିଶ୍ର ସମାଜସେବୀ ତଥା ବଂଶଧାରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀ ମହାକୁଡ ଯୋଗ ଦେଇଥିଲେ। ଶିଶୁ ପ୍ରତିଭା ମହୋତ୍ସବ କମିଟିର ସଭାପତି ତଥା ଶିକ୍ଷାବିତ ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ କାଳି ଶଙ୍କର ରଥ, ଓଡିଶା ଦୁର୍ନୀତି ସଂଘର୍ଷ ମଞ୍ଚର ଉପ ସଭାପତି ସୂର୍ଯ୍ୟ ପ୍ରକାଶ ପଟ୍ଟନାୟକ, କଳିଙ୍ଗ ସାମ୍ବାଦିକ ସଂଘ କୋଷାଧକ୍ଷ ରଞ୍ଜିତ କୁମାର ପାଢ଼ୀ ଉପସ୍ଥିତ ଥିଲେ। ମାତୃଭାଷାର ପ୍ରସାର, ପ୍ରଚାର ନିମନ୍ତେ ସବୁ ସ୍ତରରେ ପ୍ରସ୍ତୁତି ଆବଶ୍ୟକ ବୋଲି ସମସ୍ତ ଅତିଥି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନନ୍ତ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଲକ୍ଷ୍ମୀ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ କଳିଙ୍ଗ ସାହିତ୍ୟ ଘର ର ସଦସ୍ୟ ରାମ କୁମ୍ଭାର, ଏଙ୍କେଟି କୈବର୍ତ୍ତ, ସନ୍ତୋଷ କୁମ୍ଭାର, ସୀମାଞ୍ଚଳ ଗୌଡ଼ ପ୍ରମୁଖ ପରିଚାଳନା କରିଥିଲେ।

## ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ବିଡିଓଙ୍କ ବୈଠକ



କୁନ୍ଦୁରା, ୨୨।୨(ସମିସ): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟରେ ନୂତନ ପଞ୍ଚାୟତ ଗୃହ ନିର୍ମାଣକୁ ନେଇ ବିଡିଓଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆସନା ପଞ୍ଚାୟତ ନୂତନ ପଞ୍ଚାୟତ ଭବନ ନିର୍ମାଣକୁ ନେଇ ହୋଇ ପାରୁନାହିଁ ସମାଧାନ। ପଞ୍ଚୟତର ଗୋଟିଏ ଗୋଷ୍ଠଇ ଆସନା ଠାରେ ଗୃହ ନିର୍ମାଣ ପାଇଁ ଦାବୀ କରୁଥିବା ବେଳେ ଆଉ ଏକ ଗୋଖୟଓଷ ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟ ଉଦଲଗୁଡ଼ା ଠାରେ ନୂତନ ଗୃହ ନିର୍ମାଣ ଦାବି ରଖିଛନ୍ତି । ଏହି ସମସ୍ୟା ସମାଧାନ ନିମନ୍ତେ ପୂର୍ବରୁ ବିଡିଓ ବହୁବାର ଆଲୋଚନା କରିଥିଲେ। କିନ୍ତୁ ବିଫଳ ହୋଇଥିଲେ । ଆଜି ଶେଷ ନିଷ୍ପତ୍ତି ପାଇଁ ବିଡିଓ ପି ମନସ୍ୱିତା ଆସନା ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ, ସଭ୍ୟା ସରପଞ୍ଚ ଓ ସମିତି ସଭ୍ୟ।।ଙ୍କୁ ପତ୍ର ସଂଖ୍ୟା ୫୭୩ ଅନୁସାରେ ବ୍ଲକ କାର୍ଯ୍ୟାଳୟରେ ଡାକିଥିଲେ। ସମସ୍ତ ପ୍ରତିନିଧିଙ୍କ ସହ ଆଲୋଚନା କରି ବ୍ୟକ୍ତିଗତ ମତାମତ ନେଇଥିଲେ ଓ ଶେଷରେ ଉଭୟ ସ୍ଥାନରେ ଗୃହ ନିର୍ମାଣ ପାଇଁ ସମାନ ମତାମତ ରହିଲା। ପଞ୍ଚାୟତରେ ୧୧ ଟି ୱାଡରୁ ୧୦ ଜଣ ୱାଡର୍ ମେମ୍ବର ରହିଛନ୍ତି ଓ ସେଥିରୁ ଆଜି ଜଣେ ଅନୁପସ୍ଥିତ ରହିଲେ। ସରପଞ୍ଚଙ୍କ ସହ ୧୦ ଜଣ ଉପସ୍ଥିତ ରହି ଆସନା ପାଇଁ ପାଞ୍ଚ ଜଣ ଏବଂ ଉଦଲଗୁଡ଼ା ପାଇଁ ପାଞ୍ଚଜଣ ମତ ରଖିଥିଲେ। ଯେହେତୁ ଏହି ମତାମତକୁ ଆଧାର କରି ଏହି ଦୁଇଟି ସ୍ଥାନରେ କରାଯାଇ ପାରିବ ନାହିଁ । ତେଣୁ ତହସିଲଦାରଙ୍କ ସହ ଆଲୋଚନା କରି ଦୁଇ ଗାଁ ମଝିରେ ସରକାରୀ ଜାଗା ଚିହ୍ନଟ କରି ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି।

## ଉତ୍କଳ ସମ୍ମିଳନୀ କୋରାପୁଟ ଜିଲ୍ଲା ଶାଖା ବୈଠକ ସ୍ଥଗିତ

# ରାଜ୍ୟ ମନ୍ତ୍ରୀ ଯୋଗ ନ ଦେବାରୁ କାର୍ଯ୍ୟକ୍ରମ ନୋହିଲା




ଜୟପୁର, ୨୨।୨(ସମିସ) : କୋରାପୁଟ ଜିଲ୍ଲା ଶାଖା ଉତ୍କଳ ସମ୍ମିଳନୀର ଏକ ବୈଠକ ରବିବାର ଜୟପୁର ସହରର ଖାଲସାହିସ୍ଥ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି ଉଦ୍ୟାନ ଠାରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଶାଖା ସଭାପତି ମଦନ ମୋହନ ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶାଖା ସମ୍ପାଦକ ନବୀନ ମାଦଳା ଗତ ବୈଠକର ଆଲୋଚନାର ବିବରଣୀ ପ୍ରଦାନ କରିଥିବା ବେଳେ ଉପ ସଭାପତି ରାଜେନ୍ଦ୍ର କୁମାର ଗୌଡ଼ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃୟାରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ଜୟପୁର ଠାରେ ସ୍ୱତନ୍ତ୍ର ସମ୍ମିଳନୀ ବୈଠକ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଯୋଗ ଦେବାକୁ ରାଜ୍ୟ ସରକାରଙ୍କ ମନ୍ତ୍ରୀ ମାନଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ ବିଧାନସଭା ଅଧିବେଶନ ଚାଲୁ ରହିଥିବା ଯୋଗୁଁ ଏହି ବୈଠକରେ ମନ୍ତ୍ରୀ ମାନେ ଯୋଗଦେବା ଆଶା ନଥିବା ନେଇ ସୂଚନା ଦିଆଯାଇଥିଲା । ଏହି ରାଜ୍ୟ ସ୍ତରୀୟ ସ୍ୱତନ୍ତ୍ର ସମ୍ମିଳନୀ ଫେବୃୟାରୀ ୨୮ ଏବଂ ମାର୍ଚ୍ଚ ୧ ତାରିଖରେ ଜୟପୁରରେ ହେବାକୁ ଘୋଷିତ ହୋଇଥିଲା। ତାହା ସାମୟିକ ଭାବେ ସ୍ଥଗିତ ନିଷ୍ପତ୍ତି ସହ ପୁଣି ଆସନ୍ତା କିଛି ଦିନ ପରେ ଏହି ବୈଠକ ହେବାକୁ ରହିଥିବା ବେଳେ ଏଥିରେ ଯେପରି ଓଡିଶାର ମନ୍ତ୍ରୀ ମାନେ ଯୋଗ ଦେବେ ସେ ସମ୍ପର୍କରେ ଯୋଗାଯୋଗ ଏବଂ ଅତିଥି ସମ୍ପର୍କ ନେଇ ଉପଦେଷ୍ଟା ଭୃଗୁ ବକ୍ସିପାତ୍ରଙ୍କୁ ଦାୟିତ୍ୱ ଦେବାକୁ ବୈଠକରେ ସ୍ଥିର ହୋଇଥିଲା। ତେଣୁ ଆସନ୍ତା ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର ଅଧିବେଶନକୁ ସାମୟିକ ଭାବେ ସ୍ଥଗିତ ରଖିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏହିପରି ଅବିଭକ୍ତ କୋରାପୁଟ ଜିଲ୍ଲାରେ ଜଣେ ମନ୍ତ୍ରୀ ରହିଛନ୍ତି ଏବଂ ଜୟପୁରକୁ ବିମାନ ସେବା ବ୍ୟବସ୍ଥା ରହିଥିବା ବେଳେ ବିଧାନସଭା ଅଧିବେଶନ ଆଳ ଦେଖାଇ ରାଜ୍ୟ ମନ୍ତ୍ରୀ ମାନେ ଯୋଗ ନଦେବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୁଗ୍ମ ସଂପାଦକ ଚନ୍ଦ୍ରକାନ୍ତ ସୂତାର, ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଦାସ ଶୁଭେନ୍ଦୁ ବ୍ରହ୍ମା, ଦିଲୀପ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ସଂଗଠନ ସଂପାଦକ ପରମେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିମେଲା ମୁଖ୍ୟ ରାସ୍ତା ଅଳିଆଗଦା



କୋରୁକୋଣ୍ଡା,୨୨।୨(ସମିସ): ମାଲକାନଗିରି ଜିଲ୍ଲାର ଏକମାତ୍ର ପୌର ପରିଷଦ ବାଲିମେଲା ସହରର ପ୍ରବେଶ ଦ୍ୱାରରେ ଅଳିଆ ଆବର୍ଜନା ପକାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସରକାର ଏବଂ ପ୍ରଶାସନ ପକ୍ଷରୁ ପ୍ରତିବର୍ଷ ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ କରିବାକୁ ସଚେତନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଖୋଦ୍ ପୌର ପରିଷଦ ଅଞ୍ଚଳର ପ୍ରବେଶ ଦ୍ୱାରରେ ଅଳିଆଗଦା ଓ ଆବର୍ଜନା ପୂର୍ଣ୍ଣ ପରିବେଶ ଦେଖି ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ବାଲିମେଲା ପେଟ୍ରୋଲ ପମ୍ପ ସମ୍ମୁଖ ନିର୍ମାଣାଧୀନ ଗୋଷ୍ଠୀ କେନ୍ଦ୍ର ଠାରୁ ଆରମ୍ଭ କରି ଚିତ୍ରକୋଣ୍ଡା ଛକ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ଅଳିଆ ଆବର୍ଜନା କୁଢ କୁଢ ଅଳିଆ ଆବର୍ଜନା ପକାଯାଉଛି। ବାଲିମେଲା ସହରର ବିଭିନ୍ନ ଦୋକାନ ବଜାର ଏବଂ ଘରର ଅଳିଆ ଆବର୍ଜନା, ପ୍ଲାଷ୍ଟିକ ଜରି , ପ୍ଲାଷ୍ଟିକ ବୋତଲ ଭଳି ବିଷାକ୍ତ ସାମଗ୍ରୀ ପକାଇବା ଫଳରେ ଉଭୟ ପାଶ୍ୱର୍ରେ ଥିବା ଜଙ୍ଗଲ ପରିବେଶ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ କୌଣସି ଆଗନ୍ତୁକ ସହର ମଧ୍ୟରେ ପ୍ରବେଶ ବେଳେ ଅଳିଆଗଦାର ଦୃଶ୍ୟ ଦେଖିବା ଦ୍ୱାରା ସହରବାସୀଙ୍କ ଛବି କ୍ଷୂର୍ଣ୍ଣ ହେଉଥିବା ଚର୍ଚ୍ଚା ହେଉଛି। ଦିନେ ଦୁଇ ଦିନ ନୁହେଁ ବରଂ ବର୍ଷ ବର୍ଷ ଧରି ସହରର ଅଳିଆ ଆବର୍ଜନା ଏଠାରେ ପକାଯାଉଛି। ସ୍ଥାନୀୟ ପ୍ରଶାସନ ଅଧିକାରୀ ମାନେ ଦେଖି ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ଉକ୍ତ ରାସ୍ତା ଉଭୟ ପାଶ୍ୱର୍ରୁ ଅଳିଆ ଆବର୍ଜନା ହଟାଇ ଆଭ୍ୟନ୍ତରୀଣ ଅଞ୍ଚଳରେ ଅଳିଆଗଦା କରି ଫିଙ୍ଗିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆମ୍ବ ବଉଳରେ ମହକୁଛି ଗାଁ ଓ ସହରର ପରିବେଶ



ଉମରକୋଟ,୨୨।୨(ସମିସ): ବସନ୍ତ ଋତୁର ଆଗମନରେ ହସି ଉଠିଛି ପ୍ରକୃତି ରାଣୀ। ଏବେ ବଉଳ ବାସ୍ନାରେ ମହକୁଛି ପଲ୍ଲୀ ପରିବେଶ। କଥାରେ କହନ୍ତି ଆମ୍ବ ବଉଳଇ ଫଗୁଣ ମାସରେ, ଦିଗଚହଟଇ ତାର ସୁବାସେ । ଭଅଁର ଓ ମହୁମାଛିଙ୍କ ଗୁଣୁଗୁଣୁ ଶବ୍ଦରେ ମୁଖରିତ ହେଉଛି ସବୁଜ ପରିବେଶ। ପ୍ରକୃତିର ଏହି ସୁନ୍ଦର ଦୃଶ୍ୟ ଓ ମହକ କବି ଓ ଭାବୁକଙ୍କ ମନକୁ ଚଞ୍ଚଳ କରିଛି। ଆମ୍ବଗଛରେ ହଳଦୀ ରଙ୍ଗର ଆମ୍ବ ବଉଳ ପେଣ୍ଡା ପେଣ୍ଡା ହୋଇ ଝୁଲୁଛି। ବଉଳର ମହମହ ବାସ୍ନା ସମସ୍ତଙ୍କୁ ମୁଗ୍ଧ କରିଦେଉଛି। ଋତୁରାଜ ବସନ୍ତକୁ ସ୍ୱାଗତ କରିବାକୁ ଆମ୍ବଗଛରେ ସତେ ଯେମିତି ବଉଳ ନେସି ହୋଇରହିଛି। ପ୍ରକୃତି ଘେରା ଉମରକୋଟ ବ୍ଲକ୍‌ର ରାସ୍ତାପାଶ୍ୱର୍ ଠାରୁ ଆରମ୍ଭ କରି ବାଡ଼ି ବଗିଚା ସବୁଠାରେ ଆମ୍ବଗଛରେ ଭର୍ତ୍ତି ହୋଇ ରହିଛି ବଉଳ। କେତେକ ଗଛରେ ଏତେ ବଉଳ ଆସିଛି ଯେ ପତ୍ର ଦେଖାଯାଉ ନାହିଁ। ଏଥିରୁ ଅନୁମାନ କରାଯାଉଛି, ଏବର୍ଷ ଆମ୍ବ ଭଲ ଆସିବ। ଏଥର ଜଳବାୟୁ ସ୍ୱାଭାବିକ ଯୋଗୁ ଗଛରେ ଅଧିକ ବଉଳ ରହିଛି। ରାସ୍ତାରେ ଯାଉଥିବା ପଥିକ କ୍ଳାନ୍ତି ଦୂର କରିବା ପାଇଁ ଆମ୍ବ ଗଛ ତଳେ ବସି ବଉଳର ବାସ୍ନାରେ ତୃପ୍ତି ପାଇପାରୁଛି। ଗଛର ଗହଳି ଭିତରୁ ଭାସି ଆସୁଥିବା କୋଇଲିର କୁହୁ କୁହୁ ସ୍ୱର ବାଟୋଇର ମନକୁ ଅଧିକ ରୋମାଞ୍ଚିତ କରୁଛି। ଅନ୍ୟପକ୍ଷେ ରାସ୍ତା ଚଉଡ଼ା ପ୍ରକ୍ରିୟାରେ ଅନେକ ଆମ୍ବଗଛ ଟଳି ପଡ଼ିଥିବାରୁ ବଉଳର ପରିମାଣ କମିଯାଇଥିବା ପ୍ରକୃତିପ୍ରେମୀ କ୍ଷୋଭର ସହ କହିଛନ୍ତି। ଗଛରେ ଯଦି ଭଲ ବଉଳ ଆସେ, ଭଲ ଆମ୍ବ ମଧ୍ୟ ଆସିଥାଏ। ଗଛରେ ଭଲ ଆମ୍ବ ଆସିଲେ ସ୍ଥାନୀୟ ଲୋକେ ବିକ୍ରିକରି ପରିବାର ପ୍ରତିପୋଷଣ କରନ୍ତି। ତେବେ ଆସନ୍ତାଦିନରେ ପରିବେଶର ସୁରକ୍ଷା କରା ନଗଲେ ରାସ୍ତାପାଶ୍ୱର୍ରେ ଦେଖାଦେଉଥିବା ବଉଳ ଆଉ ମିଳି ନପାରେ। ବ୍ୟବସାୟିକ ଭିତ୍ତିରେ ଚାଷ କରୁଥିବା ଚାଷୀମାନେ ଚଳିତ ବର୍ଷ ଆମ୍ବରୁ ବେଶ ଦୁଇପଇସା ରୋଜଗାର ଆଶା ରଖିଥିବା କହିଛନ୍ତି। କଲମୀ ଆମ୍ବତୋଟାର ଗଛ ଗୁଡିକରେ ବଉଳ ଭରି ହୋଇ ରହିଛି।

## ଆଦାୟ ହୋଇନି ୩୯୨୩୪.୬୫ଲକ୍ଷ ଟଙ୍କାର ଜଳକର

ରାୟଗଡ଼ା,୨୨।୨(ସମିସ): ଗତ ଦଶ ବର୍ଷରେ ଜଳକର ବାବଦକୁ ଅଦ୍ୟାବଧି ବୃହତ୍ ,ମଧ୍ୟମ, କ୍ଷୁଦ୍ର ଶିଳ୍ପ ଓ କଳ କାରଖାନା, ହୋଟେଲ, ଦୋକାନ, ସରକାରୀ ଅନୁଷ୍ଠାନଗୁଡିକରେ ୩୯୨କୋଟି ୩୪ଲକ୍ଷ ୬୫ହଜାର ଟଙ୍କା ବକେୟା ରହିଥିବା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ଗତ ୧୯ ତାରିଖରେ ପଚାରି ଯାଇଥିବା ଅଣତାରକା ପ୍ରଶ୍ନ ସଂଖ୍ୟା ୩୮୧ର ଉତ୍ତର ଦେଇ ତଥ୍ୟ ଉପସ୍ଥାପନା କରିଛନ୍ତି। ବିଧାୟକ ଶ୍ରୀ କାଡ୍ରକା ଉକ୍ତ ଅଣତାରକା ପ୍ରଶ୍ନରେ ଜିଲ୍ଲାରେ ଗଢି ଉଠିଥିବା ସରକାରୀ ବେସରକାରୀ ଅନୁଷ୍ଠାନ, ହୋଟେଲ,ଦୋକାନ ଓ କଳ କାରଖାନାରୁ ପ୍ରତ୍ୟେକ ମାସରେ କେତେ ଜଳକର ଆଦାୟ କରାଯାଏ ଏବଂ ଏହି ଜଳକର ମାସ ୱାରୀ ନା ବର୍ଷ ୱାରୀ ପୈଠ କରିବାର ସରକାରୀ ନିର୍ଦ୍ଦେଶ ରହିଛି, ଗତ ଦଶ ବର୍ଷରେ ଜଳକର ବାବଦକୁ ଅଦ୍ୟାବଧି ବୃହତ୍, ମଧ୍ୟମ, ଛୋଟ ଶିଳ୍ପ ଓ କାରଖାନା, ହୋଟେଲ ,ଦୋକାନ, ସରକାରୀ ଅନୁଷ୍ଠାନଗୁଡିକରେ କେତେ ଟଙ୍କା ବକେୟା ରହିଛି ଏବଂ ଜିଲ୍ଲାର ଯେଉଁ ସଂସ୍ଥା/ଶିଳ୍ପାନୁଷ୍ଠାନ ଗୁଡିକ ସଠିକ୍ ସମୟରେ ଜଳକର ଦେଉନାହାନ୍ତି ବିଭାଗ ପକ୍ଷରୁ ତାହା ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଓ ସମୁଦାୟ କେତେ ଜଳକର ବକେୟା ରହିଛି ଏବଂ ଶିଳ୍ପପାଇଁ ଜଳକର ବୃଦ୍ଧି କରିବାକୁ ସରକାରଙ୍କ ଆଭିମୁଖ୍ୟ କଣ ରହିଛି ବୋଲି ଉଲ୍ଲେଖ କରିଥିଲେ। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଗୃହରେ ଦେଇଥିବା ତଥ୍ୟ ଉପସ୍ଥାପନରେ ଜଣାପଡିଛି ଯେ, ଜିଲ୍ଲାରେ ଗଢିଉଠିଥିବା ସରକାରୀ ବେସରକାରୀ ଅନୁଷ୍ଠାନ, ହୋଟେଲ, କଳ କାରଖାନାରୁ ପ୍ରତ୍ୟେକ ମାସରେ ୧କୋଟି ୫୪ଲକ୍ଷ ୯୩ହଜାର ୪ଶହ ଟଙ୍କା (୧୫୪.୯୩୪)ର ଜଳକର ଆଦାୟ କରାଯାଇଥାଏ। ଏହି ଜଳକର ମାସୱାରୀ ପୈଠ କରିବା ପାଇଁ ଇରିଗେସନ ଆକ୍ଟ ୧୯୫୯ ଏବଂ ଇରିଗେସନ ରୁଲ୍ ୧୯୬୧ରେ ନିର୍ଦ୍ଦେଶ ରହିଛି। ଗତ ଦଶ ବର୍ଷରେ ଜଳକର ବାବଦକୁ ୩୯୨୩୪.୬୫ଲକ୍ଷ ଟଙ୍କା ବକେୟା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଉତରରେ ଉଲ୍ଲେଖ କରିଛନ୍ତି। ସେହିପରି ଯେଉଁ ସଂସ୍ଥା/ଶିଳ୍ପାନୁଷ୍ଠାନଗୁଡିକ ବକେୟା ଜଳକର ପୈଠ କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ ଓପିଡିଆର ଆକ୍ଟ ୧୯୬୨ଆଧାରରେ ଆଇନଗତ ରିକୋଭରୀ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସଂପୃକ୍ତ ଅବଗତ କରାଯାଇଥିବା ଉଲ୍ଲେଖ କରାଯାଇଛି। ସେହିପରି ଶିଳ୍ପ ପାଇଁ ଜଳକର ବାର୍ଷିକ ୧୦ପ୍ରତିଶତ ହାରରେ ବୃଦ୍ଧି କରିବା ପାଇଁ ଓଡିଶା ଇରିଗେସନ ରୁଲ୍,୧୯୬୧ର ସଂଶୋଧିତ ନିୟମ ଓଡିଶା ଇରିଗେସନ(ଆମେଣ୍ଡମେଣ୍ଟ) ରୁଲସ,୨୦୧୬ର ସବ୍ ରୁଲ ୨(ଏଫ) ଅଫ ରୁଲ ୨୩ଏ ଅନୁସାରେ ଉଲ୍ଲେଖ ରହିଥିବା ମୁଖ୍ୟମନ୍ତ୍ରୀ ତଥ୍ୟରେ ପ୍ରକାଶ କରିଛନ୍ତି।

# ପରିବେଶ ସୁରକ୍ଷା, ପାରମ୍ପରିକ କୃଷି ଓ ଖାଦ୍ୟ ନେଇ ଆଲୋଚନାଚକ୍ର



ବିଷମ କଟକ, ୨୨।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମିନି ଷ୍ଟାଡିଅମରେ ଜନ ଜାଗରଣ ମଞ୍ଚ ଓ ଆମ୍‌ଟ୍ରଷ୍ଟ ଆନୁକୂଲ୍ୟରେ ଗ୍ରାମୀଣ ଚର୍ଚ୍ଚା ୨୦୨୬ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରବିବାର ଦିନ ଆରମ୍ଭ ହୋଇଥିବା ବେଳେ ତିନିଦିନ ପର୍ଯ୍ୟନ୍ତ ଜାରିରହିବ। ୨୦୨୬ ଗ୍ରାମୀଣ ଚର୍ଚ୍ଚା କାର୍ଯ୍ୟକ୍ରମରେ ଓଡ଼ିଶା, ଛତିଶଗଡ଼, ଝାରଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ମହାରାଷ୍ଟ୍ରରୁ ୩,୦୦୦ ରୁ ଅଧିକ ଆଦିବାସୀ ନେତା ଏକତ୍ରିତ ହୋଇଛନ୍ତି। ୫୦ରୁ ଅଧିକ ତୃଣମୂଳ ସଂଗଠନଙ୍କ ପ୍ରତିନିଧିମାନେ ନିଜ ଅନୁଭବ ଅଦାନ-ପ୍ରଦାନ, ପ୍ରଶ୍ନଉତ୍ତର ଉପରେ ଆଧାରିତ ସ୍ଥାନୀୟ ସମସ୍ୟା ଚିହ୍ନଟ ଏବଂ ତାର ସମାଧାନ ପନ୍ଥା ପ୍ରସ୍ତୁତ କରିବା ପାଇଁ ଏକତ୍ରିତ ହୋଇଛନ୍ତି। ସେମାନଙ୍କର ଏହି ସହଭାଗିତା ବିକଶିତ ଭାରତ ୨୦୪୭ ଏବଂ ବିକଶିତ ଓଡିଶା ୨୦୩୬ ଚିନ୍ତନକୁ ସୁଦୃଢ କରିବା ଲକ୍ଷରେ କାର୍ଯ୍ୟକ୍ରମଟି ଏକ ଉତ୍ସାହଭରା ଉଦ୍‌ଘାଟନୀ ଅଧିବେଶନ ସହିତ ଆରମ୍ଭ ହୋଇଥିଲା, ଯେଉଁଥିରେ ଆଦିବାସି ପାରମ୍ପରିକ ଗୀତ ଏବଂ ନୃତ୍ୟ ପ୍ରଦର୍ଶନ ଓ ବିଭିନ୍ନ ସଂଗଠନର ପତାକା ପ୍ରଦର୍ଶନ ମାଧ୍ୟମରେ ତୃଣମୂଳ ସଂଗଠନ ମାନଙ୍କର ବିବିଧତା ପ୍ରକାଶ ପାଇଥିଲା। ପ୍ରଥମ ଦିନଟିର ମୁଖ୍ୟ ଆକର୍ଷଣ ଥିଲା 'ପରିବେଶ ସୁରକ୍ଷା' ଉପରେ ଆଲୋଚନାଚକ୍ର, ଜମି, ଜଙ୍ଗଲ ଓ ପାରମ୍ପରିକ କୃଷି ଏବଂ ଖାଦ୍ୟ ପ୍ରଣାଳୀ । ବାସ୍ତବତାକୁ ଆଧାର କରି ଏହି ଆଲୋଚନା ଚକ୍ରରେ ପ୍ରକୃତିର ନିୟମ, ଜଳବାୟୁ ସହନଶୀଳତା ଓ ପାରମ୍ପରିକ ଖାଦ୍ୟ ପ୍ରଥା ଇତ୍ୟାଦି ଉପରେ ଚର୍ଚ୍ଚା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଭକ୍ତା ଭାବେ ଓଡ଼ିଶା ଶ୍ରମଜୀବୀ ମଞ୍ଚର ଆବାହକ ଅଞ୍ଜନ ପ୍ରଧାନ ଯୋଗ ଦେଇ ଆଦିବାସୀ ସମ୍ପ୍ରଦାୟରେ ଜ୍ଞାନ, ପାରମ୍ପରିକ ଜୀବନଶୈଳୀ ଦେଶର ଭବିଷ୍ୟତ ସଂଗେ ଗଭୀର ଭାବରେ ଜଡିତ। ପୀଢି ପରେ ପିଢି ଆମେ ପ୍ରକୃତି ସହ ହାତ ମିଳାଇ, ପ୍ରକୃତି ସୁରକ୍ଷା ସହ ସାଂସ୍କୃତିକ ମୂଲ୍ୟବୋଧ ମାଧ୍ୟମରେ ଜୀବନ ବିତାଉଛୁ। ଏହା କେବଳ ପରମ୍ପରା ନୁହେଁ, ସମସ୍ୟାର ସମାଧାନ ମଧ୍ୟ। ମୁଖ୍ୟ ଅତିଥିଭାବେ ରାୟଗଡ଼ାର ବିଶିଷ୍ଟ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମଞ୍ଚରେ ଯୋଗଦେଇ ଭାରତର ବିକାଶ ମୂଳରେ ହେଉଛି ଗ୍ରାମାଞ୍ଚଳର ପ୍ରଗତି। ଆଦିବାସୀ ସମ୍ପ୍ରଦାୟ ଏହି ଯାତ୍ରାରେ ପ୍ରକୃତ ଅଂଶୀଦାର ହେବା ପାଇଁ ଉଭୟ ଅଧିକାର ଓ ଦାୟିତ୍ୱ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ଓଡିଶାର ଏକ ପାରମ୍ପରିକ ଖେଳ 'ପିଠୁ'ର ଆୟୋଜନ କରା ଯାଇଥିଲା । ଶେଷରେ 'ଆଦି ପ୍ରତିଭା' କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀ ଯୁବକ ଯୁବତୀ ମାନେ ପାରମ୍ପରିକ ସଙ୍ଗୀତ, ନୃତ୍ୟ ମାଧ୍ୟମରେ ଆଦିମ ସଂସ୍କୃତିକୁ ଅଭିବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ଦିନ ପରିସମାପ୍ତିରେ ସାମୂହିକ ମତାମତ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲ୍ଲା ଓ ରାଜ୍ୟ ବାହାରରୁ ଆସିଥିବା ଆଦିବାସୀ ସମ୍ପ୍ରଦାୟ ତରଫରୁ ବିଭିନ୍ନ ଷ୍ଟଲ୍ ଖୋଲାଯାଇ ସେମାନଙ୍କ କଳା ଓ ସଂସ୍କୃତିର ସୁନ୍ଦର ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା।








Flat
45% off
on making charges
of gold jewellery.

90 YEARS
TRUST IS TIMELESS

**BHUBANESWAR:** Janpath | Chandrasekharpur | Samantarapur | Soubhagya Nagar | **ANGUL:** Shankar Cinema Hall Road **BERHAMPUR:** Venkatraju Arcade, Sano Bazar **CUTTACK:** 558/834, Cantonment Road **JAJPUR ROAD:** Bank Street Road **JHARSUGUDA:** Sarbahal Road, Marwari Para **PURI:** Opp. Police Line, VIP Road **ROURKELA:** Kesar Bhawan, Main Road **SAMBALPUR** (Opening Shortly)

BIS Hallmarked HUID Pure Gold Jewellery | Fair Price Policy | Tested And Certified Diamonds | Lifetime Buyback Guarantee | 100% Exchange Of Old Gold | Free Insurance On Diamonds | Safe Gold Purchase Scheme

Khimjijewellers.com
1800 3131 777
FOLLOW US ON:

SCAN TO KNOW MORE






# ଆତଙ୍କବାଦୀ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର; ୮ ଗିରଫ



ଚେନ୍ନଇ,୨୨ ।୨(ଏଜେନ୍ସି):

ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ ରବିବାର ୮ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି । ଏମାନଙ୍କ ମଧ୍ୟରୁ ୬ ଜଣ ତାମିଲନାଡୁ ଓ ୨ ଜଣ ପଶ୍ଚିମବଙ୍ଗରୁ ଗିରଫ ହୋଇଛନ୍ତି । ପାକିସ୍ତାନ ଗୁଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ) ଓ ବାଂଲାଦେଶ ଆତଙ୍କବାଦୀ ସଂଗଠନର ନିର୍ଦ୍ଦେଶରେ ଏହି ଗୋଷ୍ଠୀ ଭାରତରେ ଆକ୍ରମଣ ପାଇଁ ଯୋଜନା କରୁଥିବା ପୁଲିସ ସୂଚନା ଦେଇଛି । ଏହି ଅପରେସନ ବେଳେ ପୁଲିସ ୧୨ରୁ ଅଧିକ ମୋବାଇଲ ଫୋନ୍ ଓ ୧୬ଟି ସିମ୍ କାର୍ଡ ଜବତ କରିଛି । ତାମିଲନାଡୁରୁ ଗିରଫ ହୋଇଥିବା ୬ ଜଣ ବ୍ୟକ୍ତି ହେଲେ ମିଜାନୁର ରହେମାନ, ମହମ୍ମଦ ଶବତ, ଓମାର, ମହମ୍ମଦ ଲିଟନ, ମହମ୍ମଦ ଶାହିଦ ଓ ମହମ୍ମଦ ଉଜ୍ଜଲ । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ ଏହି ବ୍ୟକ୍ତିମାନେ ସାମାଜିକ ଗଣମାଧ୍ୟମରେ ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମର୍ଥନ କରି ବିଭିନ୍ନ ପୋଷ୍ଟ କରୁଥିଲେ । ଏମାନେ ତିରୁପୁରର ଗାର୍ମେଣ୍ଟ ଶିଳ୍ପରେ ଶ୍ରମିକ ଭାବେ କାମ କରୁଥିଲେ ଓ ନିଜର ପରିଚୟ ଲୁଚାଇବା ପାଇଁ ନକଲି ଆଧାରକାର୍ଡ ବ୍ୟବହାର କରୁଥିଲେ ।

ଦିଲ୍ଲୀ ପୁଲିସ ଅନୁଯାୟୀ, ଗିରଫ ହୋଇଥିବା ସନ୍ଦିଗ୍ଧମାନେ ଆତଙ୍କବାଦୀଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ସହର ବୁଲି ତଥ୍ୟ ସଂଗ୍ରହ କରୁଥିଲେ । ଦିଲ୍ଲୀରେ 'ଫ୍ରି କଶ୍ମୀର' ପୋଷ୍ଟର ଲଗାଇବା ଘଟଣାରେ ମଧ୍ୟ ସେମାନଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି । ବର୍ତ୍ତମାନ ସେମାନଙ୍କୁ ଟ୍ରେନ୍ ଯୋଗ ଦିଲ୍ଲୀ ଅଣାଯାଉଛି । ଏହା ପୂର୍ବରୁ ଶନିବାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଦେଶର ପ୍ରମୁଖ ଧାର୍ମିକ ଓ ଐତିହାସିକ ସ୍ଥାନଗୁଡ଼ିକରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ନେଇ ସତର୍କ ସୂଚନା ଜାରି କରିଥିଲେ । ଏହାପରେ ଦିଲ୍ଲୀର ଲାଲକିଲ୍ଲା ଓ ଚାନ୍ଦିନୀ ଚୌକରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି । ସୂଚନାଯୋଗ୍ୟ ଯେ ୨୦୨୫ ନଭେମ୍ବର ୧୦ରେ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ କାର୍ ବୋମା ବିସ୍ଫୋରଣ ଘଟିଥିଲା । ଏଥିରେ ୧୩ ଜଣ ପ୍ରାଣ ହରାଇଥିବାବେଳେ ୨୦ରୁ ଅଧିକ ଆହତ ହୋଇଥିଲେ । ଏହି ଘଟଣା ପରଠାରୁ ସୁରକ୍ଷା ଏଜେନ୍ସିଗୁଡ଼ିକ ଅଧିକ ସତର୍କ ରହିଛନ୍ତି । ସୂଚନା ଅନୁଯାୟୀ, ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଇ- ତୋଇବା (ଏଲ୍‌ଇଟି) ଭାରତରେ ବଡ଼ ଧରଣର ଆକ୍ରମଣ ପାଇଁ ଯୋଜନା କରୁଛି ।

**କଶ୍ମୀରରେ ଗୁଳିବିନିମୟ**

## ୩ ଆତଙ୍କବାଦୀ ନିହତ

**ଶ୍ରୀନଗର:** ଜାମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲା ଛାତ୍ରୁ ଅଞ୍ଚଳରେ ରବିବାର ସକାଳୁ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଛି । ଏଥିରେ ତିନିଜଣ ଆତଙ୍କବାଦୀ ନିହତ ହୋଇଛନ୍ତି । ପାକିସ୍ତାନଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ୩ ଜଣ ଆତଙ୍କବାଦୀ ସେଠାରେ ଲୁଚି ରହିଥିବା ସୂଚନା ମିଳିବା ପରେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା । ଭାରତୀୟ ସେନାର ହ୍ୱାଇଟ୍ ନାଇଟ୍ କର୍ପ୍ସ, ଜମ୍ମୁ-କଶ୍ମୀର ପୁଲିସ ଓ ସିଆରପିଏଫ୍ ମିଳିତ ଭାବେ ଏହି ଅପରେସନ ଆରମ୍ଭ କରିଥିଲା । ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ସୁରକ୍ଷାବଳ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରି ଦେଇଛି । ଘଟଣାସ୍ଥଳରୁ ୨ଟି ଏକେ-୪୭ ରାଇଫଲ, ବିପୁଳ ପରିମାଣର ଯୁଦ୍ଧ ସାମଗ୍ରୀ ଜବତ କରାଯାଇଛି । ଆମର ଅଭିଯାନ ଜାରି ରହିଛି ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଉଛି । ପୂର୍ବରୁ ଫେବୃଆରୀ ୪ରେ ଉଧାମପୁର ଜିଲ୍ଲାର ଏକ ଗୁମ୍ଫା ଭିତରେ ଲୁଚି ରହିଥିବା ଦୁଇଜଣ ଜୈସ ଆତଙ୍କବାଦୀଙ୍କୁ ଗ୍ରେନେଡ୍ ଲଞ୍ଚର ସାହାଯ୍ୟରେ ଆକ୍ରମଣ କରାଯାଇ ନିହତ କରାଯାଇଥିଲା । ପ୍ରାୟ ୨୦ ଘଣ୍ଟାର ସଂଘର୍ଷ ପରେ ସୁରକ୍ଷାବଳ ଏହି ଗୁମ୍ଫାର ଏକ ଅଂଶକୁ ଉଡ଼ାଇ ଦେଇଥିଲେ । ଜାନୁଆରୀ ୧୮ରୁ କିସ୍ତୱାର ଓ ଉଧମପୁରର ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀ ବିରୋଧୀ ଅଭିଯାନ 'ଅପରେସନ ତ୍ରାଶ-୧' ଜାରି ରହିଛି ।

# କ୍ଷୀର ବିଷାକ୍ତ; ଜୀବନ ବଦଳରେ ମୃତ୍ୟୁ ଭୟ

**ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି):** ଜୀବନ ରକ୍ଷାକାରୀ କ୍ଷୀର ମୃତ୍ୟୁର କାରଣ ପାଲଟି ପାରେ । ପୁଷ୍ଟି ଯୋଗାଇବା ପରିବର୍ତ୍ତେ ମନୁଷ୍ୟକୁ ରୋଗଗ୍ରସ୍ତ କରିଦେଇପାରେ । କାରଣ ଅମୃତ କୁହାଯାଉଥିବା କ୍ଷୀର ଆଉ ବିଶୁଦ୍ଧ ହୋଇ ନାହିଁ । ଅଧିକ ଲାଭ ଆଶାରେ ମୁନାଫାଖୋର ବ୍ୟବସାୟୀ କ୍ଷୀରରେ ଅପମିଶ୍ରଣ କରୁଛନ୍ତି । ଏହା ନାନା ବିପଦକୁ ଡାକି ଦେଉଛି । ବିଶ୍ୱର ସବୁଠାରୁ ବଡ଼ କ୍ଷୀର ଉତ୍ପାଦକ ଭାରତରେ ଏହି ଅପମିଶ୍ରଣ ଗମ୍ଭୀର ହେବାରେ ଲାଗିଛି । ମଣିଷ ଆଧୁନିକ ହୋଇଥିଲେ ମଧ୍ୟ ଅପମିଶ୍ରଣକୁ ରୋକିବାର ସକ୍ଷମ ହୋଇପାରୁ ନାହିଁ । ଏଥିପାଇଁ ବଜାରରେ ଅପମିଶ୍ରିତ କ୍ଷୀରର ବନ୍ୟା ଆସିଛି । ଏଥିରେ ଭାରତ ଆଗରେ ରହିଛି । ନିକଟରେ ସାରା ଦେଶରେ ଯାଞ୍ଚ କରାଯାଇଥିବା କ୍ଷୀର ନମୁନାରୁ ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି । ପ୍ରତି ତିନୋଟିରୁ ଗୋଟିଏ କ୍ଷୀର ନମୁନା ଗୁଣବତ୍ତା ଯାଞ୍ଚରେ ବିଫଳ ହୋଇଛି । ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ଏଫଏସଏସଆଇ)ର ଯାଞ୍ଚରୁ ଗତ ବର୍ଷ ୩୮ ପ୍ରତିଶତ ନମୁନା ଅପମିଶ୍ରିତ ଥିଲା ବୋଲି ଜଣାପଡ଼ିଛି ।

**ତିନିରୁ ଗୋଟିଏ ନମୁନା ପରୀକ୍ଷଣରେ ବିଫଳ**

**ସନ୍ଦେହଘେରରେ ବଡ଼ ବଡ଼ ବ୍ରାଣ୍ଡ**

**୩୮ ପ୍ରତିଶତ କ୍ଷୀର ନମୁନା ଅପମିଶ୍ରିତ**

ଏଫଏସଏସଆଇ ରିପୋର୍ଟ ଅନୁଯାୟୀ, ୨୦୧୫ ଏବଂ ୨୦୧୮ ମଧ୍ୟରେ କ୍ଷୀର ଅପମିଶ୍ରଣ ନମୁନା ସଂଖ୍ୟା ୧୬.୬୪ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୨ରେ ୭୮୯ ନମୁନାରୁ ଅଧା ଅପମିଶ୍ରିତ ଥିବା ଜଣାପଡ଼ିଥିଲା । ୨୦୧୫ ପରେ ଏହା ସର୍ବାଧିକ ସ୍ତର ଥିଲା । ଗତ ସପ୍ତାହରେ 'ଟ୍ରଷ୍ଟିଫାଏଡ' ନାମକ ଏକ ସ୍ୱତନ୍ତ୍ର ରେଟିଂ ଏଜେନ୍ସି ପ୍ଲାଟଫର୍ମ ଦାବି କରିଥିଲା ଯେ ଦେଶର ବଡ଼ ବଡ଼ ବ୍ରାଣ୍ଡର ପ୍ୟାକେଟ କ୍ଷୀରରେ କୋଲିଫର୍ମ ନାମକ ବିପଜ୍ଜନକ ଜୀବାଣୁର ସଂଖ୍ୟା ଧାର୍ଯ୍ୟ ସୀମାଠାରୁ ୯୮ ଗୁଣ ଅଧିକ ରହିଛି । ଏହି ରିପୋର୍ଟରେ ପ୍ୟାକେଟ ଖାଦ୍ୟର ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଦେଇଛି । ଭାରତରେ କୋହଳ ଆଇନ ଅପମିଶ୍ରଣକାରୀଙ୍କୁ ସୁହାଉଛି । ତେଣୁ ସେମାନେ ବେଧଡ଼କ ଭାବେ ଅପମିଶ୍ରଣ କରି ଲୋକଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି ।

କିଛି ଦିନ ତଳେ 'ଇଣ୍ଡିଆନ ଜର୍ଣ୍ଣାଲ ଅଫ କମ୍ୟୁନିଟି ମେଡିସିନ' ଦ୍ୱାରା କ୍ଷୀର ନମୁନା ଯାଞ୍ଚ କରାଯାଇଥିଲା । ଏଥିରେ ୩୩୦ କ୍ଷୀରରୁ ୨୩୩ ତଥା ୭୦.୬ ପ୍ରତିଶତର ନମୁନାରେ ଏକାଧିକ ଅପମିଶ୍ରଣ ହୋଇଥିବା ଜଣା ପଡ଼ିଥିଲା । ୧୯୩ ନମୁନାରେ ପାଣି, ୨୩.୯ ପ୍ରତିଶତରେ ଡିଟରଜେଣ୍ଟ ଏବଂ ୯.୧ ପ୍ରତିଶତରେ ୟୁରିଆ ମିଶି ଥିଲା । ଆଉ କିଛି ନମୁନାରେ ନ୍ୟୁଟ୍ରାଲାଇଜର, ଆରାରୋଟ ଭଳି ପଦାର୍ଥ ଥିବା ଜଣା ପଡ଼ିଥିଲା । ଏଫଏସଏସଆଇ ରିପୋର୍ଟରେ କୁହାଯାଇଛି ଯେ ଉତ୍ତର ଭାରତୀୟ ରାଜ୍ୟରେ ପ୍ରାୟ ୪୭ ପ୍ରତିଶତ ନମୁନା ଖରାପ ରହିଥିଲା । ଦକ୍ଷିଣ ଭାରତରେ ଏହା ୧୮ ପ୍ରତିଶତ ଥିଲା । ସେହିପରି ପଶ୍ଚିମ ଭାରତରେ ୨୩ ପ୍ରତିଶତ ଏବଂ ପୂର୍ବ ଭାରତରେ ୧୩ ପ୍ରତିଶତ କ୍ଷୀର ନମୁନା ଅପମିଶ୍ରିତ ଥିବା ପ୍ରମାଣିତ ହୋଇଥିଲା ।

## ଆମେରିକାରେ ହିନ୍ଦୁମାନେ ସବୁଠାରୁ ଶିକ୍ଷିତ ଧାର୍ମିକ ଗୋଷ୍ଠୀ

**ନ୍ୟୁୟର୍କ,୨୨ ।୨(ଏଜେନ୍ସି):** ଆମେରିକାରେ ହିନ୍ଦୁମାନେ ସବୁଠାରୁ ଶିକ୍ଷିତ ଧାର୍ମିକ ସମ୍ପ୍ରଦାୟ ଭାବେ ଉଭା ହୋଇଛନ୍ତି । ପ୍ୟୁ ରିସର୍ଚ୍ଚ ସେଣ୍ଟରର ୨୦୨୩-୨୪ 'ରିଲିଜିୟସ ଲ୍ୟାଣ୍ଡସ୍କେପ୍ ଷ୍ଟଡ଼ି' (ଆରଏଲ୍‌ଏସ୍) ଅନୁଯାୟୀ, ୭୦ ପ୍ରତିଶତ ହିନ୍ଦୁଙ୍କ ପାଖରେ ବ୍ୟାଚଲର କିମ୍ବା ତାଠାରୁ ଉନ୍ନତ ଡିଗ୍ରୀ ରହିଛି । ହିନ୍ଦୁଙ୍କ ପରେ ୬୫ ପ୍ରତିଶତ ଇହୁଦୀଙ୍କ ପାଖରେ ବ୍ୟାଚଲର ଡିଗ୍ରୀ କିମ୍ବା ଉଚ୍ଚଶିକ୍ଷା ରହିଛି । ଏହି ସଂଖ୍ୟା ସମଗ୍ର ଆମେରିକାର ବୟସ୍କଙ୍କ ହାରାହାରି (୩୫ ପ୍ରତିଶତ) ତୁଳନାରେ ଯଥେଷ୍ଟ ଅଧିକ । ଅପରପକ୍ଷରେ ମୁସଲିମ, ବୌଦ୍ଧ ଓ ଅର୍ଥୋଡକ୍ସ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ପ୍ରାୟ ୪୦ ପ୍ରତିଶତରୁ ଅଧିକ ଲୋକ ଶିକ୍ଷିତ । ମେନଲାଇନ୍ ପ୍ରୋଟେଷ୍ଟାଣ୍ଟମାନେ ଜାତୀୟ ହାରଠାରୁ ଉପରେ ରହିଥିବା ବେଳେ ଇଭାଞ୍ଜେଲିକାଲ ପ୍ରୋଟେଷ୍ଟାଣ୍ଟ, କ୍ୟାଥଲିକ ଓ ବ୍ଲାକ ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚ ସଦସ୍ୟଙ୍କଠାରେ କଲେଜ ଗ୍ରାଜୁଏଟ୍‌ଙ୍କ ସଂଖ୍ୟା ଜାତୀୟ ହାରଠାରୁ କମ୍ ରହିଛି । ପ୍ୟୁ ରିସର୍ଚ୍ଚ ଅନୁଯାୟୀ, ଏହି ଶିକ୍ଷାଗତ ପାର୍ଥକ୍ୟର ମୁଖ୍ୟ କାରଣ ହେଉଛି, ପ୍ରବାସ ଓ ଜନସାଂଖ୍ୟିକ ପ୍ୟାଟର୍ଣ୍ଣ । ହିନ୍ଦୁ, ମୁସଲିମ୍ ଓ ବୌଦ୍ଧ ସମ୍ପ୍ରଦାୟର ଅନେକ ଲୋକ ଉଚ୍ଚଶିକ୍ଷା କିମ୍ବା 'ସ୍କିଲ୍ଡ ୱାର୍କର' କାର୍ଯ୍ୟକ୍ରମ ମାଧ୍ୟମରେ ଆମେରିକା ଯାଇଛନ୍ତି । ଏହି କାରଣରୁ ଏହି ସମ୍ପ୍ରଦାୟଗୁଡ଼ିକରେ ଉଚ୍ଚଶିକ୍ଷିତ ଜନସଂଖ୍ୟାର ଅନୁପାତ ଅଧିକ ରହିଛି । ଏହି ସର୍ଭେ ତଥା ସର୍ବେକ୍ଷଣ ୨୦୨୩ ଜୁଲାଇ ୧୭ରୁ ଆରମ୍ଭ ହୋଇ ୨୦୨୪ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଚାଲିଥିଲା, ଯେଉଁଥିରେ ସମୁଦାୟ ୩୬, ୯୦୮ ଜଣ ଆମେରିକୀୟ ବୟସ୍କ ଅଂଶଗ୍ରହଣ କରିଥିଲେ । ଫେବୃଆରୀ ୧୯ରେ ଏହି ରିପୋର୍ଟ ସାର୍ବଜନୀନ କରାଯାଇଛି । ଆମେରିକାରେ ଧର୍ମ, ଶିକ୍ଷା ଓ ସାମାଜିକ ଜୀବନ ମଧ୍ୟରେ ଥିବା ସମ୍ପର୍କକୁ ବୁଝିବାରେ ଏହି ଗବେଷଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି ।

## ପ୍ରେମିକାର ଗୁପ୍ତାଙ୍ଗ ଜାଳିଦେଲା ଲିଭ୍-ଇନ୍ ପାର୍ଟନର

**ଗୁରୁଗ୍ରାମ, ୨୨।୨ (ଏଜେନ୍ସି):** ହରିୟାଣା ଗୁରୁଗ୍ରାମରୁ ମାନବିକତାକୁ ଲଜ୍ଜିତ କଲାଭଳି ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଏଠାରେ ଲିଭ-ଇନ ପାର୍ଟନର ୧୯ ବର୍ଷୀୟା ବିଏସ୍‌ସି ଛାତ୍ରୀଙ୍କୁ ଅକଥନୀୟ ଯୌନ ନିର୍ଯାତନା ଦେଇଛି । ଯୁବତୀଙ୍କ ଗୁପ୍ତାଙ୍ଗରେ ସାନିଟାଇଜର ପକାଇ ଜାଳି ଦେଇଛି । ଏହା ସହିତ ନିର୍ଦ୍ଦୟ ମାଡ଼ ମାରି ଉଲଗ୍ନ ଭିଡିଓ ରେକର୍ଡିଂ କରିଛି । ପୁଲିସ ପୀଡ଼ିତାଙ୍କୁ ଉଦ୍ଧାର କରି ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଛି । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଅନ୍ୟପଟେ ଅଭିଯୁକ୍ତ ଶିବମକୁ ଗିରଫ କରାଯାଇଛି । ଏବେ ତାକୁ ଜେରା କରାଯାଉଛି । ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଅଭିଯୁକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ମାରପିଟ କରୁଥିଲା । ଯୁବତୀ କୌଣସି ପ୍ରକାରରେ ନିଜ ମାଆଙ୍କୁ କଲ୍ କରିବାରେ ସକ୍ଷମ ହୋଇଥିଲେ । ପରେ ମା' ସ୍ଥାନୀୟ ଥାନା ସହ ଯୋଗାଯୋଗ କରି ଝିଅକୁ ଉଦ୍ଧାର କରିଥିଲେ । ଯୁବତୀଙ୍କ ମା' ଜଣେ ପୁଲିସ ଅଧିକାରୀ । ସେ ତ୍ରିପୁରାରେ କାର୍ଯ୍ୟରତ । ସେ ଗୁରୁଗ୍ରାମରେ ପହଞ୍ଚିବା ପରେ ଅଭିଯୁକ୍ତ ଝିଅକୁ ତିନି ଦିନ ପର୍ଯ୍ୟନ୍ତ ବନ୍ଦୀ କରି ରଖିଥିଲା ବୋଲି କହିଛନ୍ତି । ସୂଚନା ଅନୁଯାୟୀ, ପୀଡ଼ିତା ତ୍ରିପୁରାର ବାସିନ୍ଦା । ସେ ଗୁରୁଗ୍ରାମର ଏକ ପିଜିରେ ରହି ବିଏସ୍‌ସି କରୁଥିଲେ । ଏକ ଅନଲାଇନ ମୋବାଇଲ ଆପ୍ ମାଧ୍ୟମରେ ସେ ଦିଲ୍ଲୀ ନରେଲାର ଶିବମଙ୍କୁ ଭେଟିଥିଲେ । ପରେ ପ୍ରେମ ସମ୍ପର୍କ ଗଢ଼ି ଉଠିବାରୁ ଏକାଠି ରହୁଥିଲେ ।

**ଉଲଗ୍ନ ଭିଡିଓ କରି ପରିସ୍ରା ପିଆଇ ଥିଲା**

**ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର**

## ସୀମାରେ ଦୁଇ ପଞ୍ଜାବ ପୁଲିସଙ୍କୁ ଗୁଳି କରି ହତ୍ୟା

**ଗୁରୁଦାସପୁର, ୨୨।୨ (ଏଜେନ୍ସି):** ପଞ୍ଜାବ ଗୁରୁଦାସପୁର ଜିଲ୍ଲା ଡୋରଙ୍ଗଲା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଦୁଇ ଜଣ ପୁଲିସ କର୍ମଚାରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି । ଏହି ଗାଁ ପାକିସ୍ତାନ ସୀମାକୁ ଲାଗିଛି । ତେଣୁ ଏମାନଙ୍କୁ ପାକିସ୍ତାନ ସେନା କିମ୍ବା ଆତଙ୍କବାଦୀ ହତ୍ୟା କରିଥିବା ସନ୍ଦେହ କରାଯାଉଛି । ପ୍ରାରମ୍ଭିକ ରିପୋର୍ଟରେ କୌଣସି ଝଗଡ଼ାକୁ ନେଇ ଦୁଇ ଯବାନ ପରସ୍ପର ଉପରକୁ ଗୁଳି ଚଳାଇଥିବା ସନ୍ଦେହ କରାଯାଉଥିଲା । ମାତ୍ର ମୃତକଙ୍କ ପରିବାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ଉଭୟଙ୍କ ସର୍ଭିସ ବନ୍ଧୁକ ସମ୍ପୂର୍ଣ୍ଣ ଲୋଡ୍ ଥିଲା । ତେଣୁ ଉଭୟେ ପରସ୍ପରକୁ ଗୁଳି କରିନାହାନ୍ତି । ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ତେହେରିକ-ଇ-ତାଲିବାନ ହିନ୍ଦୁସ୍ତାନ' (ଟିଟିଏସ) ନାମକ ଏକ ସଂଗଠନ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟୀ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି । ମାତ୍ର ପୁଲିସ ଏହାକୁ ସେତେ ଗୁରୁତ୍ୱ ଦେଇନାହିଁ । ଏସ୍‌ପି ଦେବିନ୍ଦର କୁମାର ଚୌଧୁରୀଙ୍କ ସୂଚନା ଅନୁଯାୟୀ, ପୁଲିସ ଘଟଣାସ୍ଥଳରେ ତଦନ୍ତ ଜାରି ରଖିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ରିପୋର୍ଟ ଆସିବା ପରେ ସଠିକ କାରଣ ଜଣାପଡ଼ିବ ବୋଲି କୁହାଯାଇଛି ।

## ବିବାହ ଦିନ ଦୁଇ ଭଉଣୀଙ୍କ ଆତ୍ମହତ୍ୟା

**ଯୋଧପୁର, ୨୨ ।୨(ଏଜେନ୍ସି):** ରାଜସ୍ଥାନ ଯୋଧପୁରରେ ଏକ ଅଭାବନୀୟ ତଥା ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଶନିବାର ଦିନ ଯେଉଁ ସମୟରେ ଦୁଇ ଭଉଣୀଙ୍କର ବିବାହ ହେବାର ଥିଲା, ତାହାର କିଛି ଘଣ୍ଟା ପୂର୍ବରୁ ଦୁହେଁ ଆତ୍ମହତ୍ୟା କରିଛନ୍ତି । ଯେଉଁ ଘରେ ଦୁଇ ଝିଅଙ୍କ ବିବାହ ଉତ୍ସବ ପାଇଁ ଉତ୍ସବର ମାହୋଲ ଥିଲା ଓ ପ୍ରସ୍ତୁତି ଜୋରଦାର ଚାଲିଥିଲା, ସେହି ଘର ଏବେ ଶୋକସନ୍ତପ୍ତ ହୋଇପଡ଼ିଛି । ଯୋଧପୁରର ମାନାଇ ଗ୍ରାମରେ ବିବାହ ଦିନ ହିଁ ୨୫ ବର୍ଷୀୟା ଶୋଭା ଓ ୨୩ ବର୍ଷୀୟା ବିମଳା ଦୁଇ ଭଉଣୀ ବିଷ ପିଇ ପ୍ରାଣ ହରାଇଛନ୍ତି । ଏଡିସିପି (ପଶ୍ଚିମ) ରୋଶନ ମିନାଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରେ ବିବାହର ସମସ୍ତ ରୀତିନୀତି ଓ ଉତ୍ସବ ଚାଲିଥିଲା । ମଧ୍ୟରାତ୍ରିରେ ଦୁଇ କନ୍ୟା ଶୋଇବାକୁ ଯାଇଥିଲେ । ଭୋର ୪ଟାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ି ଯାଇଥିଲା । ପରିବାର ଲୋକେ ଦୁଇଜଣଙ୍କୁ ତୁରନ୍ତ ଯୋଧପୁରର ଏକ ଘରୋଇ ମେଡ଼ିକାଲକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ । ମୃତଦେହ ଆସିବା ପରେ ପରିବାରଲୋକେ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି କରୁଥିଲେ । ମାତ୍ର ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ସତ୍କାର ବନ୍ଦ କରାଇ ଥିଲା । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା ଏବଂ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା । ଘଟଣାସ୍ଥଳରୁ କୌଣସି ସୁଇସାଇଡ୍ ନୋଟ ମିଳିନାହିଁ । ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି କୁହାଯାଇଛି ।

## ପୁଣି ହସ୍ପିଟାଲରେ ଶରଦ ପାୱାର

**ପୁଣେ,୨୨ ।୨(ଏଜେନ୍ସି):** ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ପୁଣି ଥରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ରବିବାର ଡିହାଇଡ୍ରେସନ କାରଣରୁ ତାଙ୍କୁ ପୁଣେର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ୮୫ ବର୍ଷୀୟ ରାଜ୍ୟସଭା ସଦସ୍ୟ ଶରଦଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରମାନେ ସୂଚନା ଦେଇଛନ୍ତି । ଡାକ୍ତରଖାନାର ମୁଖ୍ୟ ହୃଦ୍‌ରୋଗ ବିଶେଷଜ୍ଞ ତଥା ଅଧ୍ୟକ୍ଷ ଡାକ୍ତର ପରଭେଜ୍ ଗ୍ରାଣ୍ଟ ଏକ ବିବୃତ୍ତିରେ କହିଛନ୍ତି ଯେ ସାମାନ୍ୟ ଡିହାଇଡ୍ରେସନ କାରଣରୁ ତାଙ୍କୁ ଭର୍ତ୍ତି କରାଯାଇଛି । ତାଙ୍କୁ ଇଣ୍ଟ୍ରାଭେନସ୍ ଫ୍ଲୁଇଡ୍ସ ଦେବା ଆବଶ୍ୟକ । ସେ ଦୁଇଦିନ ଡାକ୍ତରଖାନାରେ ରହିବେ ଓ ତା'ପରେ ଡିସଚାର୍ଜ ହେବେ ବୋଲି ଆଶା କରାଯାଉଛି ।

## ଇରାନୀ ଜାହାଜରୁ ୫ କୋଟି ଟଙ୍କାର ବିଦେଶୀ ସିଗାରେଟ୍ ଜବତ

**ପୋରବନ୍ଦର,୨୨ ।୨(ଏଜେନ୍ସି):** ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ଗୁଜରାଟ ଉପକୂଳରେ ଏକ ସନ୍ଦିଗ୍ଧ ବିଦେଶୀ ଜାହାଜକୁ ଅଟକାଇଛି । ଏଥିରୁ ୫ କୋଟି ଟଙ୍କାର ଚୋରା ଚାଲାଣ ହେଉଥିବା ବିଦେଶୀ ବ୍ରାଣ୍ଡର ସିଗାରେଟ୍ ଜବତ କରିଛି । ଏହି ଜାହାଜରେ ଥିବା ୪ ଜଣ ଇରାନୀ ନାଗରିକଙ୍କୁ ଅଟକ ରଖାଯାଇଛି । ସୂଚନା ଅନୁଯାୟୀ, ଫେବୃଆରୀ ୨୧ରେ ଦ୍ୱାରକାଠାରୁ ପ୍ରାୟ ୧୧୫ ନଟିକାଲ ମାଇଲ ପଶ୍ଚିମରେ ଭାରତୀୟ ବିଶେଷ ଅର୍ଥନୈତିକ କ୍ଷେତ୍ର (ଇଇଜେଡ୍) ମଧ୍ୟରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଗୁପ୍ତଚର ସୂଚନା ଆଧାରରେ, 'ଅଲ୍ ମୁକ୍ତାର' ନାମକ ଏହି ଜାହଜକୁ ଅଟକାଇ ଯାଞ୍ଚ କରାଯାଇଥିଲା । ଜାହାଜର ଏକ ଗୁପ୍ତ କୋଠରୀରେ ଲୁଚାଇ ରଖାଯାଇଥିବା ୨୦୦ କାର୍ଟୁନ ବିଦେଶୀ ସିଗାରେଟ ଜବତ କରାଯାଇଛି । ଏଥିରେ ପ୍ରାୟ ଏକ ଲକ୍ଷ ପ୍ୟାକେଟ ସିଗାରେଟ୍ ରହିଛି । ଜାହାଜ ସହ ଅଟକ ୪ ଜଣ ଇରାନୀ ନାଗରିକଙ୍କୁ ପୋରବନ୍ଦର ଅଣାଯାଇଛି । ଏହି ଚୋରାଚାଲାଣ ପଛରେ କୌଣସି ବଡ଼ ସଂଗଠିତ ଗୋଷ୍ଠୀର ହାତ ଅଛି କି ନା, ତାହାର ଖୋଳତାଡ଼ ଚାଲିଛି ।

## ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା, ୨୮ରେ ଆସିବ ତଦନ୍ତ ରିପୋର୍ଟ

**ନୂଆଦିଲ୍ଲୀ,୨୨ ।୨(ଏଜେନ୍ସି):** ଗତ ଜାନୁଆରୀ ୨୮ରେ ବାରାମତୀ ବିମାନ ବନ୍ଦରରେ ଏକ ବିମାନ ଦୁର୍ଘଟଣାରେ ଏନ୍‌ସିପି ନେତା ଅଜିତ ପାୱାରଙ୍କ ପରଲୋକ ହୋଇଥିଲା । ଏହି ବିମାନ ଦୁର୍ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟ ଆସନ୍ତା ୨୮ ତାରିଖ ସୁଦ୍ଧା ପ୍ରକାଶ ପାଇବ । ଏ ନେଇ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ସୂଚନା ଦେଇଛନ୍ତି । ଅନ୍ୟପଟେ ବିରୋଧୀ ଦଳଗୁଡ଼ିକ ଏହି ଘଟଣାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇ ବଜେଟ ଅଧିବେଶନ ପୂର୍ବରୁ ଆୟୋଜିତ ହାଇ-ଟି ପାର୍ଟିକୁ ବର୍ଜନ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହି ବିମାନ ଦୁର୍ଘଟଣାରେ ଅଜିତଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା । ଶିବସେନା (ୟୁବିଟି) ନେତା ଭାସ୍କର ଯାଦବ ଅଭିଯୋଗ କରିଛନ୍ତି ଯେ ଏହି ମାମଲାରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନୁହେଁ । ପୂର୍ବରୁ ଏହି ଦୁର୍ଘଟଣା ନେଇ ଅଜିତଙ୍କ ପୁତୁରା ତଥା ଏନ୍‌ସିପି ବିଧାୟକ ରୋହିତ ପାୱାର ଷଡ଼ଯନ୍ତ୍ର ହୋଇଥିବା ଦାବି କରିଛନ୍ତି । ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁଙ୍କ ଇସ୍ତଫା ଦାବି କରିଛନ୍ତି ।

## ସିରିଆରେ ଆଇଏସ୍ ସହ ସମ୍ପୃକ୍ତ ୨୦ ହଜାର ବ୍ୟକ୍ତି ନିଖୋଜ

**ଦାମାସକସ୍,୨୨ ।୨(ଏଜେନ୍ସି):** ଯୁଦ୍ଧବିଧ୍ୱସ୍ତ ମଧ୍ୟପ୍ରାଚ୍ୟ ଦେଶ ସିରିଆରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଏହି କାରଣରୁ ସିରିଆର ଅଲ୍-ହୋଲ୍ କ୍ୟାମ୍ପରୁ ୧୫,୦୦୦ରୁ ୨୦,୦୦୦ ଲୋକ ଫେରାର ହୋଇଯାଇଛନ୍ତି ବୋଲି ଆମେରିକାର ଗୁପ୍ତଚର ସଂସ୍ଥା କହିଛି । 'ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ'ର ପ୍ରକାଶିତ ରିପୋର୍ଟ ଅନୁସାରେ ସିରିଆର ସରକାରୀ ସେନା କ୍ୟାମ୍ପକୁ ନିଜ ଦଖଲକୁ ନେବା ପରେ ସେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ୨୦୧୯ରେ ଇସଲାମିକ ଷ୍ଟେଟ୍‌ର ପତନ ପରେ ପୂର୍ବ ସିରିଆର ଏହି କ୍ୟାମ୍ପରେ ୭୦,୦୦୦ରୁ ଅଧିକ ଲୋକ ରହୁଥିଲେ । ୨୦୨୫ ସୁଦ୍ଧା ଏଠାରେ ୨୩,୦୦୦ ବାସିନ୍ଦା ରହୁଥିଲେ । କିନ୍ତୁ ଗତ କିଛି ସପ୍ତାହ ମଧ୍ୟରେ ସିରିଆ ସରକାର ଆମେରିକା ସମର୍ଥିତ ସିରିଆନ ଡେମୋକ୍ରାଟିକ ଫୋର୍ସ (ଏସ୍‌ଡିଏଫ୍)କୁ ପରାସ୍ତ କରିବା ପରେ କ୍ୟାମ୍ପର ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିଲା । ଏସ୍‌ଡିଏଫ୍ କହିଛି ଯେ ଅନ୍ତର୍ଜାତୀୟ ଅବହେଳା କାରଣରୁ ସେମାନେ ଅଲ-ହୋଲରୁ ଫେରିଯିବାକୁ ବାଧ୍ୟ ହୋଇଥିଲେ ।

## ଟ୍ରମ୍ପଙ୍କ ରିସୋର୍ଟରେ ଅନୁପ୍ରବେଶ ଉଦ୍ୟମ: ଯୁବକଙ୍କୁ ଗୁଳିକରି ହତ୍ୟା

**ୱାଶିଂଟନ, ୨୨।୨ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମାର୍-ଇ-ଲାଗୋ ରିସୋର୍ଟରେ ଅନୁପ୍ରବେଶ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ସୁରକ୍ଷାକର୍ମୀ ଗୁଳି ମାରି ହତ୍ୟା କରିଛନ୍ତି । ରାଷ୍ଟ୍ରପତିଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଏଜେନ୍ସି 'ସିକ୍ରେଟ୍ ସର୍ଭିସ' ସୂଚନା ଦେଇଛି ଯେ ଜଣେ ବ୍ୟକ୍ତି ବେଆଇନ ଭାବେ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ । ସୁରକ୍ଷିତ ଅଞ୍ଚଳ ପଶିବାକୁ ପ୍ରବେଶ କରିବାରୁ ସିକ୍ରେଟ୍ ସର୍ଭିସ୍ ଏଜେଣ୍ଟ ତାଙ୍କୁ ଗୁଳି କରିଥିଲେ । ଏହି ଯୁବକ ଏକ ଶଟଗନ୍ ଭଳି ବନ୍ଧୁକ ଏବଂ ଇନ୍ଧନ କ୍ୟାନ୍ ଧରି ଆସିଥିଲେ । ଏପର୍ଯ୍ୟନ୍ତ ତାଙ୍କର ପରିଚୟ ସାର୍ବଜନୀନ କରାଯାଇ ନାହିଁ ।

## ୟୁକ୍ରେନ ଆକ୍ରମଣ ଭୟ; ରୁଷ୍‌ର ୪ ବିମାନବନ୍ଦର ବନ୍ଦ

**ମସ୍କୋ, ୨୨।୨ (ଏଜେନ୍ସି):** ରୁଷିଆ ନିଜର ୪ଟି ଅନ୍ତର୍ଜାତୀୟ ବିମାନବନ୍ଦରକୁ ରବିବାର ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ କରିଦେଇଛି । ୟୁକ୍ରେନ ଆକ୍ରମଣ ଭୟରେ ଏହି ପଦକ୍ଷେପ ନିଆଯାଇଛି । ସୂଚନା ଅନୁଯାୟୀ, ଆଜି ଅପରାହ୍ଣରେ ୟୁକ୍ରେନର ଡ୍ରୋନ ଆକ୍ରମଣକୁ କରିଥିଲା । ରୁଷ ଏୟାର ଡିଫେନ୍ସ ସିଷ୍ଟମ ମାତ୍ର ଘଣ୍ଟାଏ ମଧ୍ୟରେ ୧୧ ୟୁକ୍ରେନ ଡ୍ରୋନକୁ ଧ୍ୱଂସ କରି ଦେଇଥିଲା । ଏ ସବୁ ୟୁଏଭି ରାଜଧାନୀ ମସ୍କୋ ଅଭିମୁଖେ ଯାଉଥିଲା । ଏହା ପରେ ସତର୍କତାମୂଳକ ପଦକ୍ଷେପ ନେଇ ଡୋମୋଡେଡୋଭୋ, ଭୁକୋଭୋ, ଜୁକୁକୋଭସ୍କି ଏବଂ ସେରେମେଟେଭୋକୁ ବନ୍ଦ କରାଯାଇଥିଲା । ରୁଷ ପକ୍ଷରୁ କୁହାଯାଇଛି ଯେ ଯୁଦ୍ଧକୁ ଚାରି ବର୍ଷ ହେବାକୁ ଯାଉଥିବାବେଳେ ୟୁକ୍ରେନ କ୍ରମାଗତ ଭାବେ ଡ୍ରୋନ ଆକ୍ରମଣ ପାଇଁ ପ୍ରୟାସ କରୁଛି ।

**ଏପ୍‌ଷ୍ଟିନ କଳା ସାମ୍ରାଜ୍ୟର ପର୍ଦ୍ଦାଫାସ**

# ଯୌନ ଶୋଷଣରେ କୋଟିପତି ଓ ପ୍ରଭାବଶାଳୀ ବ୍ୟକ୍ତି

ନୂଆଦିଲ୍ଲୀ,୨୨ ।୨(ଏଜେନ୍ସି):

ଆମେରିକା କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ୍ ନିଜର ଅର୍ଥ ଓ ପ୍ରଭାବ ବଳରେ ଏକ ବିଶାଳ ରହସ୍ୟମୟ ତଥା କଳା ସାମ୍ରାଜ୍ୟ ଗଢ଼ିଥିଲା । ଏହା ପଛରେ ସେ ଏକ ଭୟଙ୍କର ଯୌନ ଶୋଷଣ ନେଟୱର୍କ ଚଳାଉ ଥିଲା । ୨୦୧୯ରେ ଜେଲରେ ଏପଷ୍ଟିନର ସନ୍ଦେହଜନକ ମୃତ୍ୟୁ ହୋଇଥିଲେ ମଧ୍ୟ ଏହି ମାମଲାର ପ୍ରଭାବ ଏବେ ବି ବିଶ୍ୱର ବଡ଼ ବଡ଼ ନେତା ଓ କୋଟିପତିଙ୍କ ଉପରେ ପଡୁଛି । ଏଥିରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିଲା ବୋଲି ସମୟକ୍ରମେ ଜଣାପଡୁଛି । ଏପ୍‌ଷ୍ଟିନ ସହ ବିଶ୍ୱର ବଡ଼ବଡ଼ ରାଷ୍ଟ୍ରପତି, ରାଜକୁମାର ଓ ଶିଳ୍ପପତିଙ୍କ ସମ୍ପର୍କ ଥିଲା । ଏହି ବିଶିଷ୍ଟ ବ୍ୟକ୍ତିମାନେ ଦିନେ ଏପ୍‌ଷ୍ଟିନ୍‌ଙ୍କ ଦୁନିଆରେ ଅବାଧରେ ବିଚରଣ କରୁଥିଲେ । ଅତି ଚତୁରତାର ସହ ଏପ୍‌ଷ୍ଟିନ ନିଜର ଏହି ବିଶାଳ ସାମ୍ରାଜ୍ୟ ଗଢ଼ିଥିଲା ।



ଯୌନ ଚାଲାଣରେ ନାମ ଆସିବା ପୂର୍ବରୁ ଏପ୍‌ଷ୍ଟିନ ନିଜକୁ ଜଣେ ବୁଦ୍ଧିମାନ, କୋଟିପତି ଓ ପ୍ରଭାବଶାଳୀ ବ୍ୟକ୍ତିଭାବେ ଉପସ୍ଥାପନ କରିଥିଲା । ସେ ରାଷ୍ଟ୍ରପତି, ରାଜକୁମାର, ବଡ଼ ବଡ଼ ବ୍ୟକ୍ତି ଓ ନୋବେଲ ବିଜେତାଙ୍କ ଗହଣରେ ରହୁଥିଲା । ନ୍ୟୁୟର୍କ ଓ ପାମ୍ ବିଚ୍‌ରେ ତାର ବିଶାଳ ବାସଭବନ ସହ କାରିବିଆନ ସାଗରରେ ଏକ ଘରୋଇ ଦ୍ୱୀପ ମଧ୍ୟ ଥିଲା । ୧୯୫୩ରେ ବ୍ରୁକଲିନ୍‌ରେ ଜନ୍ମିତ ଏପଷ୍ଟିନ କୌଣସି କଲେଜ ଡିଗ୍ରୀ ହାସଲ ନ କରି ବି ଶିକ୍ଷକତା କରିଥିଲା ଏବଂ ପରେ ନିଜର ଏକ ଆର୍ଥିକ ପରିଚାଳନା ସଂସ୍ଥା ପ୍ରତିଷ୍ଠା କରି ବେଶ ସଫଳତା ଲାଭ କରିଥିଲା । ତେବେ ତାଙ୍କର ଏହି ସଫଳତା ପଛରେ ଏକ ଅନ୍ଧକାରମୟ ଦୁନିଆ ରହିଥିଲା, ଯେଉଁଠାରେ ଅଳ୍ପ ବୟସର ଝିଅମାନଙ୍କୁ ଯୌନ ଶୋଷଣ କରାଯାଉଥିଲା ।

ଏପଷ୍ଟିନର ମୁଖ୍ୟ ସହଯୋଗୀ ଥିଲେ ବ୍ରିଟେନର ପୂର୍ବତନ ସମାଜସେବୀ ଘିସଲେନ ନୋଏଲ ମାରିଅନ ମ୍ୟାକ୍ସୱେଲ । ସେ ଏପ୍‌ଷ୍ଟିନଙ୍କ ପାଇଁ ଅଳ୍ପ ବୟସର ଝିଅ ଖୋଜିବା ଏବଂ ସେମାନଙ୍କୁ ଶୋଷଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ । ୨୦୨୧ରେ ମ୍ୟାକ୍ସୱେଲ ଯୌନ ଶୋଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ତାଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ହୋଇଥିଲା । ତଦନ୍ତକାରୀ ଅଧିକାରୀଙ୍କ ଅନୁଯାୟୀ, ଏପଷ୍ଟିନଙ୍କ ଏଭଳି ନେଟ୍‌ୱର୍କ ଏକ 'ପିରାମିଡ୍ ସ୍କିମ' ଭଳି କାର୍ଯ୍ୟ କରୁଥିଲା । ଅଳ୍ପ ବୟସର ଝିଅଙ୍କୁ ମସାଜ ସେବା ବଦଳରେ ଅର୍ଥ ଦେବାର ଲୋଭ ଦେଖାଇ ଡକାଯାଉଥିଲା, ଯାହା ପରେ ଯୌନ ଶୋଷଣରେ ପରିଣତ ହେଉଥିଲା । ଅନ୍ୟ ଝିଅମାନଙ୍କୁ ଏହି କାମରେ ସାମିଲ କରିବା ପାଇଁ ପୀଡିତାମାନଙ୍କୁ ଉତ୍ସାହିତ କରାଯାଉଥିଲା । ଫଳରେ ଏହି ନେଟ୍‌ୱର୍କ ବଢ଼ିବାରେ ଲାଗିଥିଲା । ସେ ବିଶେଷ କରି ସେହି ଝିଅମାନଙ୍କୁ ଟାର୍ଗେଟ କରୁଥିଲେ ଯେଉଁମାନଙ୍କର ପାରିବାରିକ ଆର୍ଥିକ ଅବସ୍ଥା ଭଲ ନଥିଲା କିମ୍ବା ସେମାନେ ମାନସିକସ୍ତରରେ ଦୁର୍ବଳ ଥିଲେ । ସେମାନଙ୍କୁ ଭଲ ପାଠପଢ଼ା କିମ୍ବା କ୍ୟାରିଅର ଗଢ଼ିବାର ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଥିଲା । ୨୦୧୯ରେ ଏପ୍‌ଷ୍ଟିନ ଆତ୍ମହତ୍ୟା କରିଥିଲେ ମଧ୍ୟ ଏହି ମାମଲାର ତଦନ୍ତ ଏବେ ବି ଜାରି ରହିଛି । ନିକଟରେ ବ୍ରିଟେନର ପୂର୍ବତନ ରାଜକୁମାର ଆଣ୍ଡ୍ରୁ ମାଉଣ୍ଟବାଟେନ-ୱିଣ୍ଡରସଙ୍କୁ ଗିରଫ କରାଯାଇଛି । ଆଗାମୀ ଭବିଷ୍ୟତରେ ଆହୁରି କେତେକ ବିଶିଷ୍ଟ ବ୍ୟକ୍ତି ଏହି ମାମଲାରେ ଜଡ଼ିତ ହେବା କାରଣରୁ ବଳି ପଡିବେ ବୋଲି ଅନୁମାନ କରାଯାଉଛି । ଏହି ତାଲିକା ଯଥେଷ୍ଟ ଲମ୍ବା ରହିଛି ।

## ବିଶ୍ୱବିଦ୍ୟାଳୟରେ ନିୟମିତ ଅଧ୍ୟାପକ ନିଯୁକ୍ତି

# ବିଜ୍ଞପ୍ତିର ବୈଧତାକୁ ନେଇ ପ୍ରଶ୍ନ

■ ସ୍ୱୟଂଶାସିତ ସଂସ୍ଥାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକୁ ନେଇ ପ୍ରଶ୍ନ

■ ଏକାଡେମିକ୍ ସମୀକ୍ଷା ବିନା ନିଯୁକ୍ତି, ଶୈକ୍ଷିକ କ୍ଷତି କରିବ: ଶିକ୍ଷାବିତ

ଭୁବନେଶ୍ୱର, ୨୨।୨(ସମିସ): ରାଜ୍ୟର ୧୪ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। ଭାରପ୍ରାପ୍ତ କୁଳପତିଙ୍କ ଭରସାରେ ଉଚ୍ଚ ଶିକ୍ଷାନୁଷ୍ଠାନ ଚାଲିଛି। ଭାରପ୍ରାପ୍ତ କୁଳପତିମାନେ କୌଣସି ପ୍ରମୁଖ ନିଷ୍ପତ୍ତି ନେଇ ପାରିବେ ନାହିଁ ବୋଲି ସେମାନଙ୍କ ନିଯୁକ୍ତି ସମୟରେ ରାଜ୍ୟପାଳ ସ୍ପଷ୍ଟ କରିଥିଲେ। ମାତ୍ର ଏହାକୁ ଅଣଦେଖା କରି ନିୟମିତ ଅଧ୍ୟାପକ ନିଯୁକ୍ତି ପରି ପ୍ରମୁଖ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଛି। ଯାହା ବିଶ୍ୱବିଦ୍ୟାଳୟଗୁଡ଼ିକରୁ ପ୍ରକାଶ ପାଉଥିବା ନିଯୁକ୍ତି ବିଜ୍ଞପ୍ତିର ବୈଧତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଗତ ୧୬ ତାରିଖରେ ରାଜ୍ୟର ୩ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ନିୟମିତ ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୬ଟି ପ୍ରଫେସର, ୧୨ଟି ସହଯୋଗୀ ପ୍ରଫେସର, ୩୨ଟି ସହକାରୀ ପ୍ରଫେସର ପଦରେ ନିଯୁକ୍ତି ପାଇଁ ମାର୍ଚ୍ଚ ୧୭ ସୁଦ୍ଧା ଆବେଦନ କରିପାରିବେ। ସେହିପରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନିୟମିତ ଅଧ୍ୟାପକ ନିଯୁକ୍ତି ପାଇଁ ୨୮ ତାରିଖଠାରୁ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ ଆବେଦନ ଫର୍ମ ଉପଲବ୍ଧ ହେବ ଓ ଏପ୍ରିଲ ୧୩ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ଅନୁରୂପ ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଥିବା ଅଧ୍ୟାପକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅବଶିଷ୍ଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ନେଇ ପ୍ରକ୍ରିୟା ଜାରି ରହିଛି। ୨୦୨୨ ପରେ ପ୍ରଥମ ଥର ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନିୟମିତ ପ୍ରଫେସର ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ଆରମ୍ଭ ହୋଇଛି।

ନିୟମିତ ଅଧ୍ୟାପକ ନିଯୁକ୍ତି ଆରମ୍ଭ ହେବା ପରେ ବିଜ୍ଞପ୍ତିର ବୈଧତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏସବୁ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। କିଛି ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ନିଯୁକ୍ତ ହୋଇଥିବାବେଳେ ଆଉ କିଛି ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତି ସମୟରେ ସେମାନେ କୌଣସି ପ୍ରମୁଖ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି କୁହାଯାଇଛି। ଜାନୁଆରି ୩୧ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିବା କହିଥିଲେ ମଧ୍ୟ ତାକୁ ନେଇ ପ୍ରଶ୍ନ ଉଠିଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ହେଉଛନ୍ତି ସ୍ୱୟଂଶାସିତ। ତହିଁରେ ନିଯୁକ୍ତି ପାଇଁ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ ବିନା ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇପାରିବ ନାହିଁ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି। ଆଗକୁ ଏହି ମାମଲା ଆଇନ୍ ଜାଲରେ ଛନ୍ଦି ହେବା ସହ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଅଧାରେ ଲଟକିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ କରିଛନ୍ତି।

ଶିକ୍ଷାବିତ ସତ୍ୟକାମ ମିଶ୍ର କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପୂର୍ବରୁ ଏକାଡେମିକ୍ କାଉନସିଲ୍ ବିସ୍ତୃତ ଭାବେ ବିଚାରବିମର୍ଶ କରିବା କଥା। ଯଦ୍ୱାରା ଛାତ୍ରଛାତ୍ରୀଙ୍କ ଆଗ୍ରହ ନ ଥିବା ବା ସାମ୍ପ୍ରତିକ ସ୍ଥିତିରେ ଆବଶ୍ୟକ ନ ଥିବା ବିଷୟକୁ ବାଦ୍ ଦେଇ ଅତ୍ୟାଧୁନିକ ବିଷୟକୁ ପାଠ୍ୟକ୍ରମରେ ସାମିଲ କରାଯାଇପାରିବ। ମାତ୍ର ଏହାର ସମୀକ୍ଷା କରା ନଯାଇ ତରବରିଆ ଭାବେ ଖାଲିଥିବା ପଦରେ ନିଯୁକ୍ତି ଦିଆଗଲେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ କ୍ଷତି ହେବ। ନିୟମିତ କୁଳପତି ନିଯୁକ୍ତି ପରେ ସମସ୍ତ ବିଷୟକୁ ଏକାଡେମିକ୍ କାଉନସିଲ୍ ସମୀକ୍ଷା କରି ନିଯୁକ୍ତି ପ୍ରକ୍ରିୟା କରାଗଲେ ଛାତ୍ରଛାତ୍ରୀ ଉପକୃତ ହେବା ସହ ଶୈକ୍ଷିକ ମାନ ବଢ଼ିବ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଛନ୍ତି।

## ରାଜକନିକାରେ ଛାତ୍ରୀଙ୍କୁ ସ୍କୁଲ୍‌ରେ ଗଣଦୁଷ୍କର୍ମ ଘଟଣାକୁ ନେଇ ବର୍ଷିଲା ବିଜେଡି

# ରାଜ୍ୟରେ ଆଇନଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ

ଭୁବନେଶ୍ୱର,୨୨।୨(ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିଯିବା ସହିତ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। ମାତ୍ର ସରକାର ଏହାକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ନିଜ ମିଛ ସଫଳତା ବଖାଣି ଆତ୍ମପ୍ରଚାରରେ ବିଭୋର



■ ୧୯ ମାସରେ ୪୦, ୦୦୦ରୁ ଉର୍ଦ୍ଧ୍ୱ ମହିଳାଙ୍କୁ ନିର୍ଯାତନା

■ ୪୦୦୦ ମହିଳା ଓ ୨୦୦ ନାବାଳିକା ଦୁଷ୍କର୍ମର ଶିକାର

ଅଛନ୍ତି। ପରିସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡୁଛି ବୋଲି ଅଭିଯୋଗ କରିଛି ବିଜେଡି।

ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମହିଳା କମିସନର ମିନତୀ ବେହେରା, ଜ୍ୟୋତ୍ସ୍ନାମୟୀ ପରିଡା ଓ ରୀତାଞ୍ଜଳି ପରିଡା ପ୍ରମୁଖ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଟୁକୁନି ସାହୁ କହିଛନ୍ତି ଯେ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକର ଏକ ଘରୋଇ ବିଦ୍ୟାଳୟରେ ଗୋଟିଏ ସପ୍ତମ ଶ୍ରେଣୀର ଛାତ୍ରୀକୁ ପାଞ୍ଚ ଜଣ ଶିକ୍ଷକଙ୍କ ଦ୍ୱାରା ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି, ଯାହା ପ୍ରତ୍ୟେକ ରାଜ୍ୟବାସୀଙ୍କୁ ମନକୁ ଗଭୀର ଆଘାତ ଦେଇଛି। ଦୁଃଖ ଓ ପରିତାପର ବିଷୟ ଯେ ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରଠାରୁ ବିଦ୍ୟାଳୟ ଏପରିକି ସରକାରୀ ଆବାସିକ ହଷ୍ଟେଲ ଗୁଡିକରେ ରହୁଥିବା ନାବାଳିକା ଛାତ୍ରୀମାନେ ଦୁଷ୍କର୍ମ, ନିର୍ଯାତନା ଓ ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି। ବିରୋଧୀ ଦଳ ବିଶେଷକରି ବିଜେଡି ପକ୍ଷରୁ ମହିଳାମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନିଦ୍ରାଭଙ୍ଗ ହେଉନାହିଁ। ସରକାର ମିଛ ସଫଳତା ବଖାଣି ନିଜ ପ୍ରଚାରରେ ବ୍ୟସ୍ତ ଅଛନ୍ତି। ସରକାରଙ୍କ ଉଦାସୀନତା କାରଣରୁ ମହିଳା ନିର୍ଯାତନା ଥମିବାର ନାଁ ନେଉନାହିଁ। ରାଜକନିକା ଘଟଣାରେ ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଭେଟି ସାନ୍ତ୍ୱନା ଜଣାଇବା ସହିତ ପୁଲିସ ଅଧିକାରୀଙ୍କୁ ଭେଟି ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଦାବି ରଖିଛନ୍ତି। ବରିଷ୍ଠ ନେତ୍ରୀ ମିନତୀ ବେହେରା କହିଥିଲେ ଯେ ଯଦିଓ ବିଜେଡି ପ୍ରତିନିଧି ମଣ୍ଡଳୀର ଗସ୍ତ ପରେ ଅଭିଯୁକ୍ତମାନଙ୍କୁ ପୁଲିସ ଦ୍ୱାରା ଗିରଫ କରା ଯାଇଛି, ଏହି ନାବାଳିକା ଗଣ ଦୁଷ୍କର୍ମ ଘଟଣାର ସବିଶେଷ ତଦନ୍ତ ହେବା ସହିତ ଏହାକୁ ଫାଷ୍ଟ ଟ୍ରାକ କୋର୍ଟରେ ଶୁଣାଣି କରାଯାଉ ବୋଲି ବିଜେଡି ଦାବି କରୁଛି। ଶ୍ରୀମତୀ ବେହେରା କହିଥିଲେ ଯେ ଗତ ୧୯ ମାସର ବିଜେପି ଶାସନରେ ୪୦, ୦୦୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହେଲେଣି। ପ୍ରାୟ ୪୦୦୦ ରୁ ଉର୍ଦ୍ଧ୍ୱ ମହିଳା ଦୁଷ୍କର୍ମ ଓ ଗଣ ଦୁଷ୍କର୍ମର ଶିକାର ହେଲେଣି ଓ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ନାବାଳିକା ଦୁଷ୍କର୍ମର ଶିକାର ହେଲେଣି। ବିଜେଡି ଫାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ଜ୍ୟୋତ୍ସ୍ନାମୟୀ ପରିଡା କହିଥିଲେ ଯେ ପୀଡିତାଙ୍କ ପରିବାର ସଦସ୍ୟ ଓ ତାଙ୍କର ଗ୍ରାମବାସୀ ମାନେ ଏହି ଘଟଣାରେ ସମ୍ପୂର୍ଣ୍ଣ ମର୍ମାହତ। ଯୋଜନାବଦ୍ଧ ଭାବରେ ବିଦ୍ୟାଳୟ ପରିସରରେ ନାବାଳିକା ଜଣକୁ ଦୁଷ୍କର୍ମ କରାଯାଉଥିଲା। ଏହି ଘଟଣା ସମୟରେ ସ୍କୁଲର ସିସି କ୍ୟାମେରାକୁ ବନ୍ଦ କରି ଦିଆ ଯାଇଥିଲା। ଏପରିକି ଅଭିଯୁକ୍ତମାନଙ୍କ ଦ୍ୱାରା ପୀଡିତାଙ୍କୁ ବାରମ୍ବାର ଘଟଣା ବିଷୟରେ କାହାକୁ ନଜଣାଇବା ପାଇଁ କୁହାଯାଇଥିଲା ଓ ସେ ଯଦି କୁହନ୍ତି, ତାହେଲେ ସେହି ସ୍କୁଲରେ ଦୁଇ କ୍ଲାସରେ ପଢୁଥିବା ପୀଡ଼ିତାଙ୍କ ସାନଭାଇକୁ ହତ୍ୟା କରି ଦିଆଯିବ ବୋଲି ଭୟଭୀତ କରାଯାଉଥିଲା। ତେଣୁ ଏହି ଘଟଣାର ସବିଶେଷ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ବିଜେଡି ଦାବି କରିଛି।

# ମୟୂରଭଞ୍ଜରେ ତମ୍ବା ଓ ସୁନା ଖଣି

## ଜିଏସ୍‌ଇ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଖନନ

ବାରିପଦା/କୁଳିଅଣା, ୨୨।୨(ସମିସ): ମୟୂରଭଞ୍ଜ ଜିଲ୍ଲା କୁଳିଅଣା ତହସିଲ ଅନ୍ତର୍ଗତ କେଶରପୁର, ଦୁଧିଆଶୋଳ, ମଦନାସାହି, ନିମାଇଁଡିହି, ବଡ଼ସାରସପୋଷି, କାଞ୍ଜିଆ ଓ ଆମ୍ବପୁଞ୍ଜା ଅଞ୍ଚଳରେ ତମ୍ବା ପଥର ଥିବା ସୂଚନା ମିଳିବା ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଜିଏସ୍‌ଇ) ପକ୍ଷରୁ ଅନୁସନ୍ଧାନ ଆରମ୍ଭ ହୋଇଛି। ପୂର୍ବରୁ ଆମ୍ବପୁଞ୍ଜା, କେଶରପୁର ଉତ୍ତର-ବ୍ଲକରେ ଖନନ କାର୍ଯ୍ୟ ସରିଥିବା ବେଳେ ଏବେ କେଶରପୁର ଦକ୍ଷିଣ ବ୍ଲକ୍‌ରେ ଖନନ କାର୍ଯ୍ୟ ଚାଲିଛି। ଉପରୋକ୍ତ ଅଞ୍ଚଳରେ ଡ୍ରିଲିଂ ପଥରରୁ ତମ୍ବା ମିଶ୍ରିତ ସୁନାର ଆବରଣ ଦୃଶ୍ୟମାନ ହେଉଛି। ପ୍ରଥମ ପର୍ଯ୍ୟାୟରେ କେଶରପୁରର ଦୁଇଟି ଖନନ ବ୍ଲକ୍‌ରେ ୧୬.୬୭ ମିଲିୟନ୍ ଟନ୍ ଓ ୧୭.୦୬ ମିଲିୟନ ଟନ୍ ତମ୍ବା, ନୟା ଦୁଧିଶୋଳରେ ୪.୦୪ ମିଲିୟନ ଟନ୍ ତମ୍ବା ଓ ୨.୦୫ ଟନ୍ ନିକେଲ ମହଜୁଦ ଥିବା ସୂଚନା ମିଳିଛି। ଏନେଇ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁଙ୍କ ଅଣତାରକା ପ୍ରଶ୍ନର ଉତ୍ତର ରଖି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ, ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ସମ୍ପୂର୍ଣ୍ଣ



କରାଯାଇଛି। କେଶରପୁର (ପୂର୍ବ) ବ୍ଲକ୍‌ରେ ୧୬.୬୭ ନିୟୁତ ଟନ, ମଦନାସାହି ବ୍ଲକରେ ୧୭.୦୬ ନିୟୁତ ଟନ, ଦୁଧିଆଶୋଳ ବ୍ଲକରେ ୪.୪ ନିୟୁତ ଟନ ତମ୍ବା ପଥର, ୨.୦୫ ନିୟୁତ ଟନ ନିକେଲ ଥିବା ଆକଳନ କରାଯାଇଛି। ଉପରୋକ୍ତ ତମ୍ବା ପଥର ବ୍ଲକ୍‌ଗୁଡ଼ିକ ସଂଲଗ୍ନ ଥିବାରୁ ଏହାର ଏକତ୍ରୀକରଣ କରାଯାଇ ନିଲାମ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପ୍ରସ୍ତାବ ରହିଛି। ପ୍ରଥମ ପର୍ଯ୍ୟାୟରେ ୨୦୨୫-୨୬ ବର୍ଷରେ ଜିଏସ୍‌ଇ ଦ୍ୱାରା ମଦନାସାହି କାଞ୍ଜିଆ ବ୍ଲକକୁ ଏକତ୍ରୀକରଣ କରାଯାଇ ଏହାର ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ ଓ ଓଆରଏ ସ୍‌ଏସି ଦ୍ୱାରା ଡିଜିପିଏସ୍ ସର୍ଭେ କରାଯାଇ ଏହାର ଜମି କିସମର ତାଲିକା ପ୍ରସ୍ତୁତ କରାଯାଉଛି। ବଡ଼ସାରସପୋଷି, ଆମ୍ବପୁଞ୍ଜା ଓ ନିମାଇଁଡ଼ିହି ବ୍ଲକରେ ଜିଏସଆଇ ଦ୍ୱାରା ତମ୍ବା ପଥର ଅନୁସନ୍ଧାନ ଓ ଆକଳନ ପ୍ରକ୍ରିୟା ସମାପ୍ତ ହେବା ପରେ କେଶରପୁର ଓ ଦୁଧିଆଶୋଳ ବ୍ଲକ ସହିତ ଏକତ୍ରୀକରଣ କରାଯାଇ ୨୦୨୬-୨୭ ବର୍ଷରେ ନିଲାମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ସମସ୍ତ ତମ୍ବା ଖଣି ନିଲାମ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ମଦନାସାହି, କାଞ୍ଜିଆରେ ସୁନା ଖଣିର ସନ୍ଧାନ ରିପୋର୍ଟ ସରକାରଙ୍କୁ ଜିଏସଆଇ ପକ୍ଷରୁ ଜି-୨ସର୍ଭେ ରିପୋର୍ଟ ମିଳିବା ପରେ ସୁନା ୧୪୬୨.୭୩ କେଜି ମହଜୁଦ ଥିବା ସୂଚନା ମିଳିଛି।

## ■ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା-୨୦୨୬'

# 'ବିକଶିତ ଓଡିଶା, ବିକଶିତ ଭାରତର ସ୍ୱପ୍ନ ସାକାର କର'

କଟକ,୨୨।୨(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା -୨୦୨୬'ର ଶନିବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଛି। ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଆଜି ଟେକ୍ନୋଲୋଜି କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ସୁତରାଂ ପ୍ରତିକ୍ଷେତ୍ରରେ ଆମକୁ ଏହା ସହ ଯୋଡି ହୋଇରହିବାକୁ ହେବ। ସଫଳ ବୃତ୍ତିଧାରୀ ସୃଷ୍ଟି ହେଲେ ରାଜ୍ୟ ଓ ଦେଶ ଆଗକୁ ବଢିବ। ବିକଶିତ ଓଡିଶା ଓ ବିକଶିତ ଭାରତ ନିର୍ମାଣର ସ୍ୱପ୍ନ ଓ ସଂକଳ୍ପ ସାକାର ହେବ। ଏ କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ଯୁବ ସଂପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବୃତ୍ତିଗତ କ୍ଷେତ୍ରରେ ଦକ୍ଷତା ହାସଲ ଲାଗି ପ୍ରତି କ୍ଷେତ୍ରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପିତାଙ୍କ ସ୍ମୃତିରେ 'ଡ୍ରିମ୍‌ସ' ଭଳି ଏତେ ବଡ ମଣିଷ ତିଆରି କାରଖାନା ଗଢ଼ିଥିବାରୁ ସେ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ସିନେ ଅଭିନେତା ଅରିନ୍ଦମ୍ ରାୟ ତାଙ୍କ ବକ୍ତବ୍ୟରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କ୍ଷେତ୍ରରେ ଛାତ୍ରଛାତ୍ରୀ ଅଧିକ ଦକ୍ଷତା ହାସଲ କରିବା ସହ ସମାଜ ପାଇଁ କିଛି ଭଲ କାମ କରିବାର ସଂକଳ୍ପ ନେବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେବା ସହ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍ ଖୋଲି ଛାତ୍ରଛାତ୍ରୀଙ୍କ କଳା ପ୍ରତିଭାର ବିକାଶ ଲାଗି ପ୍ରସ୍ତାବ ଦେଇଥିଲେ।




## ଅବଶିଷ୍ଟାଂଶ

### ଗୋଟିଏ ପରିବାରର...

ଉପରେ ବୋମା ମାଡ଼ କରିଛି। ଏଥିରେ ମହିଳା ଓ ଶିଶୁଙ୍କ ସମେତ ଅନେକ ନିରୀହ ଲୋକ ପ୍ରାଣ ହରାଇଛନ୍ତି। ନିକଟରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦ୍‌ର ଏକ ସିଆ ମସଜିଦ୍ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୩୧ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏହି ଏୟାର ଷ୍ଟ୍ରାଇକ୍ କରିଛି ବୋଲି କୁହାଯାଉଛି। ପାକିସ୍ତାନ ସେନା କହିଛି ଯେ ପାକିସ୍ତାନ ସବୁବେଳେ ଆଞ୍ଚଳିକ ଶାନ୍ତି ଚାହେଁ, କିନ୍ତୁ ନାଗରିକଙ୍କ ସୁରକ୍ଷା ହେଉଛି ଆମର ପ୍ରାଥମିକତା। ଆଫଗାନିସ୍ତାନର ତାଲିବାନ ସରକାର ଆତଙ୍କବାଦୀଙ୍କ ବିରୋଧରେ କୌଣସି କଠୋର ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି। ତେବେ ଏହି ଅଭିଯୋଗକୁ ତାଲିବାନ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛି। ସେମାନେ କହିଛନ୍ତି ଯେ, ଆଫଗାନିସ୍ତାନର ମାଟିକୁ କୌଣସି ଦେଶ ବିରୋଧରେ ବ୍ୟବହାର କରିବାକୁ ଅନୁମତି ଦିଆଯାଉନାହିଁ। ପାକିସ୍ତାନର ଏହି ଆକ୍ରମଣ ଦୁଇ ଦେଶର ସମ୍ପର୍କକୁ ଆହୁରି ଖରାପ କରି ଦେଇଛି। ଆଫଗାନିସ୍ତାନ ରକ୍ଷା ମନ୍ତ୍ରଣାଳୟ ଏହାକୁ ଦେଶର ସାର୍ବଭୌମତ୍ୱର ଉଲ୍ଲଂଘନ ଓ ଏହାର ଉଚିତ ଜବାବ ଦେବାକୁ ଚେତାବନୀ ଦେଇଛି।

### ରାଜପଥରେ ଚାଲିଗଲା...

ଯୋଗେ ଝାରସୁଗୁଡ଼ା ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଯାଉଥିବା ଏକ ଟ୍ରେଲର୍ ଝାରସୁଗୁଡ଼ା ସଦର ଥାନା ସମ୍ମୁଖରେ ବୋଲେରୋକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଲେରୋଟି ସମ୍ପୂର୍ଣ୍ଣ ଚୂରମାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ୫ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିସାରିଥିଲା। ବାକି ୩ ଆହତମାନଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଖବର ପାଇ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହିତ ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରଲର ଓ ଡ୍ରାଇଭରକୁ ସଦର ଥାନାରେ ଅଟକ ରଖାଯାଇଛି।

ଝାରସୁଗୁଡ଼ା ପୁଲିସ ରିଜର୍ଭ ପଡ଼ିଆଠାରେ ମୃତ ପୁଲିସ କର୍ମଚାରୀମାନଙ୍କ ମୃତଦେହ ରଖାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଝାରସୁଗୁଡ଼ାର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ପୂର୍ବତନ ବିଧାୟିକା ତଥା ବିଜେଡି ନେତ୍ରୀ ଦୀପାଳି ଦାସ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଘବେନ୍ଦ୍ର, ବରିଷ୍ଠ ପୁଲିସ ଅଧିକାରୀ ଓ କର୍ମଚାରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମୃତ ପୁଲିସ କର୍ମଚାରୀଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଶୋକପ୍ରକାଶ କଲେ...

ପ୍ରାର୍ଥନା କରୁଛି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ଝାରସୁଗୁଡ଼ାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ପୁଲିସ କର୍ମଚାରୀଙ୍କ ପ୍ରାଣହାନି ହେବା ସହ ଅନେକ ଆହତ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ମୃତକଙ୍କ ଅମର ଆତ୍ମାର ସଦଗତି ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

### ବରଗାଡ଼ିରୁ କନିଆକୁ...

ଅଭିଯୋଗ ହୋଇଛି। ଏହି ସମୟରେ ସେ ରାସ୍ତାରେ ଅନେକ ଲୋକ ଯିବା ଆସିବା କରୁଥିଲେ। କେହି କିଛି ବୁଝିବା ପୂର୍ବରୁ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଏ ସମ୍ପର୍କରେ ପୁଅ ଘର ତରଫରୁ ତରଭା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଛି। ଏନେଇ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ପ୍ରସନ୍ନଜିତ ବେହେରା ତଦନ୍ତ ଦାୟିତ୍ୱ ନେଇଛନ୍ତି। ତରଭା ପୁଲିସ କଣ୍ଟାମାଳ ଯାଇ ତଦନ୍ତ ଚଳାଇଛି।

ତରଭା ଥାନାରେ ହୋଇଥିବା ଏତଲା ଅନୁଯାୟୀ, ହରିବନ୍ଧୁ ଓ ରଶ୍ମିଙ୍କ ବାହାଘର ଠିକ୍ ହେବା ପରେ କେହି ଜଣେ ଅଜଣା ବ୍ୟକ୍ତି ବାରମ୍ବାର ଫୋନ୍ କରି ହରିବନ୍ଧୁଙ୍କୁ ଧମକଚମକ ଦେଉଥିଲା। ରଶ୍ମିଙ୍କୁ ବାହା ନହେବା ପାଇଁ ଚେତାବନୀ ଦେଉଥିଲା। ହରିବନ୍ଧୁ କିନ୍ତୁ ତା' କଥାକୁ ଗୁରୁତ୍ୱ ଦେଇ ନଥିଲେ। ଅନ୍ୟପକ୍ଷେ, କନ୍ୟାର ଆଇଙ୍କ କହିବା ଅନୁସାରେ, ନାଲି ରଙ୍ଗର ସାର୍ଟ ପିନ୍ଧିଥିବା ଯୁବକଜଣଙ୍କ କଣ୍ଟାମାଳ ନିକଟସ୍ଥ ବଡ଼ଛେପାପାଲିର ସଂଜୀବ ସାହୁ ଓରଫ ବୁଠି। ଅନ୍ୟ ଦୁଇଜଣ ମଧ୍ୟ ସେହି ଗୋଟିଏ ଗ୍ରାମର।

### ପ୍ରାର୍ଥୀ ଚୂଡ଼ାନ୍ତ କରିବ...

ଝୁଣ୍ଟୁଛନ୍ତି। ନିଗମ, ବୋର୍ଡ ବିଭିନ୍ନ ଅକାଦେମୀରେ ଏବେସୁଦ୍ଧା ନିଯୁକ୍ତି ଦିଆଯାଇ ପାରିନଥିବା ବେଳେ ଏହାକୁ ନେଇ ଆଶାୟୀଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ହୋଇପାରୁ ନଥିବାରୁ ଏହା ରାଜ୍ୟ ବିଜେପି ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜିର ବୈଠକରେ ବୋର୍ଡ ଏବଂ ନିଗମ ନିଯୁକ୍ତିକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଜାତୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ବ୍ୟତୀତ ଦଳର ସମସ୍ତ ବରିଷ୍ଠ ନେତା ବୈଠକରେ ଉପସ୍ଥିତ ଥିବାବେଳେ ସମସ୍ତେ ସରକାରରେ ଏପରି ବିଚ୍ୟୁତିକୁ ନେଇ କୁଆଡ଼େ ଚିନ୍ତା ପ୍ରକାଶ କରିଥିବା କୁହାଯାଉଛି। ଯଦି ସବୁକିଛି ଠିକଠାକ ରୁହେ, ତାହେଲେ ଅଳ୍ପଦିନ ମଧ୍ୟରେ ନିଗମ, ବୋର୍ଡ ନିଯୁକ୍ତି ଦିଆଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

ସେହିପରି ରାଜ୍ୟସଭା ନିର୍ବାଚନ ପାଇଁ ଆସନ୍ତା ୫ ତାରିଖରେ ନାମାଙ୍କନ ହେବ। ଏନେଇ ଆଜିର ବୈଠକରେ ଆଲୋଚନା ହୋଇଥିଲା। ଚର୍ଚ୍ଚିତ ନାମଗୁଡ଼ିକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରାର୍ଥୀତ୍ୱକୁ ନେଇ ଦଳର ଦିଲ୍ଲୀ ନେତୃତ୍ୱଙ୍କ ନିଷ୍ପତ୍ତି ସର୍ବମାନ୍ୟ ଥିବାବେଳେ ଆଜିର ବୈଠକରେ କୌଣସି ନାମ ଚୂଡ଼ାନ୍ତ ହୋଇନଥିବା ଜଣାପଡ଼ିଛି। ତେବେ ରାଜ୍ୟ ବିଜେପି ପକ୍ଷରୁ ୪-୫ ଦିନ ମଧ୍ୟରେ କିଛି ଚୂଡ଼ାନ୍ତ ନାମ କେନ୍ଦ୍ର ସଂସଦୀୟ ବୋର୍ଡ ନିକଟକୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେହିପରି ଯଦି ଚତୁର୍ଥ ଆସନକୁ ଦଳର ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି କୋର୍ କମିଟି ସଦସ୍ୟ। ଚତୁର୍ଥ ଆସନରେ ବିଜୟ ନେଇ ଦଳର ତୁଙ୍ଗ ନେତା ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ତେଣୁ ଚତୁର୍ଥ ଆସନକୁ ନେଇ ଦଳର ଆଭିମୁଖ୍ୟ କଣ ରହିବ, ବିରୋଧୀ ଚତୁର୍ଥ ଆସନରେ ପ୍ରାର୍ଥୀ ଦେଲେ ଦଳ କେଉଁ ରଣନୀତି ପ୍ରସ୍ତୁତ କରିବ ସେନେଇ ମଧ୍ୟ ବରିଷ୍ଠ ନେତା ଅନେକ ବିଚାର ବିମର୍ଶ କରିଥିବା ଜଣାପଡ଼ିଛି।

ଏହାବ୍ୟତୀତ ଆଗାମୀ ପଞ୍ଚାୟତ ନିର୍ବାଚନ ଏବଂ ନବଗଠିତ ପୌରାଞ୍ଚଳରେ ଭୋଟକୁ ନେଇ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ନିର୍ବାଚନରେ ଦଳ କିପରି ସଫଳତା ପାଇବେ ସେନେଇ ବରିଷ୍ଠ ନେତାମାନେ ମତପ୍ରକାଶ କରିଥିବା ବେଳେ ଦଳର ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ବୈଠକରେ ବିଶଦ୍ ଆଲୋଚନା ହୋଇନଥିବା ଜଣାପଡ଼ିଛି। ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ପୂର୍ବତନ ରାଜ୍ୟ ବିଜେପି ସଭାପତି ସୁରେଶ ପୂଜାରୀ, ସମୀର ମହାନ୍ତି ଓ ବସନ୍ତ ପଣ୍ଡା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ, ସାଂସଦ ଡା.ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ଉପସ୍ଥିତ ଥିଲେ।

### ସ୍ୱାମୀ କାନ୍ଧରୁ ସ୍ତ୍ରୀକୁ...

ଉର୍ମିଳାଙ୍କ ଚକ୍ଷୁଦାନ କରାଇଥିଲେ। ବ୍ୟବଚ୍ଛେଦ ପୂର୍ବରୁ ପରିବାରଲୋକଙ୍କ ସହମତିରେ ଚକ୍ଷୁ ବିଭାଗ ଡାକ୍ତରୀ ଟିମ୍ ଉର୍ମିଳାଙ୍କ ଚକ୍ଷୁ ଦୁଇଟିକୁ ସଂଗ୍ରହ କରିଥିଲେ। ବ୍ୟବଚ୍ଛେଦ ହେବା ପରେ ମୃତଦେହ ଦୁଇଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ପ୍ରାୟ ମାସେ ହେଲା ହାତୀଟି ଗଜପତି ଜିଲ୍ଲା ଲଖାରୀ ହାତୀ ଅଭୟାରଣ୍ୟରୁ ଗୋଠ ଛଡ଼ା ହୋଇ ତପ୍ତପାଣି ନିକଟ ଝାଟିକାବାଡ଼ ଜଙ୍ଗଲ ଦେଇ ଗଞ୍ଜାମ ଜିଲ୍ଲା ଭୀଷ୍ମଗିରି, ଚଷାନିମଖଣ୍ଡି, ସହଦେବ ଟିକରପଡ଼ା, ନିମଖଣ୍ଡି ପେଣ୍ଠ ପ୍ରଭୃତି ଇଲାକାରେ ଆତଙ୍କ ଚଳାଇଥିଲା। ଚନ୍ଦ୍ରଗିରି ରେଞ୍ଜ ଭୀଷ୍ମଗିରି ସେକ୍ସନ ଅଧିନ ବନ କର୍ମଚାରୀ ବୃନ୍ଦ ତାଲିମପ୍ରାପ୍ତ ହାତୀ ଟ୍ରାକରଙ୍କ ସହାୟତାରେ ହାତୀକୁ ପୁଣିଥରେ ଜଙ୍ଗଲକୁ ଘଉଡ଼ାଇ ଦେଇଥିଲେ। ହାତୀଟି ଶନିବାର ରାତିରେ ସମ୍ପୃକ୍ତ ଅଞ୍ଚଳକୁ ଫେରି ଆସିଥିବା ସନ୍ଦେହ କରାଯାଉଛି। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ବନଖଣ୍ଡ ଦିଗପହଣ୍ଡି ବନାଞ୍ଚଳ ପାଟପୁର ସେକ୍ସନ ରତନେଇ ରେଖାଙ୍କିତ ଜଙ୍ଗଲରେ ୪ ହାତୀ ରହୁଛନ୍ତି। ଏହି ପଲରୁ ଜଲମେରୀପଲ୍ଲୀ ଅଞ୍ଚଳକୁ ହାତୀ ଯାଇଛି କି ନାହିଁ, ସେନେଇ ବନ କର୍ମଚାରୀମାନେ ଟ୍ରାକିଂ କରୁଥିବା ଦିଗପହଣ୍ଡି ରେଞ୍ଜର ଦିବ୍ୟରଞ୍ଜନ ସାହୁ କହିଛନ୍ତି। ଅପରପକ୍ଷରେ ଆବଶ୍ୟକ ପାଣି ଓ ଖାଦ୍ୟାଭାବ କାରଣରୁ ହାତୀପଲ ଜନବସତିକୁ ମାଡି ଆସୁଛନ୍ତି। ବିଗତ ୨୦ ବର୍ଷ ମଧ୍ୟରେ ବ୍ୟାପକ ଜଙ୍ଗଲ ନଷ୍ଟ ସହ ହାତୀ ଭଳି ବନ୍ୟଜନ୍ତୁଙ୍କ ବାସସ୍ଥଳୀ ନଷ୍ଟ କରାଯାଇ ସଂରକ୍ଷିତ ଲଖାରୀ ହାତୀ ଅଭୟାରଣ୍ୟ ଭିତରେ ବେଆଇନ ଭାବେ ଅନେକ ଜନବସତି ଗଢ଼ି ଉଠିଥିବା ଜାଣିବାକୁ ମିଳିଛି।

ଅପରପକ୍ଷେ, ଖବର ପାଇ ଦିଗପହଣ୍ଡି ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର, ତହସିଲଦାର ସନ୍ତୋଷ କୁମାର ସାହୁ, ଫାସିଗୁଡ଼ା ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ, ବାସୁଦେବପୁର ସରପଞ୍ଚ ପ୍ରତିନିଧି ଏମ.ସନ୍ତୋଷ, ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ବନଖଣ୍ଡ କାର୍ଯ୍ୟାଳୟର ଅତିରିକ୍ତ ବନସଂରକ୍ଷକ ଅରୁଣ କୁମାର ସାହୁ, ଚନ୍ଦ୍ରଗିରି ରେଞ୍ଜର ରୂପକ କୁମାର ପ୍ରଧାନ, ଥାନା ଏସ.ଆଇ ରାଜ କିଶୋର ପାତ୍ର ସଦଳବଳେ ଗାଁରେ ପହଞ୍ଚି ପରିବାରଲୋକଙ୍କୁ ସମବେଦନା ଜଣାଇବା ସହ ଉପସ୍ଥିତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାର ଉଭୟ ମୃତକ ପରିବାରଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା ଏବଂ ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଲେଖାଏଁ ଉଭୟ ପରିବାରଙ୍କୁ ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ କରିଥିଲେ। ବନବିଭାଗ ପକ୍ଷରୁ ଅନୁକମ୍ପା ମୂଳକ ସହାୟତା ରାଶି ୧୦ ଲକ୍ଷ ଟଙ୍କା ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ଦିଆଯିବ।

ସେହିପରି ବିଜେଡି ରାଜ୍ୟ କାର୍ଯ୍ୟକର୍ତ୍ତା ବିପ୍ଳବ ପାତ୍ର ଜଲମେରୀ ଗ୍ରାମ ଶ୍ମଶାନରେ ପହଞ୍ଚି ମୃତକଦ୍ୱୟଙ୍କ ଶେଷ ଦର୍ଶନ କରିବା ସହ ସେମାନଙ୍କ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇ ଫେରିଥିଲେ। ଦିଗପହଣ୍ଡି ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ ଏବଂ ଆଇନଜୀବୀ ନକୁଳ ପ୍ରଧାନ ଉଭୟ ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

**WANTED**

A well-established firm invites applications for the following position

**Tele Sales Executive**

Out Bound Uk process

Good English Speaking

**Salary: 10k to 20k**

depend upon experience

Interested candidates can send their CV to

Email: pin24u@gmail.com

9776245778
7752003261

Location: Bhubaneswar

**AFFIDAVIT**

By virtue of an affidavit sworn before Executive Magistrate, Rayagada No.30 dated- 19.02.2026, by Sri Gopinath Kulisika, aged about 30 years, S/o Api Kulisika, resident of Vill Nimajhola, PO-Majhiguda, PS/Block- Kalyansinghpur, Dist. Rayagada, Pin- 765017, declare that I have changed the name of my son from Hemochandra Kulisika to Sameer Kulisika. Henceforth, he shall be known as **Sameer Kulisika** for all purposes.

**LOST**

This Notice is hereby given that my client Mrs. Nibedita Pattajoshi, W/O Pradipta Kumar Dash has lost Original Sale deed No- 10391008369 (Dt:31.08.2010), 10391008788 (Dt: 07.09.2010), 10391306237( Dt: 06.08.2013) and 40502104783 (Dt: 25.11.2021) Mouza-Adalia, Tahsil- Cuttack, Dist-Cuttack, State-Odisha. Also, lost the respective RORs having Khata No-686/447 (Saroj Kumar Swain), Khata No-686/447 (Sagar Sekhar Sahoo & Bibekananda Das), Khata No- 686/2630 (Smruti Ranjan Moharana) and Khata No-686/3446 (Tanushree Samal). Another GPA in favour of Nandita Das has lost somewhere in the same day while traveling from Polsara to Banapur. FIR (Complaint No- 24483002072600001) for the same has been lodged at Banapur Police Station on 21-02-2026. All Person / persons are hereby informed to put their claims or interest of objection about the said property or any part thereof, within 15 days along with the sufficient evidence from appearance of this notice. If those Sale Deed, RORs & GPA are found within 15 days, then the certified copy of the document obtained from the SRO will be considered as the original document.

Samir Kumar Paikaray (Advocate)
Bhubaneswar Court, Ph: 7008005419

**WANTED**

A well-established firm invites applications for the following positions:

1. **Senior Accountant - (1 No.)**
Experience : 10 yrs. above
2. **Junior Accountant - (1 No.)**
Experience : 2-5 yrs. above
3. **Supervisor - (2 Nos.)**
Experience : 2-5 yrs. above
4. **Sales Executive - (1 No.)**
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com

Contact
7978386707

ସକାଳ THE SAKALA



### ବିଜୁଳି ସମସ୍ୟା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ

# ଜିଲ୍ଲାରେ ଅନବରତ ବିଦ୍ୟୁତ୍ ଯୋଗାଣ ପାଇଁ ପ୍ରତିଶ୍ରୁତିବଦ୍ଧ

ନୂଆପଡ଼ା, ୨୨।୨(ସମିସ)

ନୂଆପଡ଼ା ଓ କୋମନା ବ୍ଲକରେ ବିଗତ କିଛି ଦିନ ହେଲା ପାୱାର କଟ୍ ଲାଗି ରହିଥିଲା। ଏହାକୁ ନେଇ ଲୋକେ ଅସ୍ତବ୍ୟସ୍ତ ଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ହସ୍ତକ୍ଷେପ ପରେ ଏଥିରେ ସୁଧାର ଆସିଛି। ଏହା ଓ.ପି.ଟି.ସି.ଏଲ ଗ୍ରୀଡ୍‌ରେ କ୍ଷମତା ଉନ୍ନତି ପାଇଁ ନିର୍ମାଣ କାମ ଆରମ୍ଭ ହେଲା। ନିକଟରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଭେରା ଠାରେ ଥିବା ୧୩୨/୩୩କେଭି ଗ୍ରୀଡ ପରିଦର୍ଶନ କରିଥିଲେ। ଦଶମ ବୋର୍ଡ ପରୀକ୍ଷା ସମୟରେ ନିରବଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସେ ପୂର୍ବରୁ ବିଦ୍ୟୁତ ଟ୍ରାନ୍ସଫର୍ମରକୁ କମିଶନିଂ ଏବଂ ଚାର୍ଜିଂ କାମ ଦ୍ରୁତ ଗତିରେ ସମ୍ପନ୍ନ କରିବା ପାଇଁ



ନୂଆପଡ଼ାର ଓପିଟିସିଏଲ ଡିଜିଏମ ଏବଂ ଟିପିଡବ୍ଲ୍ୟୁଓ ଡିଏଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗତ ୨୧ ତାରିଖ ରାତି ୮ ଘଣ୍ଟା ସମୟରେ ଗ୍ରୀଡ୍‌ରେ ୪୦ ଏମଭିଏ ଟ୍ରାନ୍ସଫର୍ମର ସଫଳତାର ସହିତ କାର୍ଯ୍ୟକ୍ଷମ କରାଯାଇଥିବା ବିଭାଗ ତରଫରୁ କୁହାଯାଇଛି। ଏହାପରେ ଚଳିତବର୍ଷ ଗ୍ରୀଷ୍ମ ସମୟରେ ନୂଆପଡ଼ା ଓ କୋମନା ବ୍ଲକରେ ବିଜୁଳି ସମସ୍ୟାର ସମାଧାନ ହୋଇ ପାରିବ ବୋଲି ଆଶା କରାଯାଉଛି। ଗ୍ରୀଷ୍ମ ଋତୁରେ ଜିଲ୍ଲାରେ ନିରବଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ ଜିଲ୍ଲାପାଳ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୁର୍ଲା ଜୋନ୍‌ର ସିନିୟର ଜି.ଏମ୍. ପ୍ରଦୀପ କୁମାର ସାହୁ, ବଲାଙ୍ଗିର ସର୍କଲ ଜି.ଏମ୍ କବିଚନ୍ଦ୍ର ପଟ୍ଟନାୟକ, ଗଜେରେ କର୍କେଟ୍ଟା, (ଡି.ଜି.ଏମ୍, ନୂଆପଡ଼ା), ବେଣୁଧର ପରିଡ଼ା (ଡି.ଜି.ଏମ୍, କେସିଙ୍ଗା) ଏବଂ ବେଣୁଧର ପ୍ରଧାନ (ଡି.ଜି.ଏମ୍‌ବୁର୍ଲା) ଙ୍କ ଉପସ୍ଥିତିରେ ନୂତନ ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ ହୋଇଛି। ଏଣୁ ଏଣିକି ଅଞ୍ଚଳରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ ବା ପାୱାର କଟ୍ ହେବନାହିଁ ବୋଲି ଜଣାପଡ଼ିଛି।

## ପୂର୍ବତନ ସମିତି ସଭ୍ୟଙ୍କ ପରଲୋକ



କୋଟପାଡ଼, ୨୨।୨ (ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ମୂର୍ତହାଣ୍ଡି ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ତଥା କଂଗ୍ରେସ ଦଳର ବରିଷ୍ଠ ନେତା ଜଗବନ୍ଧୁ ସମରଥଙ୍କ ପରଲୋକ ଘଟିଛି। ତାଙ୍କର ମୃତ୍ୟୁ ଖବର ଶୁଣି ପଡୋଶୀ ରାଜ୍ୟ ଛତିଶଗଡ଼ ସମେତ ଆଖପାଖ ଅଞ୍ଚଳର ବହୁ ଲୋକ ପହଞ୍ଚି ଥିଲେ। କଂଗ୍ରେସ ଦଳ ପକ୍ଷରୁ ଦଳୀୟ ପତାକା ଦେଇ ମର ଶରୀରକୁ ସମ୍ମାନିତ କରାଯାଇଥିଲା। କଂଗ୍ରେସ ବିଧାୟକ ପାର୍ଥ ଅନାମ ଦିଆନ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ଜିଲ୍ଲା ପରିଷଦ ସଭ୍ୟ ତ୍ରିପତି ଚାଲାଣ, ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ବାପୁନ ତ୍ରିପାଠି, ବରିଷ୍ଠ ନେତା ମୋନହର ବିଶୋଇ, ପ୍ରକାଶ ମହାନ୍ତି, ପ୍ରମୁଖ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ଜଗବନ୍ଧୁ ନିତ୍ୟକର୍ମ ସାରି ବିଶ୍ରାମ ନେବା ସମୟରେ ଛାତିରେ ଯନ୍ତ୍ରଣା ହେଉଥିବା ଅନୁଭବ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପରିବାର ଲୋକେ ସୂଚନା ପ୍ରଦାନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ ସହ ପରିବାର ଲୋକେ ଉପସ୍ଥିତ ଥିଲେ।

## ବାବା ଜଳେଶ୍ୱର ମନ୍ଦିରର ନୂତନ କମିଟି ଗଠିତ

ଭବାନୀପାଟଣା, ୨୨।୨(ସମିସ): ସ୍ଥାନୀୟ ନୂଆପଡ଼ା ୱାର୍ଡ ନମ୍ବର-୧ ସ୍ଥିତ ବାବା ଜଳେଶ୍ୱର ମନ୍ଦିରର ସୁପରିଚାଳନା ନିମନ୍ତେ ମନ୍ଦିର ପରିସରରେ ସଭାପତି ରାମଶଙ୍କର ଦାସଙ୍କ ସଭାପତିତ୍ୱରେ ଏକ ସାଧାରଣ ବୈଠକ ଓ କର୍ମକର୍ତ୍ତା ଚୟନ ହୋଇଯାଇଛି। ବୈଠକରେ ବାବା ଜଳେଶ୍ୱର ମନ୍ଦିରର ବିଭିନ୍ନ ବିଷୟରେ ଆଲୋଚନା ହେବା ସହିତ ଏକ ନୂତନ କମିଟି ଗଠନ କରି କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ରାମଶଙ୍କର ଦାସ, ଉପସଭାପତି ଭାବେ ତ୍ରିଲୋଚନ ମହାପାତ୍ର, ସଚ୍ଚିଦାନନ୍ଦ ସାହୁ, ସାଧାରଣ ସମ୍ପାଦକ ଭାବରେ ସତ୍ୟ ନାରାୟଣ ବିଷି ଯାଦବ, ଯୁଗ୍ମ ସମ୍ପାଦକ ଭାବରେ ରବୀନ୍ଦ୍ରଲାଲ ଯାଦବ, ଚିନ୍ମୟ ମିଶ୍ର, କୋଷାଧ୍ୟକ୍ଷ ଭାବେ ସତ୍ୟ ନାରାୟଣ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ ସଦସ୍ୟ ଭାବରେ ଦିଲିପ କୁମାର ମୁଣ୍ଡ, ଦୁଃଖିଶ୍ୟାମ ଥାନାପତି, ମହେନ୍ଦ୍ର ସାହୁ, ନବୀନ ମିଶ୍ର, ପ୍ରମୋଦ ବେହେରା, ପ୍ରସନ୍ନ କୁମାର ମିଶ୍ର, ବିଭୂତିଭୂଷଣ ମିଶ୍ର, ଅକ୍ଷୟ ମାଝୀ ଏବଂ ଉପଦେଷ୍ଟା କମିଟିର ସଭ୍ୟଭାବରେ ବିଭୂତିଭୂଷଣ ଦେଓ, ରବୀନ୍ଦ୍ର ଭୂଷଣ ସାହୁ, କୃଷ୍ଣାବତାର ଦେଓ, ଦୁର୍ଗାମାଧବ ପାଢ଼ୀ, ଲୋକନାଥ ସାହୁ, ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ସୂଚନାଯୋଗ୍ୟ ଯେ ପୂର୍ବରୁ ବିଗତ ୨୦୧୯ରେ କରୋନା ଲାଗି ରହିଥିଲା ସେହିବର୍ଷ ପୁରୁଣା କମିଟିର କର୍ମକର୍ତ୍ତାମାନଙ୍କର କାର୍ଯ୍ୟକାଳ ସମାପ୍ତି ହୋଇଯାଇଥିଲା। ସେହି ସମୟରେ କାର୍ଯ୍ୟକାରିଣୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସି ପୁଣି ଆସନ୍ତା ୨୦୨୫ ମସିହା ପର୍ଯ୍ୟନ୍ତ ସେହି କମିଟିକୁ ୫ ବର୍ଷ ପାଇଁ ସୁଚାରୁରୂପେ ଦାୟିତ୍ୱ ତୁଲାଇବା ପାଇଁ ସର୍ବସମ୍ମତିରେ ନିଷ୍ପତ୍ତି ନିଆଯାଇଥିଲା।

### ● ଜୟ କିଶାନ ୟୁଥ୍ କ୍ଲବ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଉଦ୍‌ଘାଟନୀ ମ୍ୟାଚରେ ଚାନ୍ଦୋପଲା ଚାମ୍ପିଅନ



ନୂଆପଡ଼ା, ୨୨।୨(ସମିସ): ପେଣ୍ଡରାବନ ପଞ୍ଚାୟତର ବାହାବଲ ଗ୍ରାମର ଜୟ କିଶାନ ୟୁଥ୍ କ୍ଲବ, ବାହାବଲ ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ସାମ୍ବାଦିକ ସଙ୍ଘ (ଜାନ)ସଭାପତି ତଥା 'ସକାଳ' ଜିଲ୍ଲା ପ୍ରତିନିଧି ଘନଶ୍ୟାମ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସ୍ଥାନୀୟ ସରପଞ୍ଚ ଗୋପାଳ ସିଂ ମାଝୀ ବିଶିଷ୍ଟ ଅତିଥି, ହରିଚନ୍ଦ୍ର ମାଝୀ, ହନୁ ମାଝୀ ନୀଳଚକ୍ର ମାଝୀ ଦେବ ବାଗ, ଶିକ୍ଷାବିତ ଶରତ କୁମାର ପଣ୍ଡା ଓ ସ୍ଥାନୀୟ ଗଣ୍ୟମାନ୍ୟ ବ୍ୟକ୍ତିବର୍ଗ ଉପସ୍ଥିତ ହୋଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍‌ର କାର୍ଯ୍ୟକାରୀ ସଭାପତି ନବୀନ ବାଗ ଅଭିଭାଷଣରେ କହିଥିଲେ ଯେ, ଏହି ପ୍ରତିଯୋଗିତାର ଲକ୍ଷ୍ୟ ହେଉଛି ଗ୍ରାମୀଣ ଯୁବମାନଙ୍କୁ କ୍ରୀଡ଼ାକ୍ଷେତ୍ରରେ ଆଗକୁ ଆଣିବା ଓ ଭାଇଚାରା ବୃଦ୍ଧି କରିବା। ଏହି ଅବସରରେ କ୍ଲବ୍‌ର ସମ୍ପାଦକ ଯୋଗୀନ୍ଦ୍ର ବାଗଙ୍କ ସହ ସମ୍ପାଦକ ସୀମାଞ୍ଚଳ ବାଗ, ଉପ ସଭାପତି ଉଦ୍ଧବ ପୋଢ଼, କ୍ରୀଡା ସମ୍ପାଦକ ସଶିପାଲ ବାଗ, ଟଙ୍କଧର ପୋଡ, ବଳଦେବ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ମ୍ୟାଚ ବୋଡା ଛାପର ଓ ଚାନ୍ଦୋପଲା ମଧ୍ୟରେ ହୋଇଥିଲା। ଚାନ୍ଦୋପଲା ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଉଇକେଟ ବିନିମୟରେ ୧୩୬ ରନ କରିଥିବାବେଳେ ବୋଡା ଛାପର ଦଳ ମାତ୍ର ୧୧୪ରନ ସବୁ ଉଇକେଟ ହରାଇଥିଲା। ଟୁର୍ଣ୍ଣାମେଣ୍ଟ ଆସନ୍ତା ମାସ ୧ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ଲବ୍ ସଭାପତି ରମେଶ ବାଗ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଜୟ କିଶାନ ୟୁଥ କ୍ଲବ, ବାହାବଲ ପକ୍ଷରୁ ସମସ୍ତ ଖେଳାଳି ଓ ଦର୍ଶକମାନଙ୍କୁ ଧନ୍ୟବାଦ ଜଣାଯାଇଛି।

### ଡଙ୍ଗରିଆ କନ୍ଧଙ୍କ ମେରିଆ ପର୍ବ

## ଗାଁରେ ରୋଗ ଦୂର ଓ ଭଲ ଫସଲ ପାଇଁ ପଶୁବଳି

ଲାଞ୍ଜିଗଡ଼, ୨୨।୨(ସମିସ): କଳାହାଣ୍ଡି ଜିଲ୍ଲାର ଆଦିମ ଜନଜାତି ଡଙ୍ଗରିଆ କନ୍ଧ ଯାହାଙ୍କର ନିଆରା ପରବ ହେଉଛି ମେରିଆ ପର୍ବ। ଚଳିତବର୍ଷ ଲହର ଶାନ୍ତିପୂର୍ଣ୍ଣ ଭାବେ ତରଙ୍ଗେଲ ଗାଁରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୧ ବର୍ଷ ପରେ ଅନୁଷ୍ଠିତ ଏହି ପର୍ବକୁ ନେଇ ଏହି ଅଞ୍ଚଳ ଉତ୍ସବ ମୁଖର ହୋଇଉଠିଥିଲା। ଆଉ ପାରମ୍ପାରିକ ନାଚଗୀତରେ ବାଦ୍ୟର ତାଳେ ତାଳେ ରାତିସାରା ଝୁମି ଉଠିଥିଲେ କନ୍ଧ ସମ୍ପ୍ରଦାୟର ଆବାଳ ବୃଦ୍ଧ ବନିତା। ନିଜର ଧରଣୀ ଦେବତା ଧରଣୀପେନୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ପାଳନ ହୁଏ ମେରିଆ ପର୍ବ। କେଉଁ ପୁରାତନ କାଳରୁ ଆଦିବାସୀ ମାନେ ନିଜର ଧରଣୀପେନୁ ତଥା ପ୍ରକୃତି ରାଣୀ ବଣ, ପାହାଡ଼, ଝରଣାକୁ ପୂଜାର୍ଚ୍ଚନା କରି ଆସୁଛନ୍ତି। ସେମାନେ ପୂର୍ବରୁ ପ୍ରକୃତ ପୂଜା ଉପରେ ବିଶ୍ୱାସ କରୁଥିବା ବେଳେ ବାର ମାସରେ ତେର ପର୍ବ ପାଳନ କରିଥାନ୍ତି। ଏଥିରୁ ଅନ୍ୟତମ ଆଦିବାସୀଙ୍କ ନିଆରା ପରମ୍ପରା ଟୋକି ପର୍ବ ଓ ମେରିଆ ପର୍ବ। ଉକ୍ତ ଅଞ୍ଚଳରେ ଏହି ପର୍ବକୁ ପୌଷମାସରେ ହିଁ ପାଳନ କରୁଥିବା ବେଳେ ଆଜି ୨୧ବର୍ଷ ପରେ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ବାଣପାହାଡ଼ ଘେରା ଲାଞ୍ଜିଗଡ଼ ବ୍ଲକ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ତରଙ୍ଗେଲ ଗାଁରେ। ଏହି ଟୋକି ମରା ପର୍ବ ତଥା ମେରିଆ ପର୍ବ ରବିବାର ଶାନ୍ତି ଶୃଙ୍ଖଳାର ସହିତ ଉଦ୍‌ଯାପିତ ହୋଇଯାଥିବା ବେଳେ ଏନେଇ ତରଙ୍ଗେଲ ଗାଁ ଉତ୍ସର୍ବ ମୁଖର ହୋଇଉଠିଛି। ଏହି ଅବସରରେ ଗାଁ ଧରଣୀପେନୁ ଦେବି ସମେତ ସମସ୍ତ ଦେବାଦେବୀଙ୍କ ଶକ୍ତି ପିଠ ଗୁଡ଼ିକରେ ରୀତିନୀତି ଅନୁଯାୟୀ ଆଦିବାସୀଙ୍କ ମନ୍ତ୍ର ପାଠରେ ପୂଜାର୍ଚ୍ଚନା କରାଯାଇଥିଲା। ଆଦିବାସୀଙ୍କ ବିଶ୍ୱାସ ଅଛି ଯେ ପୂର୍ବପୁରୁଷରୁ ରହି ଆସିଛି ଏହି ମେରିଆ ପର୍ବରେ ଗୃହପାଳିତ ପଶୁ ପକ୍ଷୀ ମାନଙ୍କୁ ବଳି ଦେବା ଦ୍ୱାରା ଗାଁର ରୋଗଶୋକ ଦୂର ହେବା ଶହ ପୋଡୁ ଚାଷ ତଥା କ୍ଷେତରେ ଭଲ ଫସଲ ଅମଳ ହୁଏ ବୋଲି। ଏନେଇ ମୁଖ୍ୟ ପୂଜକ ତଥା ଗାଁ ଯାନୀ ସୋମବାରୁ ମାଝୀ, ପାଠଯାନୀ, ସନା ମାଝୀ ସମେତ ଗାଁ ମୁଖିଆ ଶୁକ୍ରୁ ମାଝୀ ପୂଜାର୍ଚ୍ଚନା କରିଥିବାବେଳେ ଆଦିବାସୀଙ୍କ ମନ୍ତ୍ର ପାଠରେ ଅଞ୍ଚଳଟି ପ୍ରକମ୍ପିତ ହୋଇଥିଲା। ଆଦିବାସୀଙ୍କ ନିଶାନବିର ବାଦ୍ୟରେ ଗାଁଟି ଗର୍ଜିଉଠିଥିବା ବେଳେ ଆସିଥିବା ଅତିଥିମାନଙ୍କୁ ସନ୍ମାନର ସହିତ ଖଟିଆ ଉପରେ ବସାଇ କାନ୍ଦରେ ବୋହି ନାଚଗୀତରେ ନାଚିନାଚି ମନ୍ଦିର ବୋଡ଼ା ଚାରିପାର୍ଶରେ ପରିକ୍ରମା କରିବା ଏକ ନିହାର ପରମ୍ପରା ରହିଛି। ଏହି ମେରିଆ ପର୍ବରେ ରାଜୁ ମାଝୀ, ନବୀ ମାଝୀ, ପ୍ରଶାନ୍ତ ମାଝୀ, ଲାଚାନା ମାଝୀ, ଜୟ ମାଝୀ, ଜଗନ୍ନାଥ ମାଝୀ, ରବି ମାଝୀଙ୍କ ସମେତ ତରଙ୍ଗେଲ ଗାଁର ସମସ୍ତ ଯୁବ ଗୋଷ୍ଠି ସହଯୋଗ କରିଥିଲେ।



## ଚୋରି ମୋବାଇଲ ଉପଭୋକ୍ତାଙ୍କୁ ଫେରାଇଲା ପୁଲିସ



କେସିଙ୍ଗା, ୨୨।୨(ସମିସ): ସହରରେ ଦିନକୁ ଦିନ ମୋବାଇଲ ଚୋରି ବଢ଼ି ଚାଲିଥିବାବେଳେ ମୋବାଇଲ୍ ଚୋରି ରିପୋର୍ଟ ମଧ୍ୟ ପୁଲିସ ଷ୍ଟେସନରେ ମାଳମାଳ। କିଛି ଲୋକଙ୍କୁ ପୁଲିସର ସହାୟତାରେ ମୋବାଇଲ ଟ୍ରାକ କରି ମିଳୁଛି ତ କିଛି ମିଳୁନାହିଁ। ଜିଲ୍ଲା ପୁଲିସର ନିର୍ଦ୍ଦେଶ କ୍ରମେ କେସିଙ୍ଗା ପୁଲିସର ଟିମ୍ 'କବଚ' ଏକ ଅପରେସନ ଆରମ୍ଭ କରି ୧୦ ଜବତ ମୋବାଇଲକୁ ମାଲିକ ମାନଙ୍କୁ ଫେରାଇଛି। ସମସ୍ତ ମୋବାଇଲ ମାଲିକମାନଙ୍କୁ କେସିଙ୍ଗା ପୁଲିସଷ୍ଟେସନକୁ ଡକାଇ ଉପଯୁକ୍ତ ପ୍ରମାଣ ବଳରେ ମୋବାଇଲ ଫେରାଯାଇଛି। ମୋବାଇଲ ଫେରାଇବା ସମୟରେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ ମାଝୀ, ଥାନାଧିକାରୀ ଜୀତେନ୍ଦ୍ର ବିଶ୍ୱାଳଙ୍କ ସମେତ ଅରକ୍ଷିତ ମାଝୀ, ରାହାସ ବିହାରୀ ସାହା ଓ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଖରିଆର ମହୋତ୍ସବ ଉଦ୍‌ଘାଟିତ

# ମନ ମୋହିଲା ମହାରାଷ୍ଟ୍ର ଢୋଲ ଓ ନୃତ୍ୟ







ନୂଆପଡ଼ା, ୨୨।୨(ସମିସ): ନୂଆପଡ଼ା ଜିଲ୍ଲା ଖରିଆରରୋଡ ସହରରେ ଚାମ୍ବର ଅଫ୍ କମର୍ସ ଦ୍ୱାରା ଆୟୋଜିତ ଚାରିଦିନିଆ ଖରିଆର ରୋଡ୍ ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଥିଲା। ସନ୍ଧ୍ୟାରେ ଶ୍ରୀରାମ ମନ୍ଦିରରୁ ନବଜ୍ୟୋତି ବିଦ୍ୟାଳୟ ନିକଟସ୍ଥ ମେଳା ସ୍ଥାନ ପର୍ଯ୍ୟନ୍ତ ଏକ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଚାମ୍ବର ସଭାପତି ସନ୍ଦୀପ ଶର୍ମା ଏବଂ ସମ୍ପାଦକ ପ୍ରେମସାହୁଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ବ୍ୟବସାୟୀ ନେତା, ବିଭିନ୍ନ ସମ୍ପ୍ରଦାୟର ଅଧିକାରୀ ଏବଂ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ। ବହୁ ସଂଖ୍ୟକ ବାସିନ୍ଦା ମଶାଲ ଧରି ମେଳା ସ୍ଥାନଆଡ଼କୁ ଯାଉଥିବା ସମୟରେ ସଙ୍ଗୀତ ଏବଂ ଡିଜେ ସଙ୍ଗୀତରେ ନୃତ୍ୟ କରି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। କଳାକାରମାନେ ବାଟରେ ଆଦିବାସୀ ନୃତ୍ୟ ଏବଂ ରାଜସ୍ଥାନୀ ନୃତ୍ୟ ପରିବେଷଣ କରିଥିଲେ। ମହାରାଷ୍ଟ୍ର ଡୋଲ୍ ତାଶା ମଧ୍ୟ ଏକ ଆକର୍ଷଣୀୟ ଆକର୍ଷଣ ଥିଲା। ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ପୌରପାଳିକା ଅଧ୍ୟକ୍ଷା ଡ. ସୋନିଆ ଜୈନ, ସାଂସଦ ପ୍ରତିନିଧି ଗୋଲଡି ଅଗ୍ରୱାଲ, ଖଡ଼ିଆଳ ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ଆଦମ ଖାନ, ସମାଜସେବୀ ପ୍ରମିଳା ଶର୍ମା, ଧନୀରାମ ସାହୁ ଏବଂ ଅନ୍ୟମାନେ ସାମିଲ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଏକ ମହାନ ଆତସବାଜି ପ୍ରଦର୍ଶନ (ଅଗ୍ନି ପ୍ରଦର୍ଶନ) ଅନୁଷ୍ଠିତ ହୋଇଥିଲା। ମୀନା ବଜାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ପ୍ରଥମ ଦିନରୁ ଭିଡ଼ ଆସିବା ଆରମ୍ଭ ହୋଇଥିଲା।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ସଭା

କେସିଙ୍ଗା, ୨୨।୨(ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ଚାଞ୍ଚେର ଠାରେ କେସିଙ୍ଗା ପ୍ରାଥମିକଶିକ୍ଷକସଂଘଆନୁକୂଲ୍ୟରେବ୍ଲକସ୍ତରୀୟସମ୍ବର୍ଦ୍ଧନାସଭାଅନୁଷ୍ଠିତହୋଇଥିଲା। ଏଥିରେ ସୁରେନ୍ଦ୍ର କୁମାର ଦୋରା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ତପନ କୁମାର ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କଳାହାଣ୍ଡି ଜିଲ୍ଲାର ନୂତନ କର୍ମକର୍ତ୍ତା ଭାବେ ଜିଲ୍ଲା ସଭାପତି ପଦ୍ମଲୋଚନ ନାଏକ, ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ କୁମାର ନାୟକ ଓ ଜିଲ୍ଲା ଉପସଭାପତି ସୁରେନ୍ଦ୍ର କୁମାର ଦୋରାଙ୍କୁ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭାପତି ଧୀରେନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘର ସମସ୍ତ ୧୩ ଜଣ ଉପଦେଷ୍ଟା ଓ କର୍ମକର୍ତ୍ତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସଭାରେ ପ୍ରାୟ ୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସିଆରସିସି ଚନ୍ଦ୍ରଧ୍ୱଜ ନାଗ ଧନ୍ୟବାଦ୍ ପ୍ରଦାନ କରିଥିଲେ। ସିଆରସିସି ଗୋବିନ୍ଦ ବାଗ ଓ ଅବନୀ ରଞ୍ଜନ ପଧାନ ସଂଯୋଜନା କରିଥିଲେ।



### ମା' ଠାକୁରାଣୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଖୁଟ୍ଟୁଲୁଗୁଡ଼ାକୁ ହରାଇ କାଉଡୋଲା ଚାମ୍ପିଅନ

କୋକସରା, ୨୨।୨(ସମିସ)

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ବାବେକୋହରାସ୍ଥିତ ଖେଳପଡ଼ିଆଠାରେ ଚାଲିଥିବା ମା' ଠାକୁରାଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ରବିବାର ଅନୁଷ୍ଠିତ ହୋଇଛି। ଫାଇନାଲ ଖେଳଟି କାଉଡୋଲା ଓ ଖୁଟ୍ଟୁଲୁଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ କାଉଡୋଲା ଟିମ୍ ଚାମ୍ପିଅନ୍ ହୋଇଛି। କାଉଡୋଲା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ବିନିମୟରେ ୧୧୫ ରନ୍ ସଂଗ୍ରହ କରିଥିଲା। ୧୧୬ ରନ୍ ର ବିଜୟ ଲକ୍ଷ୍ୟନେଇ ଖୁଟ୍ଟୁଲୁଗୁଡା ଦଳ ପଡ଼ିଆକୁ ଓହ୍ଲାଇ ନିର୍ଦ୍ଧାରିତ ୧୨ ଓଭର ମଧ୍ୟରେ ୫ ଉଇକେଟ ବିନିମୟରେ ୧୦୩ ରନ୍ ସଂଗ୍ରହ କରିଥିଲା। ତେବେ ୧୨ ରନରେ କାଉଡୋଲା ଟିମ୍ ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଆମ୍ପିୟାର ସୁନୀଲ କୁମାର ଦାସ ଓ କାଳିଆ ବାରିକ ଖେଳ ପରିଚାଳନା କରିଥିଲେ। ସ୍କୋରର ସନ୍ତୋଷ ନାଏକ ରହିଥିବାବେଳେ ଖେଳର ଧାରାବିବରଣୀ ରମେଶ ବାରିକ, ଥବିରାମ ଦିପ ଓ ତୁଳସୀ ରାମ ବାଗ ପ୍ରଦାନ କରିଥିଲେ। ଫାଇନାଲ ଖେଳର ପୁରସ୍କାର ବିତରଣ ଉତ୍ସବରେ ଧର୍ମାନନ୍ଦ ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ତଥା ବରିଷ୍ଠ ଖେଳାଳି ନିଳାମ୍ବର ଦାସ ମୁଖ୍ୟ ବକ୍ତା, ସାମ୍ବାଦିକ ଜଗଦୀଶ ନାଏକ, ତୁଳାରାମ ନାଏକ, ପୂର୍ବତନ ନାଏବ ସରପଞ୍ଚ ଧନୁ ଦୁର୍ଗା, ଗଜୀନ୍ଦ୍ର ଭଁଏଷାଲ, ଭାସ୍କର ଭଁଏଷାଲ, ଭୁବନେଶ୍ୱର ନାଏକ, ଯୁଗଳ ଭଁଏଷାଲ, କ୍ଷମାନନ୍ଦ ତାଣ୍ଡି, କୈଳାସ ଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥିମାନଙ୍କ ଦ୍ୱାରା ଉଭୟ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା। କାଉଡୋଲା ଟିମ୍‌ର ସୁନିଲ ମାଝୀ ମ୍ୟାନ ଅଫ୍ ଦି ମ୍ୟାଚ ଓ ଖୁଟ୍ଟୁଲୁଗୁଡ଼ା ଟିମ୍‌ର ମାନସ ହାତୀ ମ୍ୟାନ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ। ଆୟୋଜକ କମିଟିର ଯୁଧିଷ୍ଠି ନାଏକ, ମହାନ୍ତି ନାଏକ, ବଣ୍ଟି ନାଏକ, ସନ୍ତୋଷ ନାଏକ, ଶକ୍ତି ଯୁଏଡ, ଜିତେଶ ନାଗ, ନିଲ ପଣ୍ଡିତ, ଅରୁଣ ପୁଝାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ବଟ ଗଣେଶ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



କୋରାପୁଟ,୨୨।୨(ସମିସ): କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ନିର୍ମିତ ବଟ ଗଣେଶଙ୍କ ଭବ୍ୟ ମନ୍ଦିର ମହାସମାରୋହରେ ପ୍ରତିଷ୍ଠା କାର୍ଯ୍ୟ ଉଦ୍‌ଯାପିତ ହୋଇଛି। ପ୍ରତିଷ୍ଠା ଉତ୍ସବର ଶେଷ ଦିନରେ ପ୍ରଥମେ ସକାଳୁ ସୂର୍ଯ୍ୟ ପୂଜା ଠାରୁ ଆରମ୍ଭ କରି ବିଗ୍ରହ ମାନଙ୍କର ନଗର ପରିକ୍ରମା, ମନ୍ଦିର ଚୁଡ଼ାରେ ଧ୍ୱଜ ଅଙ୍କୁଶ ସ୍ଥାପନ ଏବଂ ପାଶ୍ୱର୍ଦେବତା ସ୍ଥାପନ କରାଯାଇଥିଲା। ଏହାପରେ ଠାକୁରମାନଙ୍କ ତଥା ଶ୍ରୀବଟ ଗଣେଶ, ମା'ମହାଲକ୍ଷ୍ମୀ ଓ ମା' ସରସ୍ୱତୀଙ୍କୁ ମନ୍ଦିର ଭିତରେ ପ୍ରବେଶ କରାଯାଇଥିଲା। ଅଗ୍ରପୂଜ୍ୟ ଗଣେଶଙ୍କ ମନ୍ଦିର ବଟବୃକ୍ଷ ତଳେ ହୋଇ ଥିବାରୁ ଏହି ମନ୍ଦିରର ନାମ ବଟ ଗଣେଶ ରଖା ଯାଇଅଛି। ଚାରିଦିନ ଧରି ଚାଲିଥିବା ଏହି ଧାର୍ମିକ ଅନୁଷ୍ଠାନରେ ସ୍ଥାନୀୟ ଭକ୍ତମାନଙ୍କ ସହ ହଜାର ହଜାର ସନତାନୀଙ୍କ ଭାରି ଭିଡ଼ ଦେଖିବାକୁ ମିଳିଥିଲା। ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱରେ ଥିବା କମିଟିର ପ୍ରସନ୍ନ କୁମାର ନାୟକ, ନିତ୍ୟାନନ୍ଦ ଭତ୍ରା, ମନୋଜ ବାରିକ ଓ ଜଗନ୍ନାଥ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ୩୦ ଏକର ପାଳଗଦାରେ ନିଆଁ ଲାଗିଗଲା




କୁନ୍ଦୁରା,୨୨।୨(ସମିସ): କୁନ୍ଦୁରା ବ୍ଲକ୍ ଅନ୍ତର୍ଗତ ଘୁମର ଠାରେ ଏକ ଖଳାରେ ନିଆଁ ଲାଗି ଯିବାରୁ ୩୦ ଏକର ଜମିର ପାଳଗଦା ପୋଡ଼ି ସଂପୂର୍ଣ୍ଣ ପାଉଁଶ ହୋଇଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଘୁମର ପଞ୍ଚାୟତର ସରପଞ୍ଚ ରାମଚନ୍ଦ୍ର ବଣ୍ଡୁଆଙ୍କ ଜମିରେ ଧାନ ଅମଳ ପରେ ଗୋଟିଏ ଖଳାରେ ଗଦା କରି ରଖିଥିଲେ। କିନ୍ତୁ ଆଜି ସକାଳ ୧୦ଟା ବେଳେ କୌଣସି କାରଣରୁ ପାଳଗଦାରେ ନିଆଁ ଲାଗି ଯାଇଥିଲା। ଏହା ଦେଖିବା ପରେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ଏବଂ ବୈପାରିଗୁଡା ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀର ଓଆଇସି ଜୟକୃଷ୍ଣ ସ୍ୱାଇଁ, ଗାଡ଼ି ଚାଳକ ଅଚ୍ୟୁତ ଓରାମ, ଆଗ୍ନିକ ସତ୍ୟରାମ ନାୟକ, ସଚିନ ବାରିକ, ଆର୍. ଆର୍. ସ୍ୱାଇଁ, ବୃଷଭ ସାହୁ, ଗୋବର୍ଦ୍ଧନ ହିକିମ୍ ଏବଂ ରାଜେଶ ପ୍ରଧାନ ଦୁଇଟି ଦମକଳ ଗାଡ଼ି ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଗ୍ରାମବାସୀଙ୍କ ସହଯୋଗରେ ୩୦ ଏକର ପାଳଗଦାକୁ ତିନି ଘଣ୍ଟା ଧରି ଅକ୍ଲାନ୍ତ ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଏକ ଲକ୍ଷ ଟଙ୍କାର କ୍ଷୟକ୍ଷତିର ଆକଳନ କରାଯାଇଛି। ଅଗ୍ନିଶମ ବାହିନୀ ତୁରନ୍ତ ନିଆଁକୁ ଆୟତ୍ତ କରିବାରୁ ଅନ୍ୟ ଚାଷୀ ମାନଙ୍କ ପାଳଗଦା ନିଆଁ ଦାଉରୁ ରକ୍ଷା ପାଇଯାଇଛି।

## ମନ୍ଦିର ନବୀକରଣ ପାଇଁ ଚାଷୀ ଦେଲେ ୫ ଲକ୍ଷ ଟଙ୍କା



ଗୁଣୁପୁର, ୨୨।୨(ସମିସ): ଗୁଣୁପୁର ସହରର ମା' ଗ୍ରାମଦେବୀ ମନ୍ଦିରର ନବୀକରଣ କାର୍ଯ୍ୟ ଜାରି ରହିଛି। ପ୍ରାୟ ୧ କୋଟି ୫୦ ଲକ୍ଷ ଟଙ୍କା ଏହି ନିର୍ମାଣ କାର୍ଯ୍ୟରେ ଖର୍ଚ୍ଚ ହେବ ଆକଳନ କରାଯାଇଥିବା ନେଇ ସଭାପତି ଏସ୍ ବାବା ପ୍ରସାଦ କହିଛନ୍ତି। ଏହି ମନ୍ଦିର ସହର ବାସୀଙ୍କ ପାଇଁ ଏକ ମୁଖ୍ୟ ମନ୍ଦିର ଅଟେ। ତେଣୁ ଏହି ମନ୍ଦିରର ନିର୍ମାଣ ସକାଶେ ବହୁ ସାଧାରଣ ଲୋକେ ଆର୍ଥିକ ସହାୟତା କରିଥିବା ଦେଖିବାକୁ ମିଳିଛି। ଆଜି ଗୁଣୁପୁର ସହରର ପାଇକ ସାହିରେ ରହୁଥିବା ପନିଟି ବାଲାସା ଶ୍ରି ରାମୁଲୁ ନାମକ ଜଣେ ସାଧାରଣ ଚାଷୀ ମନ୍ଦିର ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ଦାନ କରିଛନ୍ତି। ଯାହାକି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଜଣେ ସାଧାରଣ ଚାଷୀ ଏତେ ଟଙ୍କା ଦେଇଥିବା ଘଟଣା ସୋସିଆଲ୍ ମିଡିଆର ଘୁରି ବୁଲିବା ପରେ ବହୁ ଲୋକେ ତାଙ୍କୁ ପ୍ରଶଂସା କରିଥିବା ଦେଖିବାକୁ ମିଳିଛି। ଶ୍ରୀ ରାମୁଲୁ ଏହି ଅର୍ଥ ଦାନ ସମୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଦାୟୀତ୍ୱରେ ଥିବା ଏସ୍ ବାବା ପ୍ରସାଦ, ଗୁଣୁପୁର ପୌର ଉପାଧକ୍ଷା ଶିବ ପ୍ରସାଦ ଗୋଡ଼, ଏ ନାଗୁ, କୋଣ୍ଡା ବାବୁ, ସାହି ବାସିନ୍ଦା ଓ ଶ୍ରୀରାମୁଲୁଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ।

# ଆତ୍ମସମର୍ପଣ କଲେ ଟପ୍ ମାଓନେତା ଦେବଜୀ ଓ ମଲ୍ଲା

ମାଲକାନଗିରି, ୨୨।୨(ସମିସ)

ମାଲକାନଗିରି ଜିଲ୍ଲା ପଡ଼ୋଶୀ ରାଜ୍ୟ ତେଲେଙ୍ଗାନା ରାଜ୍ୟରୁ ଆସିଛି ବଡ଼ ଖବର। ଭାରତୀୟ ମାଓବାଦୀ ସଂଗଠନର କେନ୍ଦ୍ରୀୟ କମିଟିର ଦୁଇ ବଡ଼ ମାଓ ନେତା ଦେବଜୀ ଏବଂ ମଲ୍ଲା ରାଜରେଡ୍ଡି ତେଲେଙ୍ଗାନା ପୁଲିସ ଏସ୍ଆଇବି ନିକଟରେ ଆତ୍ମସମର୍ପଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଦେଶର ନକ୍ସଲ ପ୍ରଭାବିତ ଅଞ୍ଚଳରେ ନକ୍ସଲ ମୁକ୍ତ ଅଭିଯାନ ପୂର୍ବ ନିର୍ଦ୍ଧାରିତ ସମୟସୀମା ମାର୍ଚ୍ଚ ୨୦୨୬ ପୂର୍ବରୁ ପ୍ରତିବନ୍ଧିତ ଭାରତୀୟ ମାଓବାଦୀ ସଂଗଠନକୁ ଶକ୍ତ ଝଟ୍‌କା ଲାଗିଛି। କେନ୍ଦ୍ରୀୟ ନକ୍ସଲ ସଂଗଠନର ସାଧାରଣ ସମ୍ପାଦକ ଦେବଜୀ ଓରଫ ଟିପରି ତିରୁପତି , କେନ୍ଦ୍ରୀୟ କମିଟି ସଦସ୍ୟ



ମଲ୍ଲା ରାଜରେଡ୍ଡି ଏବଂ ସଂଗ୍ରାମଙ୍କ ଅନ୍ୟ ୧୩ ଜଣ ହାର୍ଡକୋର ନକ୍ସଲ ସମେତ ମୋଟ ୧୬ ଜଣ ମାଓବାଦୀ ତେଲେଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିବାର ସୂଚନା ମିଳିଛି। ଗତ କିଛି ଦିନ ପୂର୍ବରୁ କେବଳ ଦେବଜୀ ଏବଂ ରାଜରେଡ୍ଡିଙ୍କୁ ଟାର୍ଗେଟ କରି ଅପରେସନ କାଗାର -୨ ଆରମ୍ଭ କରାଯାଇଥିଲା। ଅପରେସନ ଏବେ ସଫଳ ହେବାକୁ ଯାଉଛି। ଏହି ଅପରେସନ ମାଧ୍ୟମରେ ଦେଶର ସବୁଠାରୁ ବଡ଼ ମାଓବାଦୀ ମାନେ ଆତ୍ମସମର୍ପଣ କରିବାକୁ ଯାଉଛନ୍ତି। ଆଗାମୀ ଦୁଇ ଦିନ ମଧ୍ୟରେ ଆତ୍ମ ସମର୍ପଣ କରିଥିବା ଦୁଇ କେନ୍ଦ୍ରୀୟ କମିଟି ସଦସ୍ୟ ଗଣମାଧ୍ୟମ ସମ୍ମୁଖକୁ ଆସିବାର କାର୍ଯ୍ୟକ୍ରମ ରହିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଦଶମନ୍ତପୁର ବ୍ଲକ୍ ମହକୁମାରେ ବସ୍‌ଷ୍ଟାଣ୍ଡ କେବେ?

ପୋଡ଼ାଗଡ଼,୨୨।୨(ସମିସ): ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ସୁଦ୍ଧା ଅନେକ ବ୍ଲକ୍ ମହକୁମାରେ ବସ୍‌ଷ୍ଟାଣ୍ଡ ହୋଇପାରୁ ନାହିଁ। ବସ ଷ୍ଟାଣ୍ଡ ନଥିବାରୁ ଅନେକ ସମୟରେ ଯାତ୍ରୀ ମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ସଦର ମହକୁମା ଠାରେ। ସଦର ମହକୁମାରେ ଦିନକୁ ହଜାରରୁ ଅଧିକ ଯାତ୍ରୀ କୋରାପୁଟ ଲକ୍ଷ୍ମୀପୁର କାଶୀପୁର, ଏପରିକି ରାୟଗଡ଼ା ନିମନ୍ତେ ଅନେକ ଯାତ୍ରୀ ବସ ଯୋଗେ ଯାଇଥାନ୍ତି। ଏହି ବ୍ଲକ ସଦର ମହକୁମାରେ ପ୍ରାୟ ୮ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ଯେହେତୁ ଲକ୍ଷ୍ମୀ ବସ ବା ମୁଖ୍ୟମନ୍ତ୍ରୀ ବସ ଯୋଗେ ପଞ୍ଚାୟତରୁ ବ୍ଲକକୁ ଆସିଥାନ୍ତି। କିନ୍ତୁ ଏଠାରେ କୌଣସି ବସଷ୍ଟାଣ୍ଡ ସୁବିଧା ନଥିବାରୁ ବ୍ଲକ ପ୍ରାଶ୍ୱର୍ରେ ଥିବା ଦୋକାନ କିମ୍ବା ଗଛ ମୂଳରେ ବସ ଅପେକ୍ଷାରେ ବାସି ରୁହନ୍ତି। ଗ୍ରୀଷ୍ମ ଋତୁ କିମ୍ବା ଶୀତ ଋତୁରେ ଯେମିତି ସେମିତି ଦୋକାନ ବାରଣ୍ଡା କିମ୍ବା ଗଛ ମୂଳରେ ରହି ଯାଆନ୍ତି। କିନ୍ତୁ ବର୍ଷା ଋତୁରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁଅ ପିଲା ଚଳି ଯିବ। କିନ୍ତୁ ମହିଳା ମାନଙ୍କୁ ଅନେକ ସମୟରେ ବାତ୍ରୁମ୍ ଲାଗିଲେ ବସ ରହିବା ସ୍ଥାନରୁ ପ୍ରାୟ ୫୦୦ମିଟରରୁ ଦୂର୍ର ନାଳକୁ ଯିବାକୁ ପଡୁଛି। ଏହା ସତ୍ତ୍ୱେ ଅନେକ ସମୟରେ ଅସାମାଜିକ ବ୍ୟକ୍ତିମାନେ ଯାତ୍ରୀ ମାନଙ୍କୁ ଅନେକ କମେଣ୍ଟ କରୁଥିବା ମଧ୍ୟ ସ୍ଥାନୀୟ ଲୋକ କହିଛନ୍ତି। ଅନ୍ୟ ଆଡ଼େ ଯଦି ଦେଖିବା ତାହେଲେ ଗତ ଦିନମାନଙ୍କରେ ଲମତା ପୁଟ ସେମିଲି ଗୁଡା ଏହିପରି ଅନେକ ବ୍ଲକ ସଦର ମହକୁମା ମାନଙ୍କରେ ବସ ଷ୍ଟାଣ୍ଡ ନିର୍ମିତ ହେଇଥିବା ବେଳେ ଦଶାମନ୍ତ ପୁର ବ୍ଲକ ରେ କେବେ ହେବବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଆମେ ବରିଷ୍ଟ ବିଜେଡି ନେତା ତଥା ବିଜେଡିଜିଲ୍ଲା ଉପ ସଭାପତି ନାରାୟଣ ବିଶଇ ଙ୍କୁ କହି ଛନ୍ତି କି ଗତ ସରକାର ଦଶମନ୍ତପୁର ବ୍ଲକରେ ବସଷ୍ଟାଣ୍ଡ ନିର୍ମିତ ପାଇଁ ପଇସା ସେକ୍ସନ କରିଥିଲେ। କିନ୍ତୁ ଏବର ସରକାରଙ୍କ ଉଦାସୀନତା ହେତୁ ବସ ଷ୍ଟାଣ୍ଡ ନିର୍ମିତ ଯାଇପାରୁ ନାହିଁ କିନ୍ତୁ ଏହା ଟେଣ୍ଡର ପ୍ରକ୍ରିୟା ରେ ରହିଥିବା କହି ଛନ୍ତି। ଏହା ମଧ୍ୟ କହିଛନ୍ତି କି ଜାଗା ଚିହ୍ନଟ ହଇ ସାରିଥିବା ମଧ୍ୟ କହିଛନ୍ତି। ଅନ୍ୟ ଆଡ଼େ ବରିଷ୍ଟ କଂଗ୍ରେସ ନେତା ତଥା ପୂର୍ବତନ ଜିଲ୍ଲା ପରିଷଦ ରମାକାନ୍ତ ଦଳେଇ କହିଛନ୍ତି କି ଅତିଶୀଘ୍ର ଦଶମନ୍ତପୁରରେ ନୂତନ ବସ ଷ୍ଟାଣ୍ଡ ହେବ ଜାଗା ଚିହ୍ନଟ ହେଇଛି ଚନ୍ଦନ । ଶ୍ରୀ କ୍ଷେତ୍ର ନିକଟରେ ବଲି କହିଛନ୍ତି। ଦେଖିବାକୁ ରହିଲା ଦଶମନ୍ତପୁର ବ୍ଲକ ସଦର ମହକୁମାରେ ବସ ଷ୍ଟାଣ୍ଡ କେବେ ନିର୍ମିତ ହେଉଛି ଓ ଯାତ୍ରୀ ଉପକୃତ ହେବେ ତାହା ଦେଖିବାକୁ ରହିଲା।

## କେନ୍ଦୁପୁଟ ବିଦ୍ୟାଳୟରେ ନାହିଁ ଶୌଚାଳୟ ଶ୍ରେଣୀଗୃହ



ବୈପାରୀଗୁଡ଼ା,୨୨।୨(ସମିସ): ଯୋଜନା ପରେ ଯୋଜନା ହେଉଛି, ତଥାପି ସରକାରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସଜଡ଼ା ହୋଇପାରୁନାହିଁ। ୧୯୭୦ ମସିହାରେ ସ୍ଥାପନ କରାଯାଇଥିବା ସର୍ବ ପୁରାତନ ବିଦ୍ୟାଳୟ ଅବ୍ୟବସ୍ଥା ଯୋଗୁଁ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବାଧକ ସାଜୁଛି। ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି। ବର୍ଷକୁ ବର୍ଷ ସରକାରୀ ବିଦ୍ୟାଳୟଗୁଡ଼ିକର ସ୍ଥିତି ଖରାପ ହେଉଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ର ଘରୋଇ ବିଦ୍ୟାଳୟମୁହାଁ ହେଉଛନ୍ତି। ଛାତ୍ରଛାତ୍ରୀଙ୍କ ଲାଗି ନା ଅଛି ଶ୍ରେଣୀଗୃହ ନା ଶୌଚାଳୟ। ଏଭଳି ଚିତ୍ର ବୈପାରୀଗୁଡା ବ୍ଲକ କାଠପୋଡ଼ା ପଞ୍ଚାୟତର କେନ୍ଦୁପୁଟ ପ୍ରାଥମିକ ବିଦ୍ୟାଳୟ ଠାରେ ଦେଖିବାକୁ ମିଳିଛି। କେନ୍ଦୁପୁଟ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥା ରହିଥିବା ବେଳେ ଶ୍ରେଣୀକୋଠାରୀ ଅଭାବ ସାଙ୍ଗକୁ ଶୌଚାଳୟ ମଧ୍ୟ ନାହିଁ। ବିଦ୍ୟାଳୟ ର ମୋଟ ୮୫ ପିଲା ପଢୁଥିବା ବେଳେ କେବଳ ୪୫ ଜଣ ଛାତ୍ରୀ ଏଠାରେ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟରେ ଶୌଚାଳୟ ନ ଥିବା ଯୋଗୁଁ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଛାତ୍ରୀଛାତ୍ର ବାହାରେ ଶୌଚ କରିବାକୁ ବାଧ ହେଉଛନ୍ତି। ଏଠାରେ ସ୍ୱଚ୍ଛ ଭାରତ ମିଶନ ଏକ ପ୍ରକାର ଫେଲ୍ ମାରିଛି । ବିଦ୍ୟାଳୟରେ ପିଲାଙ୍କୁ ପାଠ ପଢାଇବା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀ ୩ ଜଣ ଅଛନ୍ତି । କିନ୍ତୁ ଶ୍ରେଣୀ ଗୃହ ଅଭାବ ଯୋଗୁଁ ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଗୋଟିଏ ଶ୍ରେଣୀଗୃହରେ ୩ଟି ଶ୍ରେଣୀ ପିଲା ପାଠ ପଢ଼ାଯାଉଥିବା ବେଳେ ବଳକା ଛାତ୍ରୀଛାତ୍ର ବାରଣ୍ଡାରେ ବସୁଛନ୍ତି। ସେହିପରି କାର୍ଯ୍ୟାଳୟ ନ ଥିବାରୁ ବାରଣ୍ଡାରେ ଚାଲିଛି ସ୍କୁଲ କାର୍ଯ୍ୟାଳୟ। ଏନେଇ ବହୁବାର ଅଭିଯୋଗ କରାଯାଇଛି । କିନ୍ତୁ ଫଳ ଶୂନ ବୋଲି ପ୍ରକାଶ କରିଛନ୍ତି ପ୍ରଧାନ ଶିକ୍ଷକ ଏସ ଶ୍ରୀଧର ରାଓ। କେନ୍ଦୁପୁଟ ବିଦ୍ୟାଳୟ ଭିତିଭୂମି ଅଭାବ ଯୋଗୁଁ ଏସବୁ ଯେପରି କାଗଜ କଲମରେ ସୀମିତ ରହିଛି ବୋଲି ବୁଦ୍ଧିଜୀବୀ ମହାଲରେ ପ୍ରକାଶ ପାଇଛି।

## କାଶୀପୁରରେ ବଜରଙ୍ଗ ଦଳ ବୈଠକ
### ନୂତନ ଦାୟିତ୍ୱ ଘୋଷଣା



ରାୟଗଡ଼ା/କାଶୀପୁର,୨୨।୨(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ବାଲିଗୁଡା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଆଜି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସଂଗଠନକୁ ସୁଦୃଢ଼ କରିବା, ହିନ୍ଦୁ ସମାଜକୁ ସଂଗଠିତ କରିବା ଓ ସ୍ଥାନୀୟ ସ୍ତରରେ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ କରିବା ନେଇ ଆଲୋଚନା ହୋଇଥିଲା। ସେଥିସହ କାଶୀପୁର ବ୍ଲକ ଓ କାଶୀପୁର ପଞ୍ଚାୟତ ପାଇଁ ବଜରଙ୍ଗ ଦଳର ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦାୟିତ୍ୱ ଘୋଷଣା କରାଗଲା। ନୂତନ ଦାୟିତ୍ୱପ୍ରାପ୍ତ ଭାବେ ଟିକିରି ପଞ୍ଚାୟତ ପାଇଁ ବିଶ୍ୱହିନ୍ଦୁ ପରିଷଦ ସଭାପତି ଭାବେ ପ୍ରଫୁଲ ବେହେରା, ବଜରଙ୍ଗ ଦଳ କାଶୀପୁର ବ୍ଲକ ସହ ସଂଯୋଜକ ଜିତେନ୍ଦ୍ର ବେହେରା , କାଶୀପୁର ପଞ୍ଚାୟତ ସଂଯୋଜକ ପବିତ୍ର ବେହେରା, ସହ-ସଂଯୋଜକ ବାଦଲ କୁମାର ଖୁଣ୍ଟିଆ, ମିଳନ କେନ୍ଦ୍ର ପ୍ରମୁଖ କାର୍ତ୍ତିକ ମାଝୀ, ସୁରକ୍ଷା ପ୍ରମୁଖ: ଶୁଭମ ଖୁଣ୍ଟିଆ,ଗୋ ସୁରକ୍ଷା ପ୍ରମୁଖ ପବନ ଗୌଡ଼,ବଳ ଉପାସନା ପ୍ରମୁଖ, କିସାନ ଗୁରୁ,ବିଦ୍ୟାର୍ଥ ପ୍ରମୁଖ, ଇଶ୍ୱର ପୂଜାରୀ ଏହି ବୈଠକରେ ବିଶ୍ୱହିନ୍ଦୁ ପରିଷଦ ଜିଲ୍ଲା ସଂପାଦକ କୁନା ରମେଶ, ଜିଲ୍ଲା ସହ-ସଂପାଦକ ଗୋପୀନାଥ ବ୍ରହ୍ମା, ବଜରଙ୍ଗ ଦଳ ଜିଲ୍ଲା ସହ-ସଂଯୋଜକ ଶସ୍ୟଜ୍ୟୋତି ବେହେରା,ବଜରଙ୍ଗ ଦଳ ବିଭାଗ ସଂଯୋଜକ ଇ.ଶକ୍ତି ଧରଣ, ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ମାନସ ଦାସ , ବଜରଙ୍ଗ ଦଳ କାଶୀପୁର ବ୍ଲକ ସଂଯୋଜକ ନ.କିରଣ, ବିଶ୍ୱହିନ୍ଦୁ ପରିଷଦ କାଶୀପୁର ବ୍ଲକ ସଭାପତି ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ନୂତନ କାର୍ଯ୍ୟକର୍ତ୍ତାମାନଙ୍କୁ ସଂଗଠନର ଦାୟିତ୍ୱ ଓ ଲକ୍ଷ୍ୟ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ବୈଠକଟି ହିନ୍ଦୁ ସମାଜର ସେବା ଓ ସଂଗଠନର ସୁଦୃଢତା ପାଇଁ ସଙ୍କଳ୍ପ ସହ ସଫଳତାର ସହିତ ସମାପ୍ତ ହୋଇଥିଲା।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ କୋଠା ଉଦ୍‌ଘାଟିତ



ଗୁଣପୁର,୨୨।୨(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି। ଗୁଣପୁର ସହରର ଜଗନ୍ନାଥ ନଗର ସ୍ଥିତ ଦ୍ୱିତୀୟ ଗଳିରେ ନୂତନ କୋଠା ଉଦ୍‌ଘାଟନ ଉତ୍ସବ ହୋଇଥିଲା। ରବିବାର ରାଜଯୋଗିନୀ ବ୍ରହ୍ମକୁମାରୀ ଭିନା ଦିଦି (ଗୀତାଜ୍ଞାନ ବିଦୁଷୀ) ଙ୍କ କରକମଳରେ ଏହା ଉଦଘାଟନ ହୋଇଥିଲା। ପ୍ରଥମେ ଶାନ୍ତି ଯାତ୍ରା ହୋଇଥିଲା। ମଞ୍ଚରେ ରାଜ ଯୋଗୀନୀ ଭି.କେ.ବିନା ଦିଦି ମୁଖ୍ୟବକ୍ତା ଭାବେ ଯୋଗଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ଗୁଣୁପୁରର ପୂର୍ବତନ ବିଧାୟକ ରଘୁନାଥ ଗମାଙ୍ଗ ମଞ୍ଚାସିନ ଥିଲେ। ରାଜ ଯୋଗୀନୀ ଭୀନା ତାଙ୍କ ବକ୍ତବ୍ୟରେ ଏହି ଅନୁଷ୍ଠାନ ବର୍ତ୍ତମାନ ୯୦ ବର୍ଷରେ ପହଞ୍ଚି ଥିବା ବେଳେ ବିଶ୍ୱର ୧୪୦ ଦେଶରେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଚାଲୁ ରହିଥିବା କହିଥିଲେ। ଏକତା, ବିଶ୍ୱସନୀତାରେ ସମରସତା ସୃଷ୍ଟି ହୋଇଥାଏ। ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ମହିଳା ମାନଙ୍କର ନେତୃତ୍ୱ ନେଇଥାନ୍ତି। ଏଠାରେ ମହିଳା ମାନେ ଗୁରୁମାତା। ମନୁଷ୍ୟକୁ ଯେତେ ଆଧାକିକ ବାଦୀ କରି ପାରିବା ସେତିକି ବିକାଶ ହୋଇପାରିବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଅକ୍ଷର ଜ୍ଞାନ ସ୍ହ ଆହଜ୍ଞାନ ଦେବା ଅନୁଷ୍ଠାନର ଲକ୍ଷ୍ୟ। ଏକତା, ସଶକ୍ତ ଏବଂ ଶକ୍ତିଶାଳୀ କରିବା ଲକ୍ଷ୍ୟ ହେଉଛି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟ ବୋଲି ମତ ରଖିଥିଲେ। ଜଣେ ଅନ୍ୟ ଜଣେ ପ୍ରତି ବିଶ୍ୱସନୀୟତା ହରାଉଥିବାରୁ ସମାଜରେ ବିଶୃଙ୍ଖଳା ଦେଖାଦେଇଛି। ତେଣୁ ସମସ୍ତେ ଏ ଦିଗରେ ସଚେତନ ହେବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଅନ୍ୟ ବ୍ରହ୍ମକୁମାରୀ ମାନଙ୍କ ଦ୍ୱାରା ମତ ପ୍ରକାଶ ପାଇଥିଲା। ରାଜଯୋଗିନୀ ଶ୍ରୀମନ୍ଦି ରାଜଯୋଗୀନି ରୀତା ସମୁଖ ମଧ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ସଂଧ୍ୟାରେ ହୋଇଥିବା ଗୀତା ପ୍ରବଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌର ପରିଷଦର ଅଧକ୍ଷା ମମତା ଗୌଡ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜଯୋଗୀନୀ ସୁମତି, ରାଜ ଯୋଗୀନି ଜୟନ୍ତୀ, ରାଜଯୋଗିନି ଶଶୀ ପ୍ରମୁଖ ଉପସ୍ଥିତ ଥିଲେ। ଗୁଣପୁର ଅଞ୍ଚଳର ସମସ୍ତ ବ୍ରହ୍ମକୁମାରୀ ଏବଂ ବ୍ରହ୍ମାକୁମାର ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ହଯୋଗ କରିଥିଲେ।

## ଆସନାରେ ପ୍ରଥମ ଭତ୍ତା ପ୍ରଦାନ



କୁନ୍ଦୁରା, ୨୨।୨(ସମିସ): କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆସନା ପଞ୍ଚାୟତର ଆସନା ଗାଁରେ ପ୍ରଥମ କରି ଭତ୍ତା ପ୍ରଦାନ ଆରମ୍ଭ ହେଲା । ବ୍ଲକ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ଅଞ୍ଚଳବାସୀ । ପୂର୍ବରୁ ଆଠ କିଲୋମିଟର ଦୂରରେ ତଥା ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଉଡୁଲୁଗୁଡା ଠାରେ ଭତ୍ତା ପ୍ରଦାନ କରାଯାଉଥିଲା । ଫଳରେ ଅଞ୍ଚବାସୀଙ୍କୁ ଯାତାୟାତ ପାଇଁ ଅସୁବିଧା ସମ୍ମୁଖୀନ ହେବାକୁ ପଡୁଥିଲା। ଏନେଇ ଅଞ୍ଚଳବାସୀଙ୍କ ବହୁବାର ଅଭିଯୋଗ ପରେ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଆସନା ଠାରେ ଗତକାଲି ଠାରୁ ଭତ୍ତା ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ କରିଛି । ସୂଚନା ଥାଉକି, ଆସନା ହେଉଛି ଏହି ପଞ୍ଚାୟତର ମଝି ଗାଁ, ଏଠାରେ ଭତ୍ତା ପ୍ରଦାନ କରାଯିବାରୁ ପୂର୍ବରୁ ୭,୮ କିମି ଦୂର ଯିବା ପରିବର୍ତ୍ତେ ୧,୨ କିମି ଭିତରେ ହିତାଧିକାରୀ ଭତ୍ତା ପାଇପାରିଛନ୍ତି । ଏ ନେଇ ହିତାଧିକାରୀ ମାନେ ଖୁସିବ୍ୟକ୍ତ କରିଛନ୍ତି ଓ ଭତ୍ତା ଭଳି ପିଡିଏସ୍ ସମାଗ୍ରୀ ବଣ୍ଟନ ପାଇଁ ମଧ୍ୟ ଦାବି ରହିଛି । ଆଗାମୀ ଦିନରେ ଏଠାରେ ପିଡିଏସ୍ ସମାଗ୍ରୀ ବଣ୍ଟନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଡିଓ କହିଛନ୍ତି ଓ ତେଣୁ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଛନ୍ତି । ପଞ୍ଚାୟତରେ ସମୁଦାୟ ୨୧ ଖଣ୍ଡ ଗାଁ ରହିଛି ସେଥିରୁ ଆସନା ଠାରେ ପ୍ରାୟ ୧୫ ଖଣ୍ଡ ଗାଁରୁ ପ୍ରାୟ ୧୮୦ ଏବଂ ଉଦଳଗୁଡ଼ା ଠାରୁ ୬ ଖଣ୍ଡ ଗାଁରୁ ପ୍ରାୟ ୭୦ ସମୁଦାୟ ପ୍ରାୟ ୨୫୦ ହିତାଧିକାରୀଙ୍କୁ ଆଜି ଭତ୍ତା ପ୍ରଦାନ କରାଯାଇ ଥିବା ସୂଚନା ଦେଇଛନ୍ତି ପିଇଓ । ଭତ୍ତା ବଣ୍ଟନ ସମୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସମେତ ପିଇଓ ଗୌରାଙ୍ଗ ଚରଣ ମାଝୀ,ଜିଆରଏସ୍ ସୁଶାନ୍ତ ମାଣ୍ଡିଙ୍ଗା,ନାଏବ ସରପଞ୍ଚ ରାମସିଂ ଗୌଡ, ୱାର୍ଡ ସଭ୍ୟ ଲକ୍ଷଣ ଖିଲ, ଧନପତି ସାନ୍ତା,ୱାର୍ଡ ସଭ୍ୟା ସୁବାଇ ଉଦଳବାଡ଼ିଆ, କୁସୁମାକମାର ଏବଂ ବିମଳା ନାୟକ , ସାମ୍ବାଦିକ ସଂଘ ସଭାପତି ସନ୍ତୋଷ କୁମାର ପ୍ରହରାଜ ଓ ସୁରେନ୍ଦ୍ର ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଡିଏମ୍‌ଏଫ୍ ପାଣ୍ଠିରେ ଜିଲ୍ଲାରେ ୨୪୪.୬୬କୋଟି ଟଙ୍କା ସଂଗୃହୀତ

ରାୟଗଡ଼ା,୨୨।୨(ସମିସ)

ଯୋଜନା ଓ ସଂଯୋଜନା ବିଭାଗ ତରଫରୁ ପ୍ରାପ୍ତ ତଥ୍ୟ ଅନୁସାରେ ରାୟଗଡ଼ା ଜିଲ୍ଲାରେ ବିଗତ ୫ ବର୍ଷ (୨୦୨୦-୨୧ ରୁ ୨୦୨୪-୨୫) ମଧ୍ୟରେ ମୋଟ ୨୪୪.୬୬କୋଟି ଟଙ୍କା ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ) ସଂଗୃହିତ ହୋଇଛି ଏବଂ ଏଯାବତ୍ ସଂଗୃହିତ ପାଣ୍ଠିରୁ ୨୯୭.୫୨କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ପାଇଁ ମଂଜୁରୀ ପାଇଥିବା ବେଳେ ଏଥି ମଧ୍ୟରୁ ୨୧୨.୪୦କୋଟି ଟଙ୍କା ବିଭିନ୍ନ ପ୍ରକଳ୍ପ ପାଇଁ ଖର୍ଚ୍ଚ ହୋଇଥିବା ନେଇ ରାୟଗଡା ବିଧାୟକ କାଡ୍ରକା ଆପଲାସ୍ୱାମୀଙ୍କ ଅଣତାରକା ପ୍ରଶ୍ନ ସଂଖ୍ୟା ୫୧୮/୧୯/୨/୨୦୨୬ର ଉତ୍ତରରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତିଭୂଷଣ ଜେନା ଉପସ୍ଥାପନା କରିଥିଲେ। ସଂଗୃହୀତ ହୋଇଥିବା ପାଣ୍ଠିର ବର୍ଷୱାରୀ ଓ ଖଣିୱାରୀ ତଥ୍ୟ ବିଧାୟକଙ୍କୁ ପ୍ରଦାନ କରାଯାଇଛି। ରାୟଗଡ଼ା ବିଧାୟକ ଶ୍ରୀ କାଡ୍ରକା ଶିଳ୍ପ ସମୃଦ୍ଧ ରାୟଗଡା ଜିଲ୍ଲାକୁ ଗତ ୫ବର୍ଷରେ କେତେ ଜିଲ୍ଲା ଖଣିଜ ପାଣ୍ଠି ସଂଗୃହିତ ହୋଇଛି, ବର୍ତ୍ତମାନ ସୁଦ୍ଧା ସଂଗୃହିତ ମୋଟ ପାଣ୍ଠିରୁ କେତେ ଅର୍ଥ ବିଭିନ୍ନ ପ୍ରକଳ୍ପ ପାଇଁ ମଞ୍ଜୁର କରାଯାଇଛି ଏବଂ ବାସ୍ତବରେ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ବୋଲି ପ୍ରଶ୍ନରେ ଉଲ୍ଲେଖ କରିବା ସହ ଡିଏମ୍‌ଏଫ ପାଣ୍ଠି ଅଧିନରେ ଜିଲ୍ଲାରେ କେତୋଟି ପ୍ରକଳ୍ପ ହାତକୁ ନିଆଯାଇଥିଲା, ସେଥିମଧ୍ୟରୁ କେତୋଟି ସଂପୂର୍ଣ୍ଣ ହୋଇଛି ଏବଂ ଅଧାରେ ପଡିଥିବା ପ୍ରକଳ୍ପଗୁଡିକର

- **ଏଯାବତ ଅଡିଟ୍ ହୋଇନି: ଇସ୍ପାତ ଓ ଖଣି ମନ୍ତ୍ରୀ**
- **୩ ବର୍ଷ ହେଲା ଖର୍ଚ୍ଚ ହୋଇନି ଡିଏମଏଫ ପାଣ୍ଠି : ବିଧାୟକ**

ସଂଖ୍ୟା କେତେ ଏବଂ ଏହାର ବିଳମ୍ବ ପାଇଁ କେଉଁ କେଉଁ ବିଭାଗ ଦାୟୀ ରହିବେ ଓ ଡିଏମଏଫ ପାଣ୍ଠିର ବ୍ୟବହାର ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ଶେଷ ଥର ପାଇଁ କେବେ ଅଡିଟ୍ କରାଯାଇଥିଲା ବୋଲି ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଯାହାର ଉତରରେ ମନ୍ତ୍ରୀ ଶ୍ରୀ ଜେନା ଡିଏମ୍‌ଏଫ ପାଣ୍ଠି ଅଧୀନରେ ରାୟଗଡା ଜିଲ୍ଲାରେ ଏଯାବତ୍ ୧୪୨୭ଗୋଟି ପ୍ରକଳ୍ପ ହାତକୁ ନିଆଯାଇଥିଲା ଏବଂ ସେଥିମଧ୍ୟରୁ ୭୨୧ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିବା ବେଳେ ୨୪୪ଗୋଟି ପ୍ରକଳ୍ପ କାର୍ଯ୍ୟ ଚାଲୁଥିବା ତଥ୍ୟରେ ଉପସ୍ଥାପନା କରିଛନ୍ତି। ସେହିପରି ରାୟଗଡ଼ା ଜିଲ୍ଲା ଡିଏମଏଫ ପାଣ୍ଠିର ବ୍ୟବହାର ସଂପର୍କରେ ଅର୍ଥ ବିଭାଗ ପକ୍ଷରୁ ଏଯାବତ୍ କୌଣସି ଅଡିଟ୍ କରାଯାଇ ନ ଥିବା ମନ୍ତ୍ରୀ ବିଧାୟକଙ୍କ ପ୍ରଶ୍ନର ଉତର ରଖିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ହଜାର ହଜାର କୋଟି ଟଙ୍କାର ପାଣ୍ଠି ଆଦାୟରେ କାହିଁକି ଅର୍ଥ ବିଭାଗ ପକ୍ଷରୁ ଅଡିଟ୍ କରାଯାଇ ନାହିଁ ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବି ମାନେ ମତ ରଖୁଛନ୍ତି। ରାୟଗଡ଼ା ଜିଲ୍ଲାରେ ଉତ୍କଳ ଆଲୁମିନାର ବାଫଲିମାଳି ବକ୍ସାଇଟ ମାଇନ୍ସ, ପ୍ରଧାନ ଇଣ୍ଡଷ୍ଟ୍ରିଜର ବନ୍ଧମାଣ୍ଡି ଗ୍ରାଫାଇଟ୍ ମାଇନ୍ସ, ଷ୍ଟୋନ ଫିଲ୍ଡସର ବାସିଙ୍ଗ-ଗୋର୍ଜା ଡେକୋରେଟିଭ୍ ଷ୍ଟୋନ ମାଇନ୍ସ,ଟେଡଲିଗୁଡା ଡେକୋରେଟିଭ୍ ଷ୍ଟୋନ ମାଇନ୍ସ,କଂଟ୍ରାବାଲି ଡେକୋରେଟିଭ୍ ଷ୍ଟୋନ ମାଇନ୍ସ, ପାଇକମାଧୋଖୋଲା ଡେକୋରେଟିଭ୍ ଷ୍ଟୋନ ମାଇନ୍ସ, ହିନ୍ଦୁସ୍ଥାନ ମିନିରେଲର ବଡଆଗୁଳ ଡେକୋରେଟିଭ୍ ଷ୍ଟୋନ ମାଇନ୍ସ ସମେତ ଜିଲ୍ଲାର ବିଭିନ୍ନ ତହସିଲ ଅନ୍ତଗର୍ତ ବାଲିଘାଟ ଓ ବିଭିନ୍ନ ଷ୍ଟୋନ କୁଆରୀରୁ ଗତ ୫ବର୍ଷ ମଧ୍ୟରେ ୨୪୪କୋଟି ୬୫ଲକ୍ଷ ୫୦ହଜାର ୬୦୦ଟଙ୍କା ଆଦାୟ ହୋଇଥିବା ତଥ୍ୟରୁ ଜଣାପଡିଛି। ତଥାପି ଜିଲ୍ଲାରେ ଆଜି ବି ଅନେକ ଦୁର୍ଗମ ଅଞ୍ଚଳର ଗ୍ରାମକୁ ନିତିଦିନିଆ ରାସ୍ତା ନ ଥିବା, ପାନୀୟ ଜଳର ଘୋର ସଙ୍କଟ, ଶିକ୍ଷା,ସ୍ୱାସ୍ଥ୍ୟ ଓ ମୌଳିକ ଅଧିକାରକୁ ନେଇ ଗ୍ରାମବାସୀମାନେ ବର୍ଷ ବର୍ଷ ଧରି ସରକାର ତଥା ପ୍ରଶାସନ ଠାରେ ଗୁହାରୀ କରି ନୟାନ୍ତ ହେଉଛନ୍ତି। ରାୟଗଡ଼ା ଜିଲ୍ଲାର ଡିଏମଏଫ ପାଣ୍ଠି ଗତ ତିନି ବର୍ଷ ହେଲା ଖର୍ଚ୍ଚ ହୋଇ ନ ଥିବା ବେଳେ ଏଥି ପୂର୍ବରୁ ରାୟଗଡ଼ା ସହରର କାନ୍ଥ ବାଡ଼ରେ ଚିତ୍ର ଆଙ୍କି ସହରକୁ ସୁନ୍ଦର ଦେଖାଇବା ଆଳରେ ପ୍ରଶାସନ ପାଣ୍ଠି ଅର୍ଥ ଖର୍ଚ୍ଚ କରିଥିବା ବେଳେ ବର୍ତମାନର ନୂତନ ଗାଇଡ୍‌ଲାଇନ ଅନୁଯାୟୀ କେବଳ ଖଣି ପ୍ରଭାବିତ ଅଞ୍ଚଳରେ ଏହି ପାଣ୍ଠି ଖର୍ଚ୍ଚ କରିବାକୁ ନିର୍ଦ୍ଦେଶ ରହିଥିବା ନେଇ ରାୟଗଡା ବିଧାୟକ ଶ୍ରୀ କାଡ୍ରକା କହିବା ସହ ଡିଏମଏଫ ପାଣ୍ଠିର ସଠିକ ବିନିଯୋଗ ପାଇଁ ସେ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି କହିଛନ୍ତି।

### ଇନ୍ଦ୍ରାବତୀ-ନବରଙ୍ଗପୁର ମୁଖ୍ୟରାସ୍ତା ନବୀକରଣ ନିମ୍ନମାନର, ଉଠିଲାଣି ପିଚୁ

## ରାସ୍ତାରୁ ହଟୁନି ବିଦ୍ୟୁତ୍ ଖୁଣ୍ଟ, ଦୁର୍ଘଟଣା ଆଶଙ୍କା

ତେନ୍ତୁଳିଖୁଣ୍ଟି ୨୨।୨(ସମିସ): ନବରଙ୍ଗପୁର ଜିଲ୍ଲା ଠାରୁ ଇନ୍ଦ୍ରାବତୀ ପ୍ରକଳ୍ପ ସହର ପର୍ଯ୍ୟନ୍ତ ତିନୋଟି ପର୍ଯ୍ୟାୟରେ କାର୍ଯ୍ୟ ଜାରି ରହିଛି। ଚରାମୁଳା ଠାରୁ ଇନ୍ଦ୍ରାବତୀ ପର୍ଯ୍ୟନ୍ତ ହୋଇଥିବା ପିଚୁ ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠିଯାଉଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି ତେନ୍ତୁଳିଖୁଣ୍ଟି ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ। ସୂଚନା ଅନୁଯାୟୀ, ଆଉଲିଗୁମା ନିକଟସ୍ଥ ଏକ ସ୍ଥାନରେ ନୂତନ ଭାବେ ହୋଇଥିବା ଏହି ରାସ୍ତାର ପିଚୁ ଉଠି ରାସ୍ତା ନଷ୍ଟ ହୋଇଛି । ନିର୍ମାଣ ଆରମ୍ଭରୁ ରାସ୍ତାର ଏଭଳି ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଅନେକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ, ବୃକ୍ଷ, ପାଇପ୍ ଏୟାର ଭଲବ ଆଦି ପାଇଁ ରାସ୍ତା ସଠିକ ଭାବରେ ରୋଲିଙ୍ଗ ନକରି ପିଚୁ ପକାଯାଇଥିବାରୁ ରାସ୍ତାର ସ୍ଥାୟୀତ୍ୱକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ବିଭାଗୀୟ ସମନ୍ୱୟ ଅଭାବ ହେତୁ କାର୍ଯ୍ୟ ମନ ଇଚ୍ଛା ହେଉଛି । ସମସ୍ତ ବିଭାଗର ଅନୁମତି ନନେଇ କାର୍ଯ୍ୟ ଆରମ୍ଭ ହୋଇ ସାରିବାକୁ ବସିଲାଣି ହେଲେ ରାସ୍ତା ରେ ଥିବା ବୃକ୍ଷ, ପାଇପ ଲାଇନ, ବିଦ୍ୟୁତ ଖୁଣ୍ଟ ଆଦି ହଟା ଯାଇନାହିଁ । ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବା ସହ ପ୍ରଶାସନ ରେ ଢିଲାପଣ ପତିତ ହେଉଥିବା ଚର୍ଚ୍ଚା ହେଉଛି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ସଠିକ୍ ଭାବେ ନିର୍ମାଣ ପାଇଁ ଦାବି ହେଉଛି।

### ସ୍ପିନରଙ୍କ ପ୍ରଭାବରେ ଶ୍ରୀଲଙ୍କା ପରାସ୍ତ

# ଇଂଲଣ୍ଡର କ୍ରମାଗତ ଦ୍ୱାଦଶ ବିଜୟ




ପାଲେକେଲେ,୨୨।୨(ଏଜେନ୍ସି): ସ୍ପିନ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏଠାରେ ରବିବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ର ଦ୍ୱିତୀୟ ସୁପର ଏଇଟସ ମ୍ୟାଚ୍‌ରେ ଇଂଲଣ୍ଡ ୫୧ ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି । ଏହା ଫଳରେ ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ଏହି ମ୍ୟାଚ୍‌କୁ ମିଶାଇ କ୍ରମାଗତ ଦ୍ୱାଦଶ ମୁକାବିଲାରେ ବିଜୟ ହାସଲ କରିଛି । ବିଜୟୀ ଇଂଲଣ୍ଡ ଏହି ମ୍ୟାଚ୍‌ରୁ ପୂରା ୨ ପଏଣ୍ଟ ପାଇଥିଲାବେଳେ ଏଠାରେ ପାକିସ୍ତାନ ସହ ଦ୍ୱିତୀୟ ମ୍ୟାଚ୍ ମଙ୍ଗଳବାର ଖେଳିବ । ସେହିପରି ପରାଜିତ ଶ୍ରୀଲଙ୍କାର ଦ୍ୱିତୀୟ ମୁକାବିଲା ନ୍ୟୁଜିଲାଣ୍ଡ ସହ ବୁଧବାର ଖେଳାଯିବ । ଆଜିର ମୁକାବିଲାରେ ଶ୍ରୀଲଙ୍କା ଇନିଂସରେ ୨୨ ରନ୍ ଦେଇ ୩ଟି ୱିକେଟ ନେଇଥିବା ଇଂଲଣ୍ଡର ୱିଲ ଜ୍ୟାକ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା ।

ସ୍ପିନରଙ୍କୁ ସୁହାଉଥିବା ପାଲେକେଲେ ପିଚ୍‌ରେ ଉଭୟ ଦଳର ବ୍ୟାଟର ଫେଲ୍ ମାରିଥିଲେ । ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଓପନର ଫିଲ ସଲ୍ଟଙ୍କ ୬୨ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୪୬ ରନ୍ କରିଥିଲା । ୱିଲ ଜ୍ୟାକ୍ସ ୨୧ ରନ୍‌ରେ ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲେ । ଶ୍ରୀଲଙ୍କା ପକ୍ଷରୁ ପେସର ୩ଟି ଓ ସ୍ପିନର ୫ଟି ୱିକେଟ ନେଇଥିଲେ । ଦୁନିଥା ୱିଲାଲାଗେ ସର୍ବାଧିକ ୩ଟି, ମାହୀଶ ଥିକ୍‌ସାନା ଓ ପେସର ଦିଲସାନ ମଦୁଶଙ୍କା ୨ଟି ଲେଖାଏଁ ୱିକେଟ ପାଇଥିଲେ । ଜବାବରେ ଇଂଲଣ୍ଡ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନ ପାରି ଶ୍ରୀଲଙ୍କା ୧୬.୪ ଓଭରରେ ୯୫ ରନ୍ କରି ଅଲଆଉଟ ହୋଇଯାଇଥିଲା । ଅଧିନାୟକ ଦାସୁନ ଶାନକା ସର୍ବାଧିକ ୩୦ ରନ୍ କରିଥିଲେ । ଦଳ ପାୱାର ପ୍ଲେ'ରେ ୩୫ ରନ୍‌ରେ ୫ ୱିକେଟ ହରାଇ ମ୍ୟାଚ୍ ହାତଛଡ଼ା କରିଥିଲା । ଇଂଲଣ୍ଡ ପକ୍ଷରୁ ପେସର ୩ଟି ଓ ସ୍ପିନର ୭ଟି ୱିକେଟ ପାଇଥିଲେ । ସ୍ପିନରଙ୍କ ମଧ୍ୟରେ ଜ୍ୟାକ୍ସଙ୍କୁ ସର୍ବାଧିକ ୩ଟି, ଲିଆମ୍ ଡାୱସନ ଓ ଆଦିଲ ରଶିଦ୍‌ଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା । ଏହି ମ୍ୟାଚ୍‌ରେ ୧୯ଟି ୱିକେଟ ପତନ ହୋଇଥିଲାବେଳେ ସ୍ପିନରଙ୍କୁ ୧୨ଟି ମିଳିଥିଲା । ଜଣେ ଖେଳାଳି ରନ୍‌ଆଉଟ ହୋଇଥିଲାବେଳେ ଅନ୍ୟ ସବୁ ଖେଳାଳିଙ୍କୁ ପେସବୋଲରମାନେ ଆଉଟ କରିଥିଲେ ।

### ସୁପର ଏଇଟ୍‌ସରେ ଫ୍ଲପ୍ ଶୋ

# ହାରିଲା ଭାରତ

ଅହମ୍ମଦାବାଦ୍,୨୨।୨(ଏଜେନ୍ସି)





ଡେଭିଡ୍ ମିଲରଙ୍କ ଦାୟିତ୍ୱପୂର୍ଣ୍ଣ ତଥା ଉପଯୋଗୀ ଅର୍ଦ୍ଧଶତକ ଏବଂ ପେସ୍‌ରଙ୍କ ଘାତକ ବୋଲିଂ ବଳରେ ଏଠାରେ ରବିବାର ଅନୁଷ୍ଠିତ ସୁପର ଏଇଟ୍‌ସ ଗ୍ରୁପ୍-୧ ପ୍ରଥମ ମୁକାବିଲାରେ ଦକ୍ଷିଣ ଆଫ୍ରିକା ୭୬ ରନ୍‌ରେ ଭାରତକୁ ପରାସ୍ତ କରିଛି । ଭାରତର ଏହି ଫ୍ଲପ୍ ଶୋ ବଳରେ ଦକ୍ଷିଣ ଆଫ୍ରିକା ଏହି ବିଜୟ ହାସଲ କରିବାରେ ସମର୍ଥ ହୋଇଛି । ଏହା ଫଳରେ ବିଜୟୀ ଦଳ ଗତ ବିଶ୍ୱକପ୍ ଫାଇନାଲ ପରାଜୟର ପ୍ରତିଶୋଧ ନେବାରେ ସମର୍ଥ ହୋଇଛି । ଏହି ଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ହରାଇ ଭାରତ ଚାମ୍ପିଅନ ହୋଇଥିଲା । ସୁପର ଏଇଟ୍‌ର ପ୍ରଥମ ମ୍ୟାଚ୍ ହାରିଯିବା ପରେ ଏବେ ସେମିରେ ପ୍ରବେଶ କରିବାକୁ ହେଲେ ଭାରତକୁ ବାକିଥିବା ଦୁଇଟି ମୁକାବିଲାରେ ନିଶ୍ଚିତ ବିଜୟୀ ହେବାକୁ ପଡ଼ିବ । ଏହି ମ୍ୟାଚ୍ ଦୁଇଟି ଜିମ୍ବାୱେ ସହ ଫେବୃଆରୀ ୨୬ରେ ଓ ୱେଷ୍ଟଇଣ୍ଡିଜ୍ ସହ ମାର୍ଚ୍ଚ ୧ରେ ଖେଳାଯିବ । ଏହି ମ୍ୟାଚ୍‌ରେ ୩୫ ବଲ୍‌ରେ ୬୩ ରନ୍ କରିଥିବା ଦକ୍ଷିଣ ଆଫ୍ରିକାର ଡେଭିଡ୍ ମିଲରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।

ମୋଟେରା ଷ୍ଟାଡିୟମ୍‌ରେ ରବିବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୭ ରନ୍ କରିଥିଲା । ଜବାବରେ ଭାରତ ପ୍ରଥମ ଓଭରରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୮.୫ ଓଭରରେ ୧୧୧ ରନ୍ କରିବାକୁ ସମର୍ଥ ହୋଇଥିଲା । ଦଳ ପକ୍ଷରୁ ଶିବମ ଦୁବେଙ୍କ ୪୨ ରନ୍‌କୁ ବାଦ୍ ଦେଲେ ଅନ୍ୟ କେହି ବେଶି ସମୟ ତିଷ୍ଠି ନ ଥିଲେ । ସୂର୍ଯ୍ୟକୁମାର ଯାଦବ ଓ ହାର୍ଦ୍ଦିକ ପାଣ୍ଡ୍ୟା ୧୮ ରନ୍ ଲେଖାଏଁ ସଂଗ୍ରହ କରିଥିଲେ । ବିସ୍ଫୋରକ ବ୍ୟାଟିଂ କରୁଥିବା ଇଶାନ କିଶାନ ୪ଟି ବଲ୍‌ରେ ୦ ଓ ହ୍ୟାଟ୍ରିକ୍ ଶୂନ୍‌ରେ ଆଉଟ ହୋଇଥିବା ଅଭିଷେକ ଶର୍ମା ଏଠାରେ ୧୨ ବଲ୍‌ରୁ ୧୫ ରନ୍ କରିଥିଲେ । ନିର୍ଭରଯୋଗ୍ୟ ତିଲକ ବର୍ମା ୧ ଓ ରିଙ୍କୁ ସିଂ ୦ ରନ୍‌ରେ ଆଉଟ ହୋଇଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ମାର୍କୋ ଜାନସେନ୍ ସର୍ବାଧିକ ୪ଟି, ବାମହାତୀ ସ୍ପିନର କେଶବ ମହାରାଜ ୩ଟିଓ କୋର୍ବିନ ବୋଶ୍ଚ ୨ଟି ୱିକେଟ ଅକ୍ତିଆର କରିଥିଲେ ।

### ବୁମ୍‌ରାଙ୍କ ରେକର୍ଡ

ଟି-୨୦ ବିଶ୍ୱକପ୍ ଇତିହାସରେ ଯଶପ୍ରୀତ ବୁମ୍‌ରା ଭାରତର ସର୍ବାଧିକ ୱିକେଟ୍ ହାସଲକାରୀ ବୋଲର ହୋଇଛନ୍ତି । ରବିବାର ଏଠାରେ ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ସୁପର୍-୮ ମ୍ୟାଚରେ ବୁମରା ଏହି କୀର୍ତ୍ତିମାନ କରିଛନ୍ତି । ଏହି ମ୍ୟାଚରେ ବୁମରା ୪ ଓଭର ବୋଲିଂ କରି ମାତ୍ର ୧୫ ରନ ବ୍ୟୟରେ ଆଫ୍ରିକାର ୩ଜଣ ବ୍ୟାଟରଙ୍କୁ ପ୍ୟାଭିଲିୟନ ଫେରାଇଥିଲେ । ଫଳରେ ଟି-୨୦ ବିଶ୍ୱକପ୍‌ରେ ତାଙ୍କ ୱିକେଟ୍ ସଂଖ୍ୟା ୩୩ରେ ପହଞ୍ଚିଛି । ୨୨ତମ ଇନିଂସରେ ସେ ଏହି ମାଇଲଖୁଣ୍ଟ ଛୁଇଁଛନ୍ତି । ପୂର୍ବରୁ ଟି-୨୦ ବିଶ୍ୱକପ୍‌ରେ ରବିଚନ୍ଦ୍ରନ ଅଶ୍ୱିନ ଭାରତର ସବୁଠୁ ସଫଳ ବୋଲର ରହିଥିଲେ । ସେ ୨୪ଟି ଇନିଂସରୁ ୩୨ଟି ୱିକେଟ୍ ନେଇଥିଲେ । ଏବେ ବୁମରା ତାଙ୍କୁ ପଛରେ ପକାଇ ଦେଇଥିବାବେଳେ ଅର୍ଶଦୀପ୍ ମଧ୍ୟ ଏହି ରେକର୍ଡର ସମକକ୍ଷ ହୋଇଛନ୍ତି । ଅର୍ଶଦୀପ୍ ରବିବାର ୨ଟି ୱିକେଟ୍ ପାଇଥିଲେ । ଏଥିସହ ଅର୍ଶଦୀପ୍ ବିଶ୍ୱକପ୍‌ରେ ୧୮ଟି ଇନିଂସରେ ୩୨ଟି ୱିକେଟ ନେଇଛନ୍ତି ।

### ସଂକ୍ଷିପ୍ତ ସ୍କୋର

**ଦକ୍ଷିଣ ଆଫ୍ରିକା**: ୧୮୭/୭, ୨୦ ଓଭର (ଡେଭିଡ ମିଲର-୬୩, ଡିୱାଲ୍ଡ ବ୍ରେଭିସ୍-୪୫, ଟ୍ରିଷ୍ଟାନ ଷ୍ଟବ୍ସ-ଅପରାଜିତ ୪୪, ଯଶପ୍ରୀତ୍ ବୁମ୍‌ରା-୩/୧୫, ଅର୍ଶଦୀପ ସିଂହ-୨/୨୮) ।
**ଭାରତ**: ୧୧୧/୧୦, ୧୮.୫ ଓଭର (ଶିବମ ଦୁବେ-୪୨, ସୂର୍ଯ୍ୟକୁମାର-୧୮, ହାର୍ଦ୍ଦିକ ପାଣ୍ଡ୍ୟା-୧୮, ମାର୍କୋ ଜାନ୍‌ସେନ୍-୪/୨୨, କେଶବ ମହାରାଜ-୩/୨୪, କର୍ବିନ ବୋଶ୍ଚ-୨/୧୨) ।


### ଆଜିର ସୁପର ଏଇଟ୍‌ସ ମ୍ୟାଚ୍

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
|---|---|---|
| ଜିମ୍ବାୱେ-ୱେଷ୍ଟଇଣ୍ଡିଜ୍ | ରାତି ୭ଟା | ମୁମ୍ବଇ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

# ୫୦ ମିନିଟ୍‌ରେ କତାର ଓପନ୍ ଜିତିଲେ ଆଲ୍‌କାରାଜ

ଦୋହା, ୨୨।୨ (ଏଜେନ୍ସି): ସ୍ପାନିଶ ତାରକା କାର୍ଲୋସ ଆଲ୍‌କାରାଜ ଏଠାରେ ଚାଲିଥିବା କତାର ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୪ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି । ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆଲ୍‌କାରାଜ ୬-୨, ୬-୧ ସିଧାସଳଖ ଗେମରେ ଫ୍ରାନ୍ସର ଆର୍ଥର ଫାଇଲ୍ସଙ୍କୁ ପରାସ୍ତ କରିଥିଲେ । ସାତଥରର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ଆଲ୍‌କାରାଜଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ମାତ୍ର ୫୦ ମିନିଟ୍ ସମୟ ଲାଗିଥିଲା । ଗତ ମାସରେ ଅଷ୍ଟ୍ରେଲିଆନ୍ ଓପନ୍‌ରେ ଟାଇଟଲ୍ ଜିତିଥିବା ଆଲ୍‌କାରାଜଙ୍କ କ୍ୟାରିୟରର ଏହା ୨୬ତମ ଟ୍ରଫି । ଗତବର୍ଷ ସେ ଏଠାରେ କ୍ୱାର୍ଟର ଫାଇନାଲରେ ହାରି ବିଦାୟ ନେଇଥିଲେ ।



### ପ୍ରୋ-ଲିଗ୍ ହକି

# ସୁଟ୍‌ଆଉଟରେ ହାରିଲା ଭାରତ

ହୋବାର୍ଟ,୨୨।୨(ଏଜେନ୍ସି): ଅଷ୍ଟ୍ରେଲିଆ ନିକଟରୁ ସୁଟ୍‌ଆଉଟରେ ପରାଜିତ ହୋଇଛି ଭାରତ । ଏଠାରେ ରବିବାର ଖେଳାଯାଇଥିବା ପ୍ରୋ-ଲିଗ୍‌ର ୬ଷ୍ଠ ମୁକାବିଲାରେ ଭାରତକୁ ୪-୫ ଗୋଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଛି । ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ସମାନସ୍ତରରେ ରହିଥିଲା । ସୁଟ୍‌ଆଉଟରେ କିନ୍ତୁ ଭାରତ ଗୋଟିଏ କମ୍ ଗୋଲ ସ୍କୋର କରିବା ଫଳରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା । ଏହା ଫଳରେ ପ୍ରୋ-ଲିଗ୍ ହକିରେ ଭାରତ କ୍ରମାଗତ ୬ଷ୍ଠ ପରାଜୟ ବରଣ କରିଛି । ରାଉରକେଲା ଲେଗ୍‌ରେ ଭାରତ ୪ଟି ଯାକ ମ୍ୟାଚ୍‌ରେ ଓ ଗତକାଲି ସ୍ପେନ୍ ନିକଟରୁ ୨-୦ ଗୋଲରେ ଭାରତ ହାରିଯାଇଥିଲା । ପ୍ରୋ-ଲିଗ୍‌ରେ ଭାରତର ଏହା ସବୁଠାରୁ ନିକୃଷ୍ଟତମ ପ୍ରଦର୍ଶନ । ଖେଳାଳିଙ୍କ ଆହତ ସମସ୍ୟା, ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତୀୟ ହକି ଦଳ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାରେ ଅସମର୍ଥ ହୋଇଛି ।

### ରାଇଜିଂଷ୍ଟାର୍ସ ମହିଳା ଏସିଆ କପ୍

# ବାଂଲାକୁ ହରାଇ ଭାରତ ଚାମ୍ପିଅନ




ବ୍ୟାଙ୍କକ୍,୨୨।୨(ଏଜେନ୍ସି): ଭାରତ-ଏ' ଏଠାରେ ରବିବାର ଅନୁଷ୍ଠିତ ରାଇଜିଂଷ୍ଟାର୍ସ ମହିଳା ଏସିଆ କପ୍ କ୍ରିକେଟ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଏହା ଫଳରେ ଭାରତ କ୍ରମାଗତ ଟାଇଟଲ ଜିତିବାରେ ସମର୍ଥ ହୋଇଛି । ବ୍ୟାଙ୍କକ୍‌ର ଟର୍ଡଥାଇ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ୧୩୪ରନ୍ର ସ୍କୋରକୁ ରାଧା ଯାଦବଙ୍କ ନେତୃତ୍ୱରେ ଗଠିତ ଭାରତ-ଏ' ଦଳ ଡିଫେଣ୍ଡ କରିବାରେ ସମର୍ଥ ହୋଇଛି । ଭାରତ ପ୍ରଦତ୍ତ ୧୩୫ ରନ୍‌ର ଟାର୍ଗେଟ୍‌କୁ ପିଛା କରି ବାଂଲାଦେଶ-ଏ' ୧୯.୧ ଓଭରରେ ୮୮ ରନ୍ କରି ଅଲଆଉଟ ହୋଇଯାଇଥିଲା । ଭାରତ ପକ୍ଷରୁ ପ୍ରେମା ରାୱତ ୩ଟି, ତନୁଜା କନୱର ଓ ସୋନିଆ ମେଢ଼ିଆ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ବାଂଲା ପକ୍ଷରୁ ୪ଜଣ ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ଶମିମା ସୁଲତାନା ସର୍ବାଧିକ୨୦ ଓ ଶର୍ମିନ ସୁଲତାନା ୧୮ ରନ୍ କରିଥିଲେ । ପୂର୍ବରୁ ଭାରତ ଇନିଂସରେ ତେଜଲ ହସନବିସ ସର୍ବାଧିକ ୫୨ ରନ୍ କରିଥିଲେ । ଏଥିଲାଗି ତାଙ୍କୁ ୩୪ବଲ୍‌ର ସମ୍ମୁଖୀନ ହେବାକୁ ପଡ଼ିଥିଲା ଓ ଏଥିରେ ସେ ୩ଟି ଚୌକା ଓ ୨ଟି ଛକା ମାରିଥିଲେ । ଅଧିନାୟିକା ରାଧା ଯାଦବ ୩୦ ବଲ୍‌ରେ ୩୬ ଓ ଦୀନେଶ ବ୍ରିନ୍ଦା ୧୯ ରନ୍ କରି ଦୁଇଅଙ୍କ ଛୁଇଁଥିଲେ । ବାଂଲା ଅଧିନାୟିକା ଫହିମ ଖାତୁନଙ୍କୁ ୪ଟି ୱିକେଟ ମିଳିଥିଲା । ଏହି ଫଳାଫଳ ପରେ କ୍ରମାଗତ ଦ୍ୱିତୀୟଥର ଲାଗି ଭାରତ ଚାମ୍ପିଅନ ଓ ବାଂଲାଦେଶ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ସେମିରେ ଶ୍ରୀଲଙ୍କାକୁ ଭାରତ ଓ ପାକିସ୍ତାନକୁ ବାଂଲାଦେଶ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ ।

### ବଧିର ଏସିଆ କପ୍

# ନେପାଳକୁ ହରାଇଲା ଶ୍ରୀଲଙ୍କା

ଭୁବନେଶ୍ୱର, ୨୨।୨ (ସମିସ): କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ନେପାଳ ବିପକ୍ଷରେ ଶ୍ରୀଲଙ୍କା କ୍ରମାଗତ ୨ୟ ବିଜୟ ହାସଲ କରିଛି । ରବିବାର ଅନୁଷ୍ଠିତ ଏକ ରାଉଣ୍ଡ-ରବିନ ମ୍ୟାଚରେ ଶ୍ରୀଲଙ୍କା ୧୫୭ ରନରେ ନେପାଳକୁ ହରାଇଦେଇଛି । ଗତକାଲି ମଧ୍ୟ ନେପାଳ ୬ ୱିକେଟ୍‌ରେ ଶ୍ରୀଲଙ୍କା ନିକଟରୁ ପରାସ୍ତ ହୋଇଥିଲା । ରବିବାର ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୪ ରନ କରିଥିଲା । ଦଳ ପକ୍ଷରୁ ଗିମାଦୁ ମାଲକମ୍ ୮୮ ଓ ଦିନୁକା ସଚିନ ୪୯ ରନ କରିଥିଲେ । ନେପାଳର ଅଭିଷେକ ମିଶ୍ରଙ୍କୁ ୨ଟି ୱିକେଟ୍ ମିଳିଥିଲା । ଜବାବରେ ନେପାଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୩.୫ ଓଭରରେ ମାତ୍ର ୪୭ ରନ କରି ଅଲ୍‌ଆଉଟ ହୋଇଯାଇଥିଲା । ଲାସିଦୁ ଡି ସିଲଭା ୫ଟି ୱିକେଟ୍ ନେଇ ଶ୍ରୀଲଙ୍କାକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ବ୍ୟାଟିଂରେ ୮୮ ରନ କରିଥିବା ମାଲକମ୍ ବୋଲିଂରେ ମଧ୍ୟ ନେପାଳର ୪ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ । ମାଲକମ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।




# ବିହାରୀଲାଲ୍ କ୍ରିକେଟ୍ ଜିତିଲା ରାମେଶ୍ୱର ସ୍ପୋର୍ଟିଂ



ଭୁବନେଶ୍ୱର, ୨୨।୨ (ସମିସ): ବିହାରୀଲାଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୨୭ତମ ସଂସ୍କରଣରେ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ ହୋଇଛି । ରବିବାର ପୋଖରୀପୁଟ ବିହାରୀଲାଲ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲରେ ରାମେଶ୍ୱର ୩ ୱିକେଟରେ କିଶୋର କ୍ଲବକୁ ହରାଇଦେଇଛି । ବିଜୟୀ ଦଳର ବାବୁସାନ ମାଝି(୩୨ ରନ ଓ ୨ ୱିକେଟ) ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ସେହିଭଳି ଭେଟେରାନ ବର୍ଗରେ କିଶୋର କ୍ଲବ ଟାଇଟଲ୍ ହାସଲ କରିଛି । ଫାଇନାଲରେ କିଶୋର କ୍ଲବ ୪ ୱିକେଟରେ ପୁରୀର ଜେପି ବ୍ଲାଷ୍ଟର୍ସକୁ ହରାଇଥିଲା । ୧୮ ବଲରେ ୪୮ ରନ ସହ ବୋଲିଂରେ ଗୋଟିଏ ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିବା ଆରୁଷ ଦାସ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ । ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଓ ରନର୍ସଅପ୍ ଦଳକୁ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଓ ଓଡ଼ିଶା ଅଲିମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତି, ପୂର୍ବତନ କ୍ରିକେଟର୍ ରଶ୍ମିରଞ୍ଜନ ପରିଡ଼ା, ପ୍ରଭଞ୍ଜନ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ । ଆୟୋଜକ ଟ୍ରଷ୍ଟର ସଭାପତି ଅକ୍ଷୟ କୁମାର ଜେନା, ତୋଫାନ ସାମନ୍ତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା କ୍ରିକେଟ

# ସୁନ୍ଦରଗଡ଼, ନୟାଗଡ଼, ମାଲକାନଗିରି ବିଜୟୀ



ବିଶ୍ୱଜିତ ପ୍ରଧାନ



ୱାଲ୍‌ଟର ଟପ୍ପୋ

ଭୁବନେଶ୍ୱର, ୨୨।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍‌ରେ ରବିବାର ୮ଟି ମ୍ୟାଚ୍ ଖେଳାଯାଇଥିଲା । ଏଥିରେ ସୁନ୍ଦରଗଡ଼, ନୟାଗଡ଼, ମାଲକାନଗିରି, ପୂର୍ବତଟ ରେଳବାଇ, ନବରଙ୍ଗପୁର, ଖୋର୍ଦ୍ଧା, ଭୁବନେଶ୍ୱର-ଏ, ଯାଜପୁର ବିଜୟୀ ହୋଇଛି । ସୁନ୍ଦରଗଡ଼ ୫ ୱିକେଟରେ କେନ୍ଦ୍ରାପଡ଼ାକୁ, ନୟାଗଡ଼ ୮୪ ରନରେ ସମ୍ବଲପୁର-ବି'କୁ, ନବରଙ୍ଗପୁର ୯୨ ରନରେ ଢେଙ୍କାନାଳକୁ, ରେଳବାଇ ୩ ୱିକେଟରେ କଟକ-ବି'କୁ, ଖୋର୍ଦ୍ଧା ୫୧ ରନରେ ସୋନପୁରକୁ , ଭୁବନେଶ୍ୱର-ଏ ୨୨୦ ରନରେ ଦେଓଗଡ଼କୁ, ଯାଜପୁର ୭ ୱିକେଟରେ କୋରାପୁଟକୁ ଓ ମାଲକାନଗିରି ୭ ୱିକେଟରେ ବୌଦ୍ଧକୁ ପରାସ୍ତ କରିଛି ।

### ସଦାନନ୍ଦ ସ୍କୁଲ ଓପନ ଚେସ୍

# ଆରିଶନନ୍ଦ ଗୋସ୍ୱାମୀ ଚାମ୍ପିଅନ



ଭୁବନେଶ୍ୱର,୨୨।୨(ସମିସ): ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ୫ମ ସଦାନନ୍ଦ ସ୍ୱାଇଁ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ମୁକାବିଲା ଶେଷରେ ୫ଜଣ ଖେଳାଳି ସମାନ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । କିନ୍ତୁ ଟାଇବ୍ରେକରରେ ଆରିଶନନ୍ଦ ପ୍ରଥମସ୍ଥାନ ଅଧିକାର କରି ଟାଇଟଲ କବ୍‌ଜା କରିଥିଲେ । କେଭି ନଂ-୧'ର ଆୟୁଷ୍ମାନ ବେହେରା ରନର୍ସଅପ୍, ନୂଆପଲ୍ଲୀ ନାରାୟଣ ଇ-ଟେକ୍ନୋ ସ୍କୁଲ୍‌ର ଆୟାବନ୍ତ ମହାନ୍ତି ତୃତୀୟ, କେଭି ନଂ-୧'ର ସ୍ୱସ୍ତିକ ବେହେରା ଚତୁର୍ଥ ଓ ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆତୀଶନନ୍ଦ ଗୋସ୍ୱାମୀ ୫ମ ସ୍ଥାନ ଅଧିକାର କରିଥିଲେ । ରୟାଲ ପବ୍ଲିକ୍ ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଭୁବନେଶ୍ୱର ଆଇଆଇଟିର ଆସୋସିଏଟ ପ୍ରଫେସର ଡଃ. ଶ୍ରୀନିବାସ ରାମାନୁଜମ କାନନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ । ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ ।

### ପୁଅକୁ ୪ କୋଟିର କାର୍ ଉପହାର ଦେଲେ ପାଣ୍ଡ୍ୟା

ମୁମ୍ବଇ, ୨୨।୨ (ଏଜେନ୍ସି): ଭାରତୀୟ ଦଳର ତାରକା ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ପୂର୍ବତନ ପତ୍ନୀ ନତାଶା ଷ୍ଟାଙ୍କୋଭିଚ୍ ଓ ପୁଅ ଅଗସ୍ତ୍ୟାକୁ ଏକ ଦାମୀ କାର ଉପହାର ଦେଇଛନ୍ତି । ଲ୍ୟାଣ୍ଡ ରୋଭର ଡିଫେଣ୍ଡରର ଏହି ବିଳାସପୂର୍ଣ୍ଣ କାରର ମୂଲ୍ୟ ୪ କୋଟି ଟଙ୍କା ହେବ ବୋଲି ରିପୋର୍ଟରେ କୁହାଯାଇଛି । ସୋସିଆଲ୍ ମିଡିଆରେ ଏହାର ଫଟୋ ଖୁବ ଭାଇରାଲ୍ ହୋଇଛି । ଉଲ୍ଲେଖଯୋଗ୍ୟ, ୨୦୨୦ରେ ସର୍ବିଆ ସୁନ୍ଦରୀ ନାତାଶାଙ୍କ ସହ ପାଣ୍ଡ୍ୟାଙ୍କ ବିବାହ ହୋଇଥିଲା । ଏହାପରେ ୨୦୨୪ରେ ଉଭୟଙ୍କ ବିବାହ ବିଚ୍ଛେଦ ଘଟିଥିଲା । ପାଣ୍ଡ୍ୟାଙ୍କ 'ଅଗସ୍ତ୍ୟା' ନାମକ ୫ ବର୍ଷର ପୁତ୍ର ସନ୍ତାନ ରହିଛି । ବିଚ୍ଛେଦ ପରେ ଉଭୟ ପାଣ୍ଡ୍ୟା ଓ ନତାଶା ମିଳିତ ଭାବେ ଅଗସ୍ତ୍ୟାର ଲାଳନପାଳନ କରୁଛନ୍ତି ।

### ତମାଣ୍ଡୋ ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଟିସିସିକୁ ହରାଇ ଆଦିତ୍ୟ ଏକାଦଶ ଚାମ୍ପିଅନ

ଭୁବନେଶ୍ୱର,୨୨।୨(ସମିସ)




ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି) ଆନୁକୂଲ୍ୟରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ ଆଜି ଶେଷ ହୋଇଯାଇଛି । ଆଜି ଅନୁଷ୍ଠିତ ଫାଇନାଲରେ ଟିସିସିକୁ ୪ ୱିକେଟରେ ହରାଇ ଆଦିତ୍ୟ ଏକାଦଶ ନୂଆ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଫାଇନାଲରେ ମାତ୍ର ୨୩ଟି ବଲ୍‌ରୁ ୩ଟି ଚୌକା ଓ ୯ଟି ଛକା ସହ ଅପରାଜିତ ୭୨ ରନ୍ କରିଥିବା ବିଜୟୀ ଦଳର ଆୟୂଷ ଖ୍ରୀଷ୍ଟୋଫରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପରାଜିତ ଟିସିସି ପକ୍ଷରୁ ୧୯୦ ରନ୍ କରିବା ସହ ୫ଟି ୱିକେଟ ନେଇଥିବା ଅତୁଲ ସରୱାରଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି । ଟିସିସିର ୩ ଖେଳାଳି ଅତୁଲଙ୍କୁ ଶ୍ରେଷ୍ଠ ବ୍ୟାଟର, ୭ଟି ୱିକେଟ ନେଇଥିବା ସୁଶିଲ ବାରିକଙ୍କୁ ଶ୍ରେଷ୍ଠ ବୋଲର ଓ କ୍ଷମାସାଗର ବଳଙ୍କୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ କରାଯାଇଛି । ଚାମ୍ପିଅନ ଆଦିତ୍ୟ ଏକାଦଶକୁ ଟ୍ରଫି ସହ ୧ ଲକ୍ଷ ୫୦,୦୦୦ ଓ ରନର୍ସଅପ୍ ଟିସିସିକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା ।

ତମାଣ୍ଡୋ କ୍ରିକେଟ ପଡ଼ିଆରେ ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଟିସିସି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୬ ରନ୍ କରିଥିଲା । ଦଳର ଟପ୍ ଅର୍ଡର ବ୍ୟାଟର ବିଫଳ ହୋଇଥିଲାବେଳେ ୯ ନମ୍ବର ବ୍ୟାଟର ରାକେଶ ପଟ୍ଟନାୟକଙ୍କ ଅପରାଜିତ ୪୨ ଓ ଆକାଶ ମହାପାତ୍ରଙ୍କ ୨୮ ରନ୍ ସହାୟତାରେ ତମାଣ୍ଡୋ ସମ୍ମାନଜନକ ସ୍କୋର କରିଥିଲା । ପ୍ରତିପକ୍ଷ ଦଳର ସତ୍ୟକାମ ଭରଦ୍ୱାଜ ୩ଟି, ଆନନ୍ତ ଭରଦ୍ୱାଜ, ଅନିକେଥ ସିଂ ଓ ଅମର ଦାସ ୨ଟି ଲେଖାଏଁ ୱିକେଟ ପାଇଥିଲେ । ଜବାବରେ ୧୮୭ ରନ୍‌ର ଟାର୍ଗେଟକୁ ପିଛା କରି ଆଦିତ୍ୟ ଏକାଦଶ ମଧ୍ୟ ଅନୁରୂପ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । କିନ୍ତୁ ନଂ-୭ ବ୍ୟାଟର ଆୟୂଷ ଖ୍ରୀଷ୍ଟୋଫର ୨୩ ବଲ୍‌ରେ ଅପରାଜିତ ୭୨ ଓ ବିକ୍ରମ ସାମଲ ଅପରାଜିତ ୨୩ ରନ୍ କରିବା ଫଳରେ ୮ଟି ବଲ୍ ବାକିଥାଇ ଆଦିତ୍ୟ ଏକାଦଶ ଏହି ମ୍ୟାଚ୍‌କୁ ୬ ୱିକେଟ ବିନିମୟରେ ଜିତିନେଇଥିଲା । ଟିସିସିର ରାମଚନ୍ଦ୍ର ବେହେରା, ଅତୁଲ ସରୱାର ଓ ସୁପ୍ରିୟୋ ଚକ୍ରବର୍ତ୍ତୀ ୨ଟି ଲେଖାଏଁ ୱିକେଟ ନେଇଥିଲେ । ସୌମେନ୍ଦ୍ର ପାତ୍ର ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ । ସୁଶିଲ ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ ।

ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ଏମ୍‌ପି ଅପରାଜିତ ଷଡଙ୍ଗୀ ମୁଖ୍ୟ ଅତିଥି, ବିଶ୍ୱରଞ୍ଜନ ବଡଜେନା ମୁଖ୍ୟ ବକ୍ତା, ଭୁବନେଶ୍ୱର ବ୍ଲକ୍ ଚେୟାରମ୍ୟାନ୍ ନିରୂପମା ସାହୁ, କୁବେର ନେଷ୍ଟ ଏମ୍‌ଡି ଶିଶିର କୁମାର ବେହେରା, ଟିସିସି ସଭାପତି ଆଶିଷ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS